# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୮/୨୦୨୦ (୧୨ ପୃଷ୍ଠା) | Bhubaneswar, Friday, August 28/2020 | ★★★★

୪୬ଶ ଭାଗ ୨୭୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




## ମା' ହେବାକୁ ଯାଉଛନ୍ତି ଅନୁଷ୍କା

ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ଏବେ ଗର୍ଭବତୀ ଅଛନ୍ତି। ତାଙ୍କ ଘରକୁ ଜାନୁୟାରୀରେ ଜଣେ ନୂଆ ଅତିଥି ଆସିବେ। ଏହି ଅତିଥି ହେଉଛନ୍ତି ସେମାନଙ୍କ ପ୍ରଥମ ସନ୍ତାନ।

୧୦ ୧୧

## ପୋଗ୍‌ବା କରୋନା ପଜିଟିଭ୍

ଫ୍ରାନ୍ସ ମିଡ୍‌ଫିଲ୍ଡର ପଲ୍ ପୋଗ୍‌ବା କରୋନା ପଜିଟିଭ ଜଣାପଡ଼ିବା ପରେ ଜାତୀୟ ଫୁଟ୍‌ବଲ ଦଳରୁ ବାଦ୍ ପଡ଼ିଛନ୍ତି।



# ଧୋଇନେଲା ଲଘୁଚାପ

- ୩ଦିନ ଛେଚି ଝାଡ଼ଖଣ୍ଡ ଗଲା
- ଉତ୍ତର ଓଡ଼ିଶା ଉବୁଟୁବୁ
- ଛତିଶଗଡ଼ ବର୍ଷା ମହାନଦୀକୁ ବିପଦ
- ଫୁଲୁଛି ମହାନଦୀ: ବିପଦ ସଙ୍କେତ ଉପରେ ବ୍ରାହ୍ମଣୀ, ବୈତରଣୀ
- ମଧ୍ୟମ ଧରଣର ବନ୍ୟା ଆଶଙ୍କା: ଏସ୍‌ଆର୍‌ସି



ଭଦ୍ରକ ଜିଲା ଧାମନଗର ବ୍ଲକ ଗେଙ୍ଗୁଟି ନଦୀର ଦୋବଲ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି।



କଟକ ଜିଲା ବଡ଼ମ୍ବାସ୍ଥିତ ଭଟ୍ଟାରିକା ମନ୍ଦିରରେ ବନ୍ୟାଜଳ ପ୍ରବେଶ କରିଛି।

ଭୁବନେଶ୍ୱର,୨୭।୮ (ବ୍ୟୁରୋ)

ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଗୁରୁବାର ଝାଡ଼ଖଣ୍ଡ ଉପରକୁ ଚାଲିଯାଇଛି। ଦକ୍ଷିଣ ପଶ୍ଚିମ ଝାଡ଼ଖଣ୍ଡ ଅଞ୍ଚଳରେ କେନ୍ଦ୍ରୀଭୂତ ହୋଇଛି। ଛତିଶଗଡ଼ରେ ଗୁରୁବାର ସକାଳୁ ବର୍ଷା ଲାଗିରହିଛି। ରାଜ୍ୟରେ ପ୍ରବଳ ବର୍ଷା ଆଶଙ୍କା ଦୂର ହୋଇଛି। ଏଥିଯୋଗୁ ଗତ ୩ ଦିନ ଧରି ରାଜ୍ୟରେ ପ୍ରବଳ ବର୍ଷା ହେଲା। କିନ୍ତୁ ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ମହାନଦୀ ଉପର ମୁଣ୍ଡରେ ପ୍ରବଳ ବର୍ଷା ଲାଗିରହିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଏଚ.ଆର. ବିଶ୍ୱାସ କହିଛନ୍ତି। ଏହି ବର୍ଷା ମହାନଦୀ ଓ ଏହାର ଶାଖାନଦୀ ପାଇଁ ବିପଦ ସୃଷ୍ଟି କରିବା ସମ୍ଭାବନା ରହିଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ହୀରାକୁଦରୁ ପ୍ରତି ସେକେଣ୍ଡରେ ୫ ଲକ୍ଷ ୫୬ ହଜାର କ୍ୟୁସେକ୍ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ୧୮ ଗେଟ୍ ଦେଇ ପ୍ରତି ସେକେଣ୍ଡରେ ୨ ଲକ୍ଷ ୯୮ ହଜାର ୮୦୦ କ୍ୟୁସେକ୍ ଜଳ ମହାନଦୀକୁ ଛଡ଼ାଯାଉଛି। ଗୁରୁବାର ମହାନଦୀର ଖଇରାମାଳରେ ପ୍ରତି ସେକେଣ୍ଡରେ ୪ ଲକ୍ଷ ୯୦ ହଜାର ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ବେଳେ ମୁଣ୍ଡଳୀରେ ୭ ଲକ୍ଷ ୨୫ ହଜାର ଏବଂ ବରମୂଳରେ ୭ ଲକ୍ଷ ୮୨୫୦ ଘନଫୁଟ୍ ଜଳ ପ୍ରବାହିତ ହେଉଛି। ହୀରାକୁଦ ପାଣି ଛାଡୁଥିବାରୁ ମହାନଦୀର ଶାଖା ନଦୀଗୁଡ଼ିକରେ ବନ୍ୟା ସମ୍ଭାବନା ବଢିଯାଇଛି। ସେହିପରି ଲଘୁଚାପ ଯୋଗୁ ରାଜ୍ୟର ୫ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବ୍ରାହ୍ମଣୀ ନଦୀର ଚମ୍ପୁଆ, ଆନନ୍ଦପୁର ଓ ଆଖୁଆପଦାରେ ବନ୍ୟା ଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସେହିପରି ସୁବର୍ଣ୍ଣରେଖା ନଦୀର ଜାମଶୋଳା ଘାଟରେ, ବୁଢ଼ାବଳଙ୍ଗ ନଦୀର ଏନ୍‌ଏଚ୍-୫ ଗୋବିନ୍ଦପୁରଠାରେ ଏବଂ ଜଳକା ନଦୀର ମଥାନୀଠାରେ ବନ୍ୟା ଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବୈତରଣୀ ନଦୀର ରେଙ୍ଗାଲୀ, ତାଳଚେର ଓ ଜେନାପୁରଠାରେ ବନ୍ୟା ଜଳ ବୃଦ୍ଧି ପାଇବାରେ ଲାଗିଛି। ବଂଶଧାରା, ଋଷିକୁଲ୍ୟା ଓ ଦେବୀ ନଦୀରେ ବନ୍ୟା ଜଳ ବୃଦ୍ଧି ପାଇବାରେ ଲାଗିଛି। ବର୍ଷା କମିଯାଇଥିବାରୁ କେତେକ ନଦୀରେ ମଧ୍ୟମ ଧରଣର ବନ୍ୟା ଆଶଙ୍କା ରହିଛି।

ସେହିପରି ସୁବର୍ଣ୍ଣରେଖା ଓ ବୈତରଣୀରେ ମଧ୍ୟମ ଧରଣର ବନ୍ୟା ସମ୍ଭାବନା ରହିଛି। ବୁଢ଼ାବଳଙ୍ଗ ଅବବାହିକାରେ ବନ୍ୟା ହୋଇଛି ବୋଲି ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା କହିଛନ୍ତି। ଝାଡ଼ଖଣ୍ଡ ଗାଲୁଡିହ ବ୍ୟାରେଜରୁ ଗୁରୁବାର ସକାଳେ ୭,୩୧୨ କ୍ୟୁସେକ୍ ଜଳ ଛଡ଼ାଯାଇଛି। ଶୁକ୍ରବାର ସକାଳ ୬ଟାରେ ଏହି ପାଣି ରାଜଘାଟଠାରେ ପହଞ୍ଚିବ। ସେତେବେଳେ ନଦୀର ଜଳସ୍ତର ୧୨ ମିଟରରେ ପହଞ୍ଚିବ। ଏହି କାରଣରୁ ମଧ୍ୟମ ଧରଣର ବନ୍ୟା ହୋଇପାରେ ବୋଲି ଏସ୍‌ଆର୍‌ସି କହିଛନ୍ତି। ପରିସ୍ଥିତି ଉପରେ ଦୃଷ୍ଟି ରଖିବାକୁ ବାଲେଶ୍ୱର ଜିଲାପାଳଙ୍କୁ କୁହାଯାଇଛି। ବିଶେଷ କରି ନଦୀବନ୍ଧ ଉପରେ ନଜର ରଖିବା ଓ ଲୋକମାନଙ୍କୁ ସ୍ଥାନାନ୍ତର କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏସ୍‌ଆର୍‌ସି ସୂଚନା ଦେଇଛନ୍ତି।

ଲଘୁଚାପ ଯୋଗୁ ରାଜ୍ୟର ସମସ୍ତ ୩୦ ଜିଲାରେ ପ୍ରବଳ ବର୍ଷା ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ☞ପୃଷ୍ଠା-୪

## ପେଟ୍ରୋଲ ପୁଣି ୧୦ ପଇସା ବଢ଼ିଲା

ଭୁବନେଶ୍ୱର,୨୭।୮: ଚଳିତ ମାସରେ ପେଟ୍ରୋଲ ଦର ବୃଦ୍ଧିରେ ବିରତି ଲାଗି ପାରୁନାହିଁ। ଚଳିତ ସପ୍ତାହ ବୁଧବାର ଦର ବୃଦ୍ଧି ହୋଇ ନ ଥିବା ବେଳେ ଗୁରୁବାର ଭୁବନେଶ୍ୱରରେ ପେଟ୍ରୋଲ ଦର ପୁଣି ଥରେ ୧୦ ପଇସା ବଢ଼ିଛି। ଏଠାରେ ପେଟ୍ରୋଲ ଲିଟର ପିଛା ୮୨.୩୮ ଟଙ୍କାକୁ ବଢ଼ିଛି। ସେହିଭଳି ଡିଜେଲ ଦର ଅପରିବର୍ତ୍ତିତ ୮୦.୦୩ ଟଙ୍କା ରହିଛି। ଭୁବନେଶ୍ୱରରେ ଉଭୟ ପେଟ୍ରୋଲ ଏବଂ ଡିଜେଲ ଦର ନୂଆଦିଲ୍ଲୀଠାରୁ ଉର୍ଦ୍ଧ୍ୱରେ ରହିଛି। ଗତ ୧୨ ଦିନ ମଧ୍ୟରେ ପେଟ୍ରୋଲ ୧୦ ଥର ବଢ଼ିଛି। ଏହି ସମୟ ମଧ୍ୟରେ ପେଟ୍ରୋଲ ଦର ୧.୩୫ ଟଙ୍କା ମହଙ୍ଗା ହୋଇଥିବା ଜଣାପଡ଼ିଛି। ସେହିଭଳି ମେଟ୍ରୋ ସହରଗୁଡ଼ିକରେ ପେଟ୍ରୋଲ ୯ରୁ ୧୦ ପଇସା ବଢ଼ିଥିବା ତୈଳ ବିପଣନ କମ୍ପାନୀଗୁଡ଼ିକ ସୂଚନା ଦେଇଛନ୍ତି। ନୂଆଦିଲ୍ଲୀରେ ପେଟ୍ରୋଲ ୧୦ ପଇସା ବଢ଼ି ୮୧.୮୩ ଟଙ୍କା ଛୁଇଁଛି। ସେହିଭଳି ଚେନ୍ନାଇରେ ୯ ପଇସା ବଢ଼ି ୮୪.୮୨ ଟଙ୍କା, କୋଲ୍‌କାତାରେ ୯ ପଇସା ବୃଦ୍ଧି ଘଟି ୮୩.୩୩ ଟଙ୍କା ଏବଂ ମୁମ୍ବାଇରେ ୯ ପଇସା ଉର୍ଦ୍ଧ୍ୱରେ ରହି ୮୮.୪୮ ଟଙ୍କା ଛୁଇଁଛି। ଏହି ସହରଗୁଡ଼ିକରେ ଡିଜେଲ ଦର ଯଥାକ୍ରମେ ୭୩.୫୬ ଟଙ୍କା, ୭୮.୮୬ ଟଙ୍କା, ୭୭.୦୬ ଟଙ୍କା ଏବଂ ୮୦.୧୧ ଟଙ୍କା ରହିଛି। ଜୁନ୍ ୨୯ ପରଠାରୁ ପେଟ୍ରୋଲ ଦରରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ହେଲେ ଅଗଷ୍ଟ ୧୬ ପରଠାରୁ ଦରରେ ପୁଣି ପରିବର୍ତ୍ତନ ପରିଲକ୍ଷିତ ହେଉଛି। ବର୍ତ୍ତମାନ ଦେଶର ବିଭିନ୍ନ ପ୍ରାନ୍ତରେ ତେଲ ଦର ଭିନ୍ନ ଭିନ୍ନ ରହୁଥିବା ନଜରକୁ ଆସିଛି। ଅଶୋଧିତ ତେଲ ଦର ବୃଦ୍ଧି ଏବଂ ବିଦେଶୀ ବିନିମୟକୁ ନଜରରେ ରଖି ଦର ନିର୍ଦ୍ଧାରଣ ହେଉଥିବାରୁ ତେଲର ରିଟେଲ ଦରରେ ଭିନ୍ନତା ଆସୁଛି। ଏହା ସହ ରାଜ୍ୟ ଏବଂ କେନ୍ଦ୍ର ସ୍ତରରେ ଲାଗୁ ହେଉଥିବା ଉଚ୍ଚ ପରିମାଣର ଟିକସ ମଧ ତେଲ ଦର ବୃଦ୍ଧିର ଅନ୍ୟତମ ପ୍ରମୁଖ କାରଣ ପାଲଟିଛି। ରାଷ୍ଟ୍ରାୟତ୍ତ କମ୍ପାନୀ ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ ଭଳି କମ୍ପାନୀଗୁଡ଼ିକ ତେଲ ଦରରେ ପରିବର୍ତ୍ତନକୁ ପ୍ରତିଦିନ ସକାଳ ୬ଟାରେ ଲାଗୁ କରୁଛନ୍ତି।

**ଆଜିର ସମ୍ପାଦକୀୟ**

**ରିଏଲିଟି ଚେକ୍**

**ଆଜିର ମନ୍ତବ୍ୟ**

"ପ୍ରତିରକ୍ଷା ସରଞ୍ଜାମ ଉତ୍ପାଦନ ଲାଗି ଭାରତ ସର୍ବୋତ୍କୃଷ୍ଟ ସ୍ଥାନ। 
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ




## ବନ୍ୟାରେ ୭ ମୃତ, ୨ ନିଖୋଜ

ଭୁବନେଶ୍ୱର,୨୭।୮ (ବ୍ୟୁରୋ)

ଲଘୁଚାପ ଜନିତ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁ ରାଜ୍ୟରେ ୭ ଜଣଙ୍କର ମୃତ୍ୟୁ ହୋଇଛି। ମୟୂରଭଞ୍ଜ ଜିଲାରେ ୪ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ କେନ୍ଦୁଝରେ ୨ ଏବଂ ସୁନ୍ଦରଗଡ ଜିଲାରେ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ବରଗଡ ଓ ମୟୂରଭଞ୍ଜ ଜିଲାରୁ ଜେଣ ଲେଖାଏ ବ୍ୟକ୍ତି ନିଖୋଜ ରହିଥିବା ନେଇ ଗୁରୁବାର ବର୍ଷା ଓ ବନ୍ୟା ପରିସ୍ଥିତି ସମୀକ୍ଷା ପରେ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ସୂଚନା ଦେଇଛନ୍ତି। ଏଥିସହିତ ବିଭିନ୍ନ ଜିଲାରେ ୩ ହଜାର କଚ୍ଚାଘର ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ କେତେକ ସ୍ଥାନରେ ଚାଷ ଜମି ଜଳମଗ୍ନ ରହିଛି। କ୍ଷୟକ୍ଷତି ଆକଳନ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ବନ୍ୟା ସମ୍ପର୍କରେ ସୂଚନା ଦେଇ ଏସଆରସି କହିଛନ୍ତି ଯେ ନଦୀରେ ବନ୍ୟା ଜଳ ବୃଦ୍ଧି ପାଇଛି। ବୈତରଣୀ, ବୁଢ଼ାବଳଙ୍ଗ, ଜଳକା ନଦୀରେ ବନ୍ୟାସ୍ଥିତି ରହିଛି। ସୁବର୍ଣ୍ଣରେଖା, ବ୍ରାହ୍ମଣୀ ଓ ମହାନଦୀରେ ମଧ୍ୟମ ଧରଣର ବନ୍ୟା ପରିସ୍ଥିତି ଉପୁଜିଛି। ମହାନଦୀର ମୁଣ୍ଡଳୀ ଠାରେ ପ୍ରତି ସେକେଣ୍ଡରେ ୭.୭୬ ଲକ୍ଷ କ୍ୟୁସେକ ପାଣି ପ୍ରବାହିତ ହେଉଛି। ଯାଜପୁର ଜିଲାରେ ୩ଟି ଛୋଟ ଘାଇ ହୋଇଛି। ଦଶରଥପୁର ବ୍ଲକର କମଳ ପୁର, ଦତ୍ତପୁର ଏବଂ ☞ପୃଷ୍ଠା-୪

## ମହରମ ଶୋଭାଯାତ୍ରାକୁ ମିଳିଲାନି ଅନୁମତି



ନୂଆଦିଲ୍ଲୀ, ୨୭।୮ (ପି.ଟି.)

ଦେଶବ୍ୟାପୀ ମହରମ ଶୋଭାଯାତ୍ରା ବାହାର କରିବା ଲାଗି ଅନୁମତି ଦେବାକୁ ସୁପ୍ରିମକୋର୍ଟ ଗୁରୁବାର ମନା କରିଦେଇଛନ୍ତି। ଏଥିପାଇଁ ଆବେଦନ କରିଥିବା ଲକ୍ଷ୍ନୌର ଶିୟା ନେତା ସୟେଦ କାଲ୍‌ବେ ଜାୱାଦଙ୍କୁ ଆଲ୍ଲାହାବାଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ସାରା ଦେଶ ପାଇଁ ଏକ ସାଧାରଣ ☞ପୃଷ୍ଠା-୪

## ରାଜକୋଷକୁ ୨.୫ ଲକ୍ଷ କୋଟିର ଝଟକା



**କୋଭିଡ୍ ପ୍ରଭାବ**

- ଜିଏସ୍‌ଟି କ୍ଷତିପୂରଣ ପ୍ରଦାନ ଲାଗି ୨ଟି ବିକଳ୍ପ
- ଆର୍‌ବିଆଇ କିମ୍ବା ବଜାରରୁ ଋଣ ଉଠାଣ ହୋଇପାରେ


ନୂଆଦିଲ୍ଲୀ,୨୭।୮

କୋଭିଡ୍ ମହାମାରୀ ଦେଶର ଅର୍ଥ ବ୍ୟବସ୍ଥା ଉପରେ ସଙ୍କଟଜନକ ସ୍ଥିତି ସୃଷ୍ଟି କରିଛି। ଘରୋଇ ବଜାରରେ କାରବାର ଠିକ୍ ନ ଥିବା ବେଳେ ଟିକସ ସଂଗ୍ରହକୁ ଏହା ଗଭୀର ଭାବେ କ୍ଷତିଗ୍ରସ୍ତ କରିଛି। ମହାମାରୀ ପ୍ରଭାବରେ କେନ୍ଦ୍ର ରାଜକୋଷକୁ ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କାର ଝଟକା ଲାଗିବ ବୋଲି ଗୁରୁବାର ସରକାରୀ ଆକଳନରୁ ଜଣାପଡ଼ିଛି। ଏଠାରେ ଅନୁଷ୍ଠିତ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପରିଷଦର ୪୧ତମ ବୈଠକରେ ରାଜସ୍ୱ ସଂଗ୍ରହ ହ୍ରାସ ପ୍ରସଙ୍ଗକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ରାଜ୍ୟଗୁଡ଼ିକୁ ଜିଏସ୍‌ଟି କ୍ଷତିପୂରଣ ନେଇ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଟଣାଓଟରା ଲାଗି ରହିଥିବା ବେଳେ ଏହା ବୈଠକରେ ପ୍ରମୁଖ ପ୍ରସଙ୍ଗ ଭାବେ ସ୍ଥାନିତ ହୋଇଥିବା ନଜରକୁ ଆସିଛି।

ବୈଠକ ପରେ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ରାଜସ୍ୱ ସଚିବ ଅଜୟ ଭୂଷଣ ପାଣ୍ଡେ କହିଛନ୍ତି ଯେ, ଆର୍ଥିକ ବର୍ଷ ୨୦୨୦-୨୧ରେ ରାଜକୋଷକୁ ୨.୩୫ ଲକ୍ଷ କୋଟି ଟଙ୍କା ନିଅଣ୍ଟ ପଡିବ। ବର୍ତ୍ତମାନ ରାଜ୍ୟଗୁଡ଼ିକୁ କ୍ଷତିପୂରଣ ପ୍ରଦାନ ଦିଗରେ ବିଭିନ୍ନ ସମସ୍ୟା ସାମ୍ନା କରିବାକୁ ପଡୁଛି। ଏ କ୍ଷେତ୍ରରେ କେନ୍ଦ୍ର ସରକାର ୨ଟି ବିକଳ୍ପ ଉପରେ ଧ୍ୟାନ କେନ୍ଦ୍ରିତ କରିବେ। ପ୍ରଥମ ବିକଳ୍ପ ଭାବେ ରାଜ୍ୟଗୁଡ଼ିକୁ ଏକ ସ୍ୱତନ୍ତ୍ର ୱିଣ୍ଡୋ ପ୍ରଦାନ କରାଯିବ। ଜିଏସ୍‌ଟି ପରିଷଦ ପକ୍ଷରୁ ରିଜର୍ଭ ବ୍ୟାଙ୍କ ସହ ପରାମର୍ଶ କରି ସ୍ୱଳ୍ପ ସୁଧହାରରେ ୯୭ ହଜାର କୋଟି ଟଙ୍କାର ଋଣ ଉଠାଣ ଦିଗରେ ପଦକ୍ଷେପ ନିଆଯିବ। ସେସ୍ ସଂଗ୍ରହ ହେବାର ୫ ବର୍ଷ ପରେ ଏହି ଅର୍ଥ ପଇଠ କରାଯିବ। ☞ପୃଷ୍ଠା-୪

## ଚାଇନାର କ୍ଷତି କରିପାରିବ ନାହିଁ ଭାରତ

**ଗ୍ଲୋବାଲ୍ ଟାଇମ୍ସ ସର୍ଭେ**



ବେଜିଂ,୨୭।୮

ଭାରତୀୟ ଅର୍ଥନୀତି ବହୁଳ ଭାବେ ଚାଇନା ଉପରେ ନିର୍ଭରଶୀଳ। ତେଣୁ ସୀମାରେ ଯେତେ ଉତ୍ତେଜନା ସୃଷ୍ଟି ହେଲେ ମଧ ଭାରତୀୟ ସେନା ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ର କ୍ଷତି କରିପାରିବ ନାହିଁ ବୋଲି ଏକ ସଦ୍ୟ ସର୍ବେକ୍ଷଣରୁ ଜଣାପଡ଼ିଛି। ଚାଇନା ସରକାରଙ୍କ ମୁଖପତ୍ର ଗ୍ଲୋବାଲ ଟାଇମ୍ସ ଓ ଚାଇନା ଇନ୍‌ଷ୍ଟିଚ୍ୟୁଟ୍ସ ଅଫ୍ କଣ୍ଟେମ୍ପୋରାରି ଇଣ୍ଟରନ୍ୟାଶନାଲ ରିଲେଶନ୍ସ (ସିଆଇସିଆଇଆର୍) ପକ୍ଷରୁ ମିଳିତ ଭାବେ ଏହି ସର୍ଭେ କରାଯାଇଥିଲା। ଅଗଷ୍ଟ ୧୭ରୁ ୨୦ ତାରିଖ ମଧ୍ୟରେ କରାଯାଇଥିବା ସର୍ଭେରେ ବେଜିଂ, ଉହାନ ଓ ସାଂଘାଇ ସମେତ ୧୦ ବଡ଼ ସହରରେ ଭାରତ-ଚାଇନା ସମ୍ପର୍କକୁ ନେଇ ୧,୯୬୦ଙ୍କୁ ପ୍ରଶ୍ନ କରାଯାଇଥିଲା। ସର୍ଭେରେ ଭାରତର ଭାବମୂର୍ତ୍ତି, ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ଉତ୍ତେଜନା, ଭାରତରେ ଚାଇନା ସାମଗ୍ରୀ ବର୍ଜନ, ଦ୍ୱିପାକ୍ଷିକ ସମ୍ପର୍କ ଓ ଆମେରିକାର ହସ୍ତକ୍ଷେପ ସମ୍ପର୍କରେ ପଚରାଯାଇଥିବା ପ୍ରଶ୍ନର ଉତ୍ତର ମିଳିଥିଲା। ସର୍ଭେରେ ସାମିଲ ଉତ୍ତରଦାତାଙ୍କ ମଧ୍ୟରୁ ୫୭% କହିଛନ୍ତି ଯେ, ଭାରତୀୟ ସେନା ଚାଇନା ପ୍ରତିପକ୍ଷ ପାଇଁ ବିପଦ ନୁହେଁ। ୪୯.୬ ପ୍ରତିଶତଙ୍କ ମତରେ ଭାରତୀୟ ଅର୍ଥନୀତି ଚାଇନା ଉପରେ ଅଧିକ ନିର୍ଭରଶୀଳ। ଏହି ପରିପ୍ରେକ୍ଷୀରେ ବିସ୍ତୃତ ଜାତୀୟ ଶକ୍ତି କ୍ଷେତ୍ରରେ ଭାରତ ଚାଇନାକୁ ଟପିପାରିବ କି ବୋଲି ପ୍ରଶ୍ନ କରାଯାଇଥିଲା। ୫୪% ଉତ୍ତରଦାତା କହିଥିଲେ, ଏହା କେବେହେଲେ ସମ୍ଭବ ନୁହେଁ। ୧୦.୪ ପ୍ରତିଶତଙ୍କ ମତରେ ଚାଇନାକୁ ଅତିକ୍ରମ କରିବା ପାଇଁ ଭାରତକୁ ୧୦୦ ବର୍ଷ ଲାଗିପାରେ। ଶିଙ୍ଗହୁଆ ୟୁନିଭର୍ସିଟିର ଇଣ୍ଡିଆନ୍ ଷ୍ଟଡିଜ ସହକାରୀ ପ୍ରାଧ୍ୟାପକ ଶିଏ ଚାଓ କହିଛନ୍ତି, ୧୯୪୭ରେ ବ୍ରିଟିଶ୍ ଉପନିବେଶରୁ ଭାରତ ସ୍ୱାଧୀନ ହୋଇଥିବାବେଳେ ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନା ୧୯୪୯ରେ ପ୍ରତିଷ୍ଠା ହୋଇଥିଲା। ସେହି ସମୟରେ ଭିତ୍ତିଭୂମି ଓ ଅର୍ଥନୀତି ଦୃଷ୍ଟିରୁ ଚାଇନା ଅପେକ୍ଷା ଭାରତ ଅଧିକ ଉନ୍ନତ ଥିଲା। କିନ୍ତୁ ବର୍ତ୍ତମାନ ଭିତ୍ତିଭୂମି, ସହରୀକରଣ, ଆଧୁନିକୀକରଣ, ଶିକ୍ଷା, ଲୋକଙ୍କ ଜୀବିକା, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ସାମରିକ ଓ ଅର୍ଥନୀତି କ୍ଷେତ୍ରରେ ଭାରତ ତୁଳନାରେ ଚାଇନା ବହୁ ଆଗରେ ରହିଛି। ତେଣୁ ଅଧିକାଂଶ ଚାଇନା ନାଗରିକ ଭାରତକୁ ଦେଖିଲେ ନିଜକୁ ଉତ୍କର୍ଷ ଓ ଦୃଢ଼ ଆତ୍ମବିଶ୍ୱାସୀ ବିବେଚନା କରିଥାଆନ୍ତି। ଚାଇନାର ସାମରିକ ☞ପୃଷ୍ଠା-୪




**ଅକ୍ଟୋବରରେ ଭାରତର ଏକୀକୃତ ଏୟାର ଡିଫେନ୍ସ କମାଣ୍ଡ**

ଭାରତ ଖୁବ୍‌ଶୀଘ୍ର ଏକ ନୂଆ ଏୟାର ଡିଫେନ୍ସ କମାଣ୍ଡ (ଏଡିସି) ସ୍ଥାପନ କରିବାକୁ ଯାଉଛି। ଏହା ଶତ୍ରୁପକ୍ଷର ବିମାନ, କ୍ଷେପଣାସ୍ତ୍ର, ହେଲିକପ୍ଟର ଏବଂ ଡ୍ରୋନ୍‌ଠାରୁ ଦେଶର ବାୟୁସୀମାକୁ ସୁରକ୍ଷା ଦେବ। ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଏହା ଗଠନ ହେବ ବୋଲି ଏକ ସୂତ୍ରରୁ ଜଣାପଡିଛି। ଏଡିସିର ମୁଖ୍ୟାଳୟ ପ୍ରୟାଗରାଜରେ ରହିବ। ଏହା ସ୍ଥଳସେନା, ବାୟୁସେନା ଓ ନୌସେନାର ସମସ୍ତ ଏୟାର ଡିଫେନ୍ସ ଅସ୍ତ୍ରବ୍ୟବସ୍ଥାକୁ ଏକତ୍ର କରିବ। ବାୟୁସେନାର ଜଣେ ତିନିତାରକା ଜେନେରାଲ (ଏୟାର ମାର୍ଶାଲ) ଏହାର ମୁଖ୍ୟ ରହିବେ।



# ଏସ୍‌ସିଏସ୍‌ରେ ଚାଇନାର କ୍ଷେପଣାସ୍ତ୍ର ମାଡ଼

ୱାଶିଂଟନ, ୨୭।୮ (ଆଇଏଏନ୍‌ଏସ୍)

ଆମେରିକା ଓ ଚାଇନା ମଧ୍ୟରେ ସମ୍ପର୍କ ତିକ୍ତ ହେବାରେ ଲାଗିଛି। ସଦସ୍ୟ ଦକ୍ଷିଣ ଚାଇନା ସାଗରର ସାମରିକୀକରଣ ଲାଗି ଚାଇନା ସରକାରୀ ସଦସ୍ୟମାନଙ୍କୁ ଦାୟୀ କରି ଆମେରିକା ସେମାନଙ୍କ ଭିଜାକୁ ନିଷିଦ୍ଧ କରିଛି। ଏହାର କିଛି ସମୟ ପୂର୍ବରୁ ବେଜିଂ ବିବାଦୀୟ ସାଗର ମଧ୍ୟକୁ ଦୁଇଟି କ୍ଷେପଣାସ୍ତ୍ର ଛାଡ଼ିଥିଲା। ବିମାନବାହୀ ରଣତରୀକୁ ଧ୍ୱଂସ କରିବା କ୍ଷମତା ଉକ୍ତ କ୍ଷେପଣାସ୍ତ୍ରର ରହିଛି।

ଦକ୍ଷିଣ ଚାଇନା ମର୍ନିଂ ପୋଷ୍ଟ ରିପୋର୍ଟ ଅନୁଯାୟୀ ଚାଇନା ବୁଧବାର କିଙ୍ଘାଇ ପ୍ରଦେଶରୁ ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ ମିଶାଇଲ୍ ଡିଏଫ୍-୨୬ବି ଏବଂ ଝେଜିଆଙ୍ଗରୁ ଡିଏଫ୍-୨୧ଡି ବାଲିଷ୍ଟିକ୍ ମିଶାଇଲ ସମୁଦ୍ର ମଧ୍ୟକୁ ଛାଡ଼ିଥିଲା। ଫଳରେ ଆମେରିକାକୁ



ଚାଇନା କମ୍ୟୁନିଷ୍ଟ ପାର୍ଟି ସରକାର, ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ଏବଂ ଏହାର କାରବାର ଉପରେ ଅଭୂତପୂର୍ବ କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ କରିଛି। ସମୁଦ୍ର ମଧ୍ୟରେ ଯେକୌଣସି ଗତିଶୀଳ ଟାର୍ଗେଟକୁ ଧ୍ୱଂସ କରିଦେବା

## ଭିଜା ନିଷିଦ୍ଧ କଲା ଆମେରିକା

ପାଇଁ ଡିଏଫ୍-୨୬ବି ସକ୍ଷମ ବୋଲି ଚାଇନା ସରକାରଙ୍କ ମୁଖପତ୍ର ଗ୍ଲୋବାଲ ଟାଇମ୍ସରେ କୁହାଯାଇଛି। ସେଥିପାଇଁ ଏହାର ନାଁ ରଖାଯାଇଛି 'ଏୟାରକ୍ରାଫ୍ଟ-କ୍ୟାରିୟର କିଲର'। ଏହାର ଲକ୍ଷ୍ୟଭେଦ କ୍ଷମତା ୪,୫୦୦ କିଲୋମିଟର ହୋଇଥିବାରୁ ଏହା ପଶ୍ଚିମ ପ୍ରଶାନ୍ତ ମହାସାଗର, ଭାରତ ମହାସାଗର ସମେତ ଗୁଆମ୍‌ରେ ଥିବା ଆମେରିକୀୟ ନୌସେନା ଘାଟି, ଡିଏଗୋ ଗାର୍ସିଆର ବ୍ରିଟିଶ ଆଇଲାଣ୍ଡ ଏବଂ ଏପରିକି ଅଷ୍ଟ୍ରେଲିଆର ଡାର୍‌ୱିନ ସହରରେ ପହଞ୍ଚିପାରିବ। ଡିଏଫ୍-୨୧ଡି ମଧ୍ୟ ଏକ ଜାହାଜ ବିଧ୍ୱଂସୀ ମିଶାଇଲ ସିଷ୍ଟମ।

ଆମେରିକାର ଗୁପ୍ତଚର ବିମାନ ଚାଇନା ବାୟୁସୀମା ଅତିକ୍ରମ କରିବା ପରେ ବେଜିଂ ହୈନାନ ପ୍ରଦେଶ ଓ ବିବାଦୀୟ ପାରାସେଲ ଆଇଲାଣ୍ଡ୍ସ ଅଞ୍ଚଳ ମଧ୍ୟରେ ଦୁଇଟି କ୍ଷେପଣାସ୍ତ୍ର ମାଡ଼ କରିଥିଲା ବୋଲି ଚାଇନା କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ କୁହାଯାଇଛି। ଏସୀୟ ଦେଶଗୁଡ଼ିକର ଲାଇଫ୍‌ଲାଇନ ଭାବେ କାର୍ଯ୍ୟ କରୁଥିବା ଦକ୍ଷିଣ ଚାଇନା ସାଗରରେ ଚାଇନା ନିଜର ସାର୍ବଭୌମତ୍ୱ ଜାହିର କରୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ପକ୍ଷରୁ କୁହାଯାଇଛି। ଚାଇନାର ଉହାନ ସହରରୁ ସୃଷ୍ଟ କରୋନା ଭୂତାଣୁ ସମ୍ପର୍କରେ ବେଜିଂ ତଥ୍ୟ ଲୁଚାଇବାରୁ ଏହା ସାରା ବିଶ୍ୱକୁ ବ୍ୟାପିଲା। ଏହି ମହାମାରୀ ପାଇଁ ଆମେରିକା ଚାଇନାକୁ ଦାୟୀ କରିଆସୁଛି। ସେବେଠାରୁ ଦୁଇଦେଶ ମଧ୍ୟରେ ସମ୍ପର୍କ ତିକ୍ତ ହେବାରେ ଲାଗିଛି।

# ପ୍ରତିରକ୍ଷାରେ ଆତ୍ମନିର୍ଭର ଭାରତର ସ୍ଥିତିକୁ ସୁଦୃଢ଼ କରିବ: ମୋଦି



ନୂଆଦିଲ୍ଲୀ, ୨୭।୮ (ପି.ଟି.)

ଆତ୍ମନିର୍ଭର ଭାରତ ଲାଗି କେନ୍ଦ୍ର ସରକାରଙ୍କ ସଂକଳ୍ପ କେବଳ ଦେଶ ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ଏହା ଭାରତର ସମାର୍ଥ୍ୟ ବଢ଼ାଇବା ସହ ବିଶ୍ୱରେ ଶାନ୍ତି ବଜାୟ ରଖିବା ଓ ବିଶ୍ୱ ଅର୍ଥନୀତିରେ ସ୍ଥିରତା ଆଣିବାରେ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଗୁରୁବାର ପ୍ରତିରକ୍ଷା ଶିଳ୍ପ ସେମିନାରକୁ ଉଦ୍‌ବୋଧନ ଦେଇ ସେ କହିଥିଲେ, ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତା ଭାରତ ମହାସାଗରରେ ସୁରକ୍ଷା ପ୍ରଦାନକାରୀ ଭାବରେ ଏହାର ପ୍ରତିଷ୍ଠାକୁ ସୁଦୃଢ଼ କରିବ। ଅନେକ ବନ୍ଧୁ ରାଷ୍ଟ୍ରଙ୍କୁ ଭାରତ ପ୍ରତିରକ୍ଷା ସାମଗ୍ରୀ ଯୋଗାଇପାରିବ। ଅନେକ ପ୍ରତିରକ୍ଷା ସରଞ୍ଜାମ ଆମଦାନୀ ବନ୍ଦ କରିବାକୁ ସରକାର ନିକଟରେ ନିଷ୍ପତ୍ତି ନେଇଛନ୍ତି। ଏହା ଦେଶର ଆମଦାନୀ କମାଇବା ସହ ଘରୋଇ ଶିଳ୍ପକୁ ମଜଭୁତ କରିବ। ଆଗାମୀ ଦିନରେ ଆହୁରି ଅନେକ ପ୍ରତିରକ୍ଷା ସାମଗ୍ରୀ ଆମଦାନୀ ଉପରେ ରୋକ ଲାଗିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଘରୋଇ ସଂସ୍ଥାଗୁଡ଼ିକୁ ପ୍ରତିରକ୍ଷା ସେକ୍ଟରରେ ପୁଞ୍ଜିନିବେଶ ଲାଗି ସେ ଆହ୍ୱାନ କରିଛନ୍ତି। ଦୀର୍ଘବର୍ଷ ଧରି ଭାରତ ବିଶ୍ୱର ସର୍ବବୃହତ ପ୍ରତିରକ୍ଷା ଆମଦାନିକାରୀର ପରିଚୟ ହାସଲ କରିଆସିଛି। ଘରୋଇ ଉତ୍ପାଦନ ଉପରେ ଅତୀତରେ ଧ୍ୟାନ ଦିଆଯାଇ ନ ଥିଲା। ତାଙ୍କ ସରକାର ଘରୋଇ ଉତ୍ପାଦନ ବୃଦ୍ଧି ସହ ଘରୋଇ ସଂସ୍ଥା ସହଯୋଗରେ ନୂତନ ପ୍ରଯୁକ୍ତିର ବିକାଶ କରିବାକୁ ଚାହାନ୍ତି। ଏଥିପାଇଁ ପ୍ରତିରକ୍ଷା ଉତ୍ପାଦନରେ ୭୪ ପ୍ରତିଶତ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫଡିଆଇ)କୁ ତାଙ୍କ ସରକାର ଅନୁମତି ଦେଇଥିବା ପ୍ରଧାନମନ୍ତ୍ରୀ କହିଥିଲେ।

# ଆଫଗାନିସ୍ତାନରେ ବନ୍ୟା: ୧୨୨ ମୃତ

କାବୁଲ, ୨୭।୮ (ଆଇଏଏନ୍‌ଏସ୍)

ପଡ଼ୋଶୀ ଆଫଗାନିସ୍ତାନର ୧୨ଟି ପ୍ରଦେଶରେ ପ୍ରଳୟଙ୍କରୀ ବନ୍ୟା ଯୋଗୁ ୧୨୨ ଜଣଙ୍କ ମୃତ୍ୟୁ ଘଟିଛି। ୧୪୭ ଆହତ ହୋଇଥିବାବେଳେ ଅନେକେ ନିଖୋଜ ହୋଇଯାଇଛନ୍ତି। ବିପର୍ଯ୍ୟୟ ପରିଚାଳନା ଓ ମାନବିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ, ମଙ୍ଗଳବାର ରାତିରୁ ଦେଶରେ ବନ୍ୟା ପରିସ୍ଥିତି ଦେଖାଦେଇଛି। ଏଥିରେ ୧,୫୦୦ ଘର ଓ ୨୩ ଦୋକାନ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବାବେଳେ ୧,୧୦୦ ହେକ୍ଟର ଜମିର ଫସଲ ନଷ୍ଟ ହୋଇଯାଇଛି। ୬୦୦ ଗୋରୁଙ୍କ ଜୀବନ ଯାଇଛି।

# ମରିସସ୍ ବେଳାଭୂମିରେ ୨୪ ମୃତ ଡଲ୍‌ଫିନ୍

ଆଡିସ୍ ଅବାବା, ୨୭।୮ (ପି.ଟି.)

ମରିସସ୍ ଉପକୂଳରେ ଜାପାନ ଜାହାଜରୁ ପ୍ରଚୁର ତୈଳ ଲିକ୍ ଘଟଣାର ସମ୍ପୂର୍ଣ୍ଣ ପ୍ରଭାବ ସମ୍ପର୍କରେ ଏପର୍ଯ୍ୟନ୍ତ ଜଣାପଡ଼ି ନ ଥିବାବେଳେ ବଡ଼ ଧରଣର ପରିବେଶ ବିପର୍ଯ୍ୟୟ ଦେଖାଦେବା ନେଇ ବୈଜ୍ଞାନିକମାନେ ସତର୍କ କରାଇଦେଇଥିଲେ। ପର୍ଯ୍ୟଟନ ଉପରେ ନିର୍ଭରଶୀଳ ମରିସସ୍ ଅର୍ଥନୀତି ଗୁରୁତର ପ୍ରଭାବିତ ହୋଇପାରେ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଥିଲେ। ତେଲ ଲିକ୍‌ର ପ୍ରଭାବ ଏବେ ଦେଖିବାକୁ ମିଳିଛି। ଦୁଇଦିନରେ ମରିସସ୍ ବେଳାଭୂମିରେ ୨୪ ମୃତ ଡଲଫିନ୍ ଲାଗିଛନ୍ତି। ବୁଧବାର ୧୭ଟି ମୃତ ଡଲଫିନ୍ ଉପକୂଳକୁ ଭାସିଆସିଥିବାବେଳେ ଗୁରୁବାର ସକାଳେ ଆଉ ୭ଟିର ଗଳିତ ମୃତଦେହ ଦେଖିବାକୁ ମିଳିଥିବା ସେଠାର ମତ୍ସ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମୃତ ଡଲ୍‌ଫିନଗୁଡ଼ିକ ଦେହରେ ଅନେକ କ୍ଷତଚିହ୍ନ ରହିଥିବାବେଳେ ସେମାନଙ୍କଠାରେ ତେଲ ଦେଖିବାକୁ ମିଳିନାହିଁ। ଜାପାନର ତୈଳବାହୀ ଜାହାଜ ଏମ୍‌ଭି ୱାକିଶିଓ ଜୁଲାଇ ୨୫ରେ ମରିସସ୍ ଉପକୂଳରେ ବୁଡ଼ିଯାଇଥିଲା। ଏହାର ପ୍ରାୟ ସପ୍ତାହେ ପରେ ସେଥିରୁ ତେଲ ଲିକ୍ ହୋଇଥିଲା।

## ଜାପାନ ଜାହାଜରୁ ତେଲ ଲିକ୍‌ର ପରିଣତି



ଡଲ୍‌ଫିନ ମୃତ୍ୟୁର କାରଣ ଜାଣିବା ପାଇଁ ମରିସସ୍ ସରକାର ତୁରନ୍ତ ତଦନ୍ତ କରାନ୍ତୁ ବୋଲି ଗ୍ରୀନ୍‌ପିସ୍ ପକ୍ଷରୁ ଦାବି ହୋଇଛି। ତୈଳ ଲିକ୍ ଯୋଗୁ ଉପକୂଳର ୧୫ କିଲୋମିଟର ପର୍ଯ୍ୟନ୍ତ ପ୍ରଭାବିତ ହୋଇଥିବା ସେଠାର ମେରାଇନ କଞ୍ଜରଭେଶନ ସୋସାଇଟି ପକ୍ଷରୁ କୁହାଯାଇଛି। ଏହି ତେଲ ଏବେ ବ୍ଲୁ ବେ ମେରାଇନ୍ ପାର୍କ ଦିଗରେ ଅଗ୍ରସର ହେଉଛି। ଉକ୍ତ ଅଞ୍ଚଳରେ ୩୮ ପ୍ରକାର ପ୍ରବାଳ ଓ ୭୮ ପ୍ରଜାତିର ମାଛ ରହିଛନ୍ତି।

# ଲଦାଖରେ ୧୯୬୨ ପରେ ସବୁଠୁ ଗମ୍ଭୀର ସ୍ଥିତି: ଜୟଶଙ୍କର

ନୂଆଦିଲ୍ଲୀ, ୨୭।୮ (ପି.ଟି.)

ପୂର୍ବ ଲଦାଖରେ ଚାଇନା ସହ ମୁହାଁମୁହିଁ ୧୯୬୨ ଯୁଦ୍ଧ ପରେ ସବୁଠୁ ଗମ୍ଭୀର ସ୍ଥିତି ସୃଷ୍ଟି କରିଛି ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଡ. ଏସ୍. ଜୟଶଙ୍କର କହିଛନ୍ତି। ୪୫ ବର୍ଷ ପରେ ପୂର୍ବ ସୀମାରେ ଭାରତୀୟ ଯବାନ ଶହୀଦ ହେଲେ। ଏବେ ପ୍ରକୃତ ନିୟନ୍ତ୍ରଣ ରେଖାର ଉଭୟ ପାର୍ଶ୍ୱରେ ବ୍ୟାପକ ସୈନ୍ୟ ମୁତୟନ କରାଯାଇଥିବା ଜୟଶଙ୍କର ଏକ ସାକ୍ଷାତ୍‌କାରରେ କହିଛନ୍ତି। ଇତିମଧ୍ୟରେ ଦୁଇଦେଶ ମଧ୍ୟରେ ଏକାଧିକ ପର୍ଯ୍ୟାୟ ସାମରିକ ଓ କୂଟନୈତିକ ସ୍ତରରେ ବୈଠକ ବସିଲାଣି। ଏହା ସତ୍ତ୍ୱେ ପୂର୍ବ ଲଦାଖର କେତେକ ଅଞ୍ଚଳରୁ ଅଳ୍ପସଂଖ୍ୟକ ସୈନ୍ୟ ପ୍ରତ୍ୟାହାର ହୋଇଛନ୍ତି। ମେ' ମାସଠାରୁ ପୂର୍ବ ଲଦାଖରେ ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଲାଗି ରହିଥିବାବେଳେ ଜୁନ୍ ୧୫ରେ ଗଲୱାନ୍ ଉପତ୍ୟକାରେ ରକ୍ତାକ୍ତ ସଂଘର୍ଷ ଘଟି ୨୦ ଭାରତୀୟ ଯବାନ ଶହୀଦ ହୋଇଥିଲେ। ଦୁଇ ପଡୋଶୀ ଦେଶ ମଧ୍ୟରେ ସମ୍ପର୍କ ତିଷ୍ଠି ରହିବାକୁ ହେଲେ ସୀମାରେ ଶାନ୍ତି ବଜାୟ ରଖିବା ଜରୁରୀ ବୋଲି ଭାରତ ପକ୍ଷରୁ ଚାଇନାକୁ ସ୍ପଷ୍ଟ ଭାବେ ଜଣାଇଦିଆଯାଇଛି। ଅତୀତରେ ଡେପ୍‌ସାଙ୍ଗ, ଚୁମାର ଏବଂ ଡୋକଲାମ୍ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ହୋଇଥିଲା। ଏଥର ମଧ୍ୟ କୂଟନୈତିକ ଆଲୋଚନା ମାଧ୍ୟମରେ ଏହାର ସମାଧାନ ହୋଇଯିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

# ଭାରତରେ ସର୍ବାଧିକ ଦୈନିକ ସଂକ୍ରମଣ

ନୂଆଦିଲ୍ଲୀ, ୨୭।୮: ତିନି ସପ୍ତାହ ହେଲା ଭାରତରେ ଦୈନିକ କରୋନା ସଂକ୍ରମଣ ଦ୍ରୁତ ଗତିରେ ବଢ଼ିଚାଲିଛି। ଗୁରୁବାର ଦେଶରେ ୭୫,୦୦୦ରୁ ଅଧିକ ସଂକ୍ରମିତ ହୋଇଛନ୍ତି, ଯାହା କି ବିଶ୍ୱରେ ସର୍ବାଧିକ। ଏହା ଦୈନିକ ସଂକ୍ରମଣରେ ଆମେରିକା ଓ ବ୍ରାଜିଲକୁ ପଛରେ ପକାଇଦେଇଛି। ଅଗଷ୍ଟ ୭ରେ ଭାରତରେ ୬୦,୦୦୦ରୁ ଅଧିକ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏହା ପରଠାରୁ ଏହି ସଂଖ୍ୟା ବଢ଼ିଚାଲିଛି। କରୋନା ସଂକ୍ରମଣରେ ଶୀର୍ଷ ସ୍ଥାନରେ ଥିବା ଆମେରିକାରେ ଗତ ୨୪ ଘଣ୍ଟାରେ ୪୩ ହଜାରରୁ ଅଧିକ ସଂକ୍ରମିତ ହୋଇଥିଲାବେଳେ ବ୍ରାଜିଲ୍‌ରେ ୪୭ ହଜାରରୁ ଊର୍ଦ୍ଧ୍ୱ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

# ମୁମ୍ବାଇରେ ୩ ଘର ଭୁଶୁଡ଼ିଲା: ୨ ମୃତ

ମୁମ୍ବାଇ, ୨୭।୮ (ଆଇଏଏନ୍‌ଏସ୍)

ମୁମ୍ବାଇର ଭିନ୍ନ ଭିନ୍ନ ସ୍ଥାନରେ ତିନୋଟି ଘର ଆଂଶିକ ଭୁଶୁଡ଼ିପଡ଼ିବାରୁ ଜଣେ ୭୦ ବର୍ଷୀୟା ମହିଳା ଓ ତାଙ୍କର ୧୨ ବର୍ଷର ନାତୁଣୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇ ମହିଳା ଆହତ ହୋଇଛନ୍ତି। ଦକ୍ଷିଣ ମୁମ୍ବାଇର ବାଇକୁଲାରେ ଥିବା ୩ ମହଲାବିଶିଷ୍ଟ ମିଶ୍ର ବିଲ୍ଡିଂର କିଛି ଅଂଶ ଭୁଶୁଡ଼ିବାରୁ ନୂର୍ କୁରେଶି (୭୦) ଓ ତାଙ୍କ ନାତୁଣୀ ଆଲିୟାଙ୍କୁ ଗୁରୁତର ଅବସ୍ଥାରେ ସାର୍ ଜେ.ଜେ. ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବିଡେନଙ୍କ ଡ୍ରଗ୍ ଟେଷ୍ଟ କରାଯାଉ: ଟ୍ରମ୍ପ

ୱାଶିଂଟନ, ୨୭।୮ (ଆଇଏଏନ୍‌ଏସ୍)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ଡେମୋକ୍ରାଟିକ୍ ପ୍ରତିଦ୍ୱନ୍ଦ୍ୱୀ ଜୋ ବିଡେନଙ୍କ ଡ୍ରଗ୍ ଟେଷ୍ଟ କରିବାକୁ ଦାବି କରିଛନ୍ତି। ଟ୍ରମ୍ପ କହିଛନ୍ତି, ପୂର୍ବରୁ ବିଡେନ ନିଷ୍କ୍ରିୟ ହୋଇଥିଲେ। ନିକଟରେ ପ୍ରଚାର ବେଳେ ସେ ହଠାତ୍ ସକ୍ରିୟ ହୋଇଯିବା ପଛରେ ଡ୍ରଗ୍ କାମ କରିଥିବା ଭଳି ତାଙ୍କ ପ୍ରଦର୍ଶନରୁ ମନେହେଉଛି। ତେଣୁ ସେପ୍ଟେମ୍ବର ୨୯ରେ ହେବାକୁ ଥିବା ପ୍ରଥମ ବିତର୍କ ପୂର୍ବରୁ ବିଡେନଙ୍କ ଡ୍ରଗ୍ ଟେଷ୍ଟ କରାଯାଉ।

# ଆତ୍ମହତ୍ୟା କରିବାକୁ ବ୍ରିଟିଶ ପ୍ରଧାନମନ୍ତ୍ରୀଙ୍କୁ ମହିଳାଙ୍କ ମେଲ୍

ନୂଆଦିଲ୍ଲୀ, ୨୭।୮ (ଆଇଏଏନ୍‌ଏସ୍)

ଦୁଇଘଣ୍ଟା ମଧ୍ୟରେ ସହାୟତା ନ ମିଳିଲେ ଆତ୍ମହତ୍ୟା କରିବେ ବୋଲି ଦିଲ୍ଲୀର ଜଣେ ୪୦ ବର୍ଷୀୟା ମହିଳା ବୁଧବାର ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍‌ଙ୍କୁ ଇ-ମେଲ୍ କରିବା ଘଟଣା ଆଲୋଡନ ସୃଷ୍ଟି କରିଛି। ଏହି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଜନ୍‌ସନ୍‌ଙ୍କ କାର୍ଯ୍ୟାଳୟ ଲଣ୍ଡନସ୍ଥିତ ଭାରତୀୟ ଦୂତାବାସକୁ ଜଣାଇବା ପରେ ଏହା ନୂଆଦିଲ୍ଲୀର ବହିର୍ବ୍ୟାପାର ମନ୍ତ୍ରଣାଳୟ ସହ ଯୋଗାଯୋଗ କରିଥିଲା। ବିପଦରେ ଥିବା ମହିଳାଙ୍କୁ ତୁରନ୍ତ ଖୋଜି ତାଙ୍କ ଜୀବନ ରକ୍ଷା କରିବା ପାଇଁ ବହିର୍ବ୍ୟାପାର ମନ୍ତ୍ରଣାଳୟ ଦିଲ୍ଲୀ ପୋଲିସକୁ କହିଥିଲା। ମହିଳା ଜଣକ ରୋହିଣୀର ସେକ୍ଟର ୨୧ ଅଞ୍ଚଳରେ ରହୁଥିବାରୁ ପୋଲିସ ସେଠାରେ ଘରକୁ ଘର ଯାଇ ତାଙ୍କୁ ଖୋଜିଥିଲା। ଘର ଠାବ

## ଦିଲ୍ଲୀ ପୋଲିସ ନାକେଦମ

ପରେ କୌଣସି ଜବାବ ନ ଆସିବାରୁ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ କବାଟ ଭାଙ୍ଗିବାକୁ ଗଲାବେଳେ ଜଣେ ମହିଳା ବାହାରକୁ ଆସିଥିଲେ। ସେ ଖୁବ୍ ବିଚଳିତ ଓ ଭୟଭୀତ ଦେଖାଯାଉଥିଲେ। ପଚରାଉଚରା ପରେ ଜଣାପଡ଼ିଥିଲା ମହିଳା ଜଣଙ୍କ ପୂର୍ବରୁ ଏମ୍‌ସିଡି ସ୍କୁଲରେ ଶିକ୍ଷୟିତ୍ରୀ ଥିଲେ। ବ୍ୟକ୍ତିଗତ କାରଣରୁ ସେ ଚାକିରି ଛାଡ଼ିଦେଇଥିଲେ। ସ୍ୱାମୀଙ୍କ ସହ ତାଙ୍କର ଛାଡ଼ପତ୍ର ହୋଇଯାଇଛି। ସେ ବ୍ୟାଙ୍କରୁ ଋଣ ନେଇ କିସ୍ତି ପୈଠ କରିପାରୁ ନ ଥିଲେ। ଋଣ ବୋଝରେ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ପାଇଁ ବ୍ରିଟିଶ ପ୍ରଧାନମନ୍ତ୍ରୀଙ୍କୁ ମେଲ୍ କରିଥିଲେ। ତାଙ୍କ ସମସ୍ୟାର ସମାଧାନ ଲାଗି ଦୁଇଜଣ ସାଇକୋଲୋଜିଷ୍ଟ ଓ ଜଣେ ଡାକ୍ତରଙ୍କୁ ଡକାଯାଇଥିଲା।




ଗ୍ୟାଙ୍ଗ୍‌ଷ୍ଟରରୁ ରାଜନେତା ହୋଇଥିବା ମୁଖ୍‌ତାର ଅନ୍‌ସାରୀଙ୍କର ଲକ୍ଷ୍ନୌରେ ଥିବା ଏକ ବେଆଇନ କୋଠାକୁ ଗୁରୁବାର ଭଙ୍ଗାଯାଉଛି।

# ପୁଅକୁ ବିଷ ଦେଇ ମାରିଛନ୍ତି ରିଆ

## ଅଭିଯୋଗ ଆଣିଲେ ସୁଶାନ୍ତଙ୍କ ବାପା କେ. କେ. ସିଂ

ନୂଆଦିଲ୍ଲୀ, ୨୭।୮

ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀ ମୋ ପୁଅର ହତ୍ୟାକାରୀ ବୋଲି ସୁଶାନ୍ତ ସିଂ ରାଜପୁତଙ୍କ ବାପା କେ. କେ. ସିଂ ଗୁରୁବାର ଅଭିଯୋଗ କରିଛନ୍ତି। ସୁଶାନ୍ତଙ୍କୁ ବିଷ ଦେଇ ସେ ହତ୍ୟା କରିଥିବାରୁ ରିଆଙ୍କୁ ଗିରଫ କରାଯିବା ଉଚିତ ବୋଲି ସେ ଏକ ଭିଡିଓ ମାଧ୍ୟମରେ ଦର୍ଶାଇଛନ୍ତି। ସେପଟେ ରିଆଙ୍କ ମୋବାଇଲ ହ୍ୱାଟ୍ସଆପ୍ ଚାଟ୍‌ରେ ଡ୍ରଗ୍ସ ସମ୍ପର୍କିତ ତଥ୍ୟ ଲୋକଲୋଚନକୁ ଆସିବା ପରେ ଏନେଇ ତଦନ୍ତ ଆରମ୍ଭ ହୋଇଛି। ରିଆଙ୍କ ମୋବାଇଲରେ ୧୫ ପୃଷ୍ଠାର ହ୍ୱାଟ୍ସଆପ୍ ଚାଟ୍ ମିଳିଥିବାବେଳେ ମନିଲଣ୍ଡରିଂ ମାମଲାର ତଦନ୍ତ ଲାଗି ଏହାକୁ ସିଜ୍ କରାଯାଇଛି। ପୂର୍ବରୁ ସୁଶାନ୍ତଙ୍କ ମ୍ୟାନେଜର ତଥା ଅନ୍ୟତମ ଅଭିଯୁକ୍ତ ସାମୁଏଲ ମିରାଣ୍ଡାଙ୍କୁ ସିବିଆଇ ଜେରା କରିଛି। ରିଆଙ୍କ ବାପା ଓ ଭାଇଙ୍କୁ ମଧ୍ୟ ଜେରା କରାଯାଇ ସାରିଛି। ଖୁବ୍‌ଶୀଘ୍ର ରିଆ ଚକ୍ରବର୍ତ୍ତୀଙ୍କୁ ସିବିଆଇ ଜେରା କରିବ ବୋଲି ଜଣାପଡ଼ିଛି।




## ପୋଲିସ ସହଯୋଗ ଲୋଡ଼ିଲେ ରିଆ

ମୁମ୍ବାଇ, ୨୭।୮ : ସୁଶାନ୍ତ ସିଂ ମୃତ୍ୟୁ ମାମଲାରେ ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀ ନିଜକୁ ଅସୁରକ୍ଷିତ ମଣି ସୁରକ୍ଷା ଲାଗି ମୁମ୍ବାଇ ପୋଲିସର ସହାୟତା ଲୋଡ଼ିଛନ୍ତି। ତାଙ୍କ ଜୀବନ ଓ ପରିବାର ପ୍ରତି ବିପଦ ରହିଥିବା ସେ ଦର୍ଶାଇଛନ୍ତି। ରିଆ ଏକ ଭିଡିଓରେ ବାପା ଇନ୍ଦ୍ରଜିତ ଚକ୍ରବର୍ତ୍ତୀ ଘରକୁ ଫେରୁଥିବାବେଳେ କିପରି ଲୋକମାନେ ତାଙ୍କୁ ଘେରିଯାଇ ପ୍ରଶ୍ନ କରୁଛନ୍ତି, ତାକୁ ଶେୟାର କରିଛନ୍ତି। ଆମେ ଯେକୌଣସି ତଦନ୍ତ ଲାଗି ପ୍ରସ୍ତୁତ ଅଛୁ, ସହଯୋଗ ବି କରୁଛୁ ବୋଲି ରିଆ କହିବା ସହ ତୁରନ୍ତ ସୁରକ୍ଷା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ସ୍ଥାନୀୟ ପୋଲିସ ସହଯୋଗ କରୁ ନ ଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ମୁମ୍ବାଇ ପୋଲିସ ସହଯୋଗ ନ କଲେ ତଦନ୍ତ କାର୍ଯ୍ୟରେ କିପରି ଆମେ ସହଯୋଗ କରିପାରିବୁ ବୋଲି ରିଆ ପ୍ରଶ୍ନ କରିଛନ୍ତି।



## ରିଆଙ୍କ ଭାଇଙ୍କୁ ଜେରା



ସୁଶାନ୍ତ ସିଂ ମୃତ୍ୟୁ ମାମଲାରେ ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀଙ୍କ ଭାଇ ସୌଭିକ୍ ଚକ୍ରବର୍ତ୍ତୀଙ୍କୁ ସିବିଆଇ ପକ୍ଷରୁ ଗୁରୁବାର ଡିଆର୍‌ଡିଓ ଏବଂ ଆଇଏଏଫ୍ ଗେଷ୍ଟହାଉସ୍‌ଠାରେ ଜେରା କରାଯାଇଛି। ସୁଶାନ୍ତଙ୍କ ଫ୍ଲାଟ୍‌ମେଟ ସିଦ୍ଧାର୍ଥ ପିଠାନୀ, ଘରୋଇ ସହାୟକ ଦୀପେଶ୍ ସାୱନ୍ତ, ରୋଷେୟା ନୀରଜ୍ ସିଂଙ୍କୁ ଏକାଠି ଜେରାକରି ସେମାନଙ୍କ ବୟାନ୍ ରେକର୍ଡ କରିଛି। ସୁଶାନ୍ତ ଓ ରିଆ ରହୁଥିବା ବାନ୍ଦ୍ରାର ମୋଣ୍ଟ ବ୍ଲାଙ୍କ ଡୁପ୍ଲେକ୍ସ ଫ୍ଲାଟ୍‌କୁ ସୌଭିକ୍ ପ୍ରତିଦିନ ଯିବାଆସିବା କରିଥାନ୍ତି। ନୂଆ ବ୍ୟବସାୟରେ ସୁଶାନ୍ତ, ସୌଭିକ୍ ଓ ରିଆ ସମାନ ଅଂଶୀଦାର ଥିଲେ ବୋଲି ଜଣାପଡ଼ିଛି। ରିଆଙ୍କ ବାପା ଅବସରପ୍ରାପ୍ତ ସେନା ଅଧିକାରୀ ଡକ୍ଟର ଇନ୍ଦ୍ରଜିତ୍ ଚକ୍ରବର୍ତ୍ତୀଙ୍କୁ ପୂର୍ବରୁ ଇଡି ପକ୍ଷରୁ ଜେରା କରାଯାଇ ସାରିଛି।

## 'କୌଣସି ହାର୍ଡ ଡ୍ରାଇଭ୍ ନଷ୍ଟ କରିନି'

ସୁଶାନ୍ତଙ୍କ ଘର ଛାଡ଼ିବାବେଳେ (ଜୁନ୍ ୮) ୮ଟି ହାର୍ଡ ଡ୍ରାଇଭ୍ ରିଆ ନଷ୍ଟ କରିଥିବା ଅଭିଯୋଗ କରାଯାଇ ଥିବାବେଳେ ଏହାକୁ ସେ ଅସ୍ୱୀକାର କହିଛନ୍ତି। ସିବିଆଇ ଜେରାବେଳେ ସୁଶାନ୍ତଙ୍କ ଫ୍ଲାଟ୍‌ମେଟ ସିଦ୍ଧାର୍ଥ ପିଠାନୀ ରିଆଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣିଥିଲେ। ତେବେ ଏହି ଅଭିଯୋଗର କୌଣସି ସତ୍ୟତା ନାହିଁ ବୋଲି ରିଆ ପ୍ରତିକ୍ରିୟାରେ କହିଛନ୍ତି। ସେଠାରେ ଥିବାବେଳେ କୌଣସି ହାର୍ଡ ଡ୍ରାଇଭ୍ ସମ୍ପର୍କରେ ଜାଣି ନ ଥିବା ସେ ପ୍ରକାଶ କରିଛନ୍ତି। ମୋ ଉପସ୍ଥିତିରେ ସେଭଳି କିଛି ହୋଇନାହିଁ, ଚାଲିଆସିବା ପରେ ସୁଶାନ୍ତଙ୍କ ଭଉଣୀ ସେଠାକୁ ଯାଇଥିଲେ, ସେ ଜାଣିଥିବେ ବୋଲି ପ୍ରତିକ୍ରିୟାରେ ରିଆ କହିଛନ୍ତି। ଏଭଳି ଦ୍ୱନ୍ଦ୍ୱ ଦୂରକରିବା ଲାଗି ସିଦ୍ଧାର୍ଥଙ୍କୁ ସାମ୍ନାକରିବା ଲାଗି ରିଆ ପ୍ରସ୍ତୁତ ଥିବା କହିଛନ୍ତି।

## ଇଡି ଟାର୍ଗେଟ୍‌ରେ ଜୟା ଶାହାଙ୍କ ୧୦ କୋଟି



ସୁଶାନ୍ତ ଓ ରିଆଙ୍କ ଟାଲେଣ୍ଟ ମ୍ୟାନେଜର ଜୟା ଶାହାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ୪ ଘଣ୍ଟା ଜେରା କରାଯାଇଛି। ରିଆଙ୍କ ସହ ହ୍ୱାଟ୍ସଆପ୍ ଚାଟ୍ସ, ଡ୍ରଗ୍ସ ସମ୍ପର୍କରେ ଇଡି ଜୟାଙ୍କୁ ଜେରା କରିଥିଲା। ଅଭିନେତାଙ୍କ ନାମରେ ଜୟା ୧୦ କୋଟି ଟଙ୍କା ଆଣିଥିବାବେଳେ ଏହା ଉପରେ ଏବେ ଇଡିର ନଜର ରହିଛି। ତେଣୁ ପେମେଣ୍ଟ ଡିଟେଲ୍ସ, ମୋଡ୍ ଅଫ୍ ଟ୍ରାନ୍ସଫର, ଟଙ୍କା ଏପଟସେପଟ କରିବା ନେଇ ଜୟାଙ୍କୁ ପ୍ରଶ୍ନ କରାଯାଇଛି। ରିଆଙ୍କ ମୋବାଇଲକୁ ଜୟାଙ୍କ ମେସେଜ୍ ଆସିଥିବା ଜଣାପଡ଼ିବା ପରେ ତାଙ୍କୁ ଜେରା ଲାଗି ଡକାଯାଇଥିଲା। 'ପାନୀୟରେ ୪ ଟୋପା ପକାଇବା', 'ଚା'ରେ ୪ ଟୋପା ବ୍ୟବହାର କରିବା' ଭଳି କେତେକ ମେସେଜ୍ ସେ ୨୦୧୯ ଶେଷ ଭାଗରେ ପଠାଇଥିବା ଅଭିଯୋଗ ହୋଇଛି।

# ଓଡ଼ିଶାରେ ସଂକ୍ରମଣ ୯୦ ହଜାର ଡେଇଁଲା

■ ଆଉ ୭ ଜୀବନ ଗଲା, ମୃତ୍ୟୁ ସଂଖ୍ୟା ୪୪୮କୁ ବୃଦ୍ଧି
■ ୩୩୮୪ ନୂଆ କରୋନା ପଜିଟିଭ, ପୁଣି ଖୋର୍ଦ୍ଧାରୁ ସର୍ବାଧିକ
■ ୨୪ ଘଣ୍ଟାରେ ୬୮ ହଜାର ୯୦ ନମୁନା ପରୀକ୍ଷା

ଭୁବନେଶ୍ୱର, ୨୭।୮(ବ୍ୟୁରୋ)

ଲକ୍ଷେ ଆଡକୁ ମୁହାଁଇଛି ସଂକ୍ରମଣ। ଶେଷ ୨୪ ଘଣ୍ଟାରେ ରାଜ୍ୟର ୩୦ ଜିଲାରୁ ପୁଣି ସର୍ବାଧିକ ୩୩୮୪ ପଜିଟିଭ୍ ଚିହ୍ନଟ ହେବା ପରେ ଆକ୍ରାନ୍ତଙ୍କ ସଂଖ୍ୟା ୯୦,୯୮୬କୁ ବୃଦ୍ଧି ପାଇଛି। ଏହି ଧାରା ଜାରି ରହିଲେ ଆଉ ମାତ୍ର ୩ ଦିନରେ ଲକ୍ଷେ ଟପିଯିବା ସମ୍ଭାବନା ରହିଛି। ଅନ୍ୟପକ୍ଷରେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ସଙ୍ଗରୋଧ କେନ୍ଦ୍ରରୁ ୨୧୨୮ ଓ ସ୍ଥାନୀୟ ଅଞ୍ଚଳରୁ ୧୨୫୬ଜଣ ରହିଛନ୍ତି। ପୂର୍ବଭଳି ଖୋର୍ଦ୍ଧାରୁ ମଧ୍ୟ ସବୁଠୁ ଅଧିକ ୫୮୭ଜଣ ପଜିଟିଭ୍ ରହିଥିବାବେଳେ କଟକରୁ ଦ୍ୱିତୀୟ ସର୍ବାଧିକ ୪୯୨ଜଣ ଚିହ୍ନଟ ହୋଇଛନ୍ତି। ଏହା ତଳକୁ ସମ୍ବଲପୁରରୁ ୧୮୨, ଗଞ୍ଜାମ ଓ ମୟୂରଭଞ୍ଜରୁ ୧୭୭ ଲେଖାଏ, ଯାଜପୁରରୁ ୧୭୬, ବରଗଡ଼ରୁ ୧୫୭, ରାୟଗଡ଼ାରୁ ୧୫୪, ପୁରୀରୁ ୧୨୧, ବାଲେଶ୍ୱରରୁ ୧୧୯, ସୁନ୍ଦରଗଡ଼ରୁ ୧୦୧, ଝାରସୁଗୁଡ଼ାରୁ ୯୪, ବଲାଙ୍ଗୀରରୁ ୯୧, କୋରାପୁଟରୁ ୮୯, ଭଦ୍ରକରୁ ୮୨, ନୟାଗଡ଼ ଓ କେନ୍ଦ୍ରାପଡ଼ାରୁ ୭୬ ଲେଖାଏ, ଢେଙ୍କାନାଳରୁ ୬୦, କନ୍ଧମାଳରୁ ୫୮, ମାଲକାନଗିରିରୁ ୪୪, ଜଗତ୍‌ସିଂହପୁରରୁ ୪୩, କେନ୍ଦୁଝରରୁ ୩୫, ନବରଙ୍ଗପୁରରୁ ୩୧, କଳାହାଣ୍ଡିରୁ ୨୭, ସୁବର୍ଣ୍ଣପୁରରୁ ୨୩, ନୂଆପଡ଼ାରୁ ୧୯, ଦେବଗଡ଼ରୁ୧୬, ଅନୁଗୋଳରୁ ୧୩, ଗଜପତିରୁ ୯ ଓ ବୌଦ୍ଧରୁ ୫ ଜଣ ନୂଆ ଆକ୍ରାନ୍ତ ରହିଛନ୍ତି।

ସେପଟେ କରୋନାରେ ଆଉ ୭ଜଣଙ୍କ ମୃତ୍ୟୁ ଘଟିଛି। ସମ୍ବଲପୁରରୁ ସର୍ବାଧିକ ୩ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ବରଗଡ଼ରୁ ୨, ଭଦ୍ରକ ଓ ଖୋର୍ଦ୍ଧା(ଭୁବନେଶ୍ୱର)ରୁ ଜଣେ ଲେଖାଏ ମୃତକ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୩ଜଣ ମହିଳା ଓ ୪ଜଣ ପୁରୁଷ। ଏହାକୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୪୪୮କୁ ବୃଦ୍ଧି ପାଇଛି।

ଏପଟେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇ କହିଛନ୍ତି, ଗତ ୨୪ ଘଣ୍ଟାରେ ରାଜ୍ୟରେ ୬୮ହଜାର ୯୦ଟି କରୋନା ନମୁନା ପରୀକ୍ଷା ହୋଇଛି। ଆର୍‌ଟିପିସିଆର୍‌ରେ ୭,୨୮୮, ଆଣ୍ଟିଜେନରେ ୬୦,୬୮୬ ଏବଂ ଟ୍ରୁନଟ ପଦ୍ଧତିରେ ୧୧୬ଟି କରୋନା ପରୀକ୍ଷା କରାଯାଇଛି। ଗଞ୍ଜାମ ଜିଲାରେ ସର୍ବାଧିକ ୧୦,୭୧୯ଟି କରୋନା ନମୁନା ପରୀକ୍ଷା ହୋଇଛି। ସେହିପରି ମୟୂରଭଞ୍ଜ ଜିଲାରେ ୮୭୪୪, କେନ୍ଦ୍ରାପଡ଼ାରେ ୮୦୦୩, କେନ୍ଦୁଝରରେ ୬୬୩୨, ଯାଜପୁରରେ ୧୩୮୪, ଝାରସୁଗୁଡ଼ାରେ ୧୬୪୪ ଓ ଜଗତ୍‌ସିଂହପୁର ଜିଲାରେ ୨୧୨ଟି ଟେଷ୍ଟ ହୋଇଛି। ବର୍ତ୍ତମାନ ସୁଦ୍ଧା ୧୪ ଲକ୍ଷରୁ ଅଧିକ କରୋନା ନମୁନା ପରୀକ୍ଷା ହୋଇ ସାରିଥିବା ସେ ସୂଚନା ଦେଇଛନ୍ତି।

## କରୋନା ସଂକ୍ରମଣ ସ୍ଥିତି

ଗୁରୁବାର ରାତି ୯ଟା ସୁଦ୍ଧା

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨,୪୪,୦୩,୨୨୩ | ୮,୩୧,୦୪୫ | ୧,୬୯,୨୬,୨୨୩ |
| ଭାରତ | ୩୩,୩୩,୭୩୨ | ୬୦,୮୪୮ | ୨୫,୪୧,୧୯୨ |
| ଓଡ଼ିଶା | ୯୦,୯୮୬ | ୪୪୮(+୫୩) | ୬୫,୩୨୩ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



କାଜୁଆଲ କର୍ମଚାରୀଙ୍କୁ ଇପିଏଫ୍, ଇଏସ୍ଆଇ ସହ ସମାନ କାମକୁ ସମାନ ଦରମା ପ୍ରଦାନ ଆଦି ୯ ଦଫା ଦାବି ନେଇ ଗୁରୁବାର ଓୟୁଏଟି କର୍ମଚାରୀ ସଂଘ ପକ୍ଷରୁ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

# ଦନ୍ତାକୁ ମାରିଲା ଦନ୍ତା

ଢେଙ୍କାନାଳ ଅଫିସ୍, ୨୭।୮

ଢେଙ୍କାନାଳ ବନଖଣ୍ଡ କପିଳାସ ରେଞ୍ଜ୍ ଅଧୀନ ବଣିଆ ଗ୍ରାମ ନିକଟ ଜଙ୍ଗଲରେ ଗୁରୁବାର ଅପରାହ୍ନରେ ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ଏହାର ଆନୁମାନିକ ବୟସ ୧୫ ବର୍ଷ ହେବ। ହାତୀ-ହାତୀ ମଧ୍ୟରେ ସଂଘର୍ଷ ହୋଇ ଦନ୍ତାର ଜୀବନ ଯାଇଥିବା ବନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅଞ୍ଚଳବାସୀଙ୍କ କହିବା କଥା, ୪ଦିନ ତଳେ ପଲରୁ ଅଲଗା ହୋଇଯାଇଥିବା ଉକ୍ତ ଦନ୍ତା ସହ ଅନ୍ୟ ଏକ ଦନ୍ତାର ସଂଘର୍ଷ ହୋଇଥିଲା। ଏଥିରେ ହାତୀଟିର ମଳଦ୍ୱାରରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଯନ୍ତ୍ରଣାରେ ଛଟପଟ ହୋଇ ସେ ଗର୍ଜନ କରୁଥିଲା। ସୂଚନା ପାଇ ବନ କର୍ମଚାରୀ ଗୁରୁବାର ସକାଳେ ଆହତ ଦନ୍ତାକୁ ଠାବ କରିବା ସହ ଚିକିତ୍ସା କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନରେ ହାତୀଟିର ମୃତ୍ୟୁ ଘଟିଥିବା ରେଞ୍ଜର ଦର୍ଶନିଆ ଭୋଇ ସୂଚନା ଦେଇଛନ୍ତି। ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍ଓ) ପ୍ରକାଶ ଚାନ୍ଦ ଗୁଗିନାନି ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ବ୍ୟବଚ୍ଛେଦ ପରେ ହାତୀ ମୃତଦେହକୁ ପୋତି ଦିଆଯାଇଛି। ଏ ସଂକ୍ରାନ୍ତରେ ଡିଏଫ୍ଓ କୁହନ୍ତି, ଦୁଇଦନ୍ତା ମଧ୍ୟରେ ସଂଘର୍ଷ ଘଟି ହାତୀଟିର ମୃତ୍ୟୁ ଘଟିଛି। ହାତୀର କ୍ଷତସ୍ଥାନ ସଂକ୍ରମିତ ହୋଇଯାଇଥିଲା। ଆଭ୍ୟନ୍ତରୀଣ ଅଙ୍ଗରେ ରକ୍ତଜମାଟ ବାନ୍ଧିଥିଲା ବୋଲି ସେ ସୂଚନା ଦେଇଛନ୍ତି।



ମୃତ ଦନ୍ତା ହାତୀ।

# ଏନ୍ଇଇଟି, ଜେଇଇ ସ୍ଥଗିତ ହେଉ

ଭୁବନେଶ୍ୱର, ୨୭।୮(ବ୍ୟୁରୋ)

କରୋନା ମହାମାରୀର ପ୍ରକୋପ କମି ନ ଥିବା ବେଳେ କେନ୍ଦ୍ର ସରକାର ଦେଶରେ ଏନ୍ଇଇଟି ଏବଂ ଜେଇଇ(ମେନ୍) ପ୍ରବେଶିକା ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ଅଣଭାଜପା ଶାସିତ ରାଜ୍ୟଗୁଡ଼ିକ ବିରୋଧ କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପରୀକ୍ଷା ଘୁଞ୍ଚାଇବାକୁ ଅଗଷ୍ଟ ୨୫ରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଡ. ରମେଶ ପୋଖରିଆଲ ନିଶଙ୍କଙ୍କୁ ଚିଠି ଲେଖିଥିଲେ। ତେବେ ଏହାର ଦିନକ ପରେ ଅର୍ଥାତ୍ ଗୁରୁବାର ମୁଖ୍ୟମନ୍ତ୍ରୀ ଏନ୍ଇଇଟି ଏବଂ ଜେଇଇ (ମେନ୍) ପରୀକ୍ଷା ବର୍ତ୍ତମାନ ପରିସ୍ଥିତିରେ ସ୍ଥଗିତ ରଖିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟେଲିଫୋନ୍‌ରେ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ କରୋନା ମହାମାରୀ ସହିତ ବନ୍ୟା ସମସ୍ୟା ଦେଖାଦେଇଛି। ପରୀକ୍ଷା ଦେବାକୁ ଯିବା ଲାଗି ଛାତ୍ରୀଛାତ୍ରମାନେ ବହୁ ଅସୁବିଧାର ସମ୍ମୁଖୀନ ହେବେ। ଏହାକୁ ଦୃଷ୍ଟିରେ ରଖି ଉକ୍ତ ପରୀକ୍ଷାକୁ ସାମୟିକ ଭାବେ ସ୍ଥଗିତ ରଖିବାକୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ସହ କଥାହେଲେ ମୁଖ୍ୟମନ୍ତ୍ରୀ

# ୩୧ ଯାଏ ରେଭେନ୍ସା ବିଶ୍ୱବିଦ୍ୟାଳୟ ବନ୍ଦ

**କଟକ ଅଫିସ୍, ୨୭।୮:** ରେଭେନ୍ସା ବିଶ୍ୱବିଦ୍ୟାଳୟରେ କରୋନା ସଂକ୍ରମଣ ବ୍ୟାପିବାରେ ଲାଗିଛି। ଏଥିପାଇଁ ଗୁରୁବାରଠାରୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟକୁ ବନ୍ଦ ଘୋଷଣା କରିଛନ୍ତି କୁଳପତି ପ୍ରଫେସର ଈଶାନ କୁମାର ପାତ୍ର।

କିଛିମାସ ପୂର୍ବରୁ ଜଣେ ହଷ୍ଟେଲ କର୍ମଚାରୀଙ୍କ ପୁଅ କରୋନା ପଜିଟିଭ ଚିହ୍ନଟ ପରେ ବିଶ୍ୱବିଦ୍ୟାଳୟ ପରିସରକୁ ବିଶୋଧନ କରାଯିବା ସହ ସମ୍ପୃକ୍ତ ପରିବାରବର୍ଗଙ୍କୁ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଥିଲା। ଏହାପରେ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ବିଭାଗ, ଆଇଏସ୍‌ଟି ବିଭାଗ, ସଂସ୍କୃତ ବିଭାଗ ଏବଂ ପ୍ରଶାସନିକ ବିଭାଗରୁ ପ୍ରାୟ ୧୫ଜଣ କର୍ମଚାରୀ ପଜିଟିଭ ଚିହ୍ନଟ ହୋଇସାରିଲେଣି। ଗୁରୁବାର କୁଳପତିଙ୍କ କାର୍ଯ୍ୟାଳୟର ଜଣେ କର୍ମଚାରୀଙ୍କ ରିପୋର୍ଟ ପଜିଟିଭ ଆସିଥିବା ଜଣାପଡ଼ିଛି। ଏଥିସହ ଉକ୍ତ କର୍ମଚାରୀଙ୍କ ପରିବାରର ଅନ୍ୟ ୨ଜଣ ସଂକ୍ରମିତ ହୋଇଛନ୍ତି। ତେବେ ବିଶ୍ୱବିଦ୍ୟାଳୟକୁ ବନ୍ଦ କରାଯାଇଥିଲେ ମଧ୍ୟ କର୍ମଚାରୀମାନେ ଘରେ ରହି କାର୍ଯ୍ୟ କରିବେ। ସେହିପରି ବନ୍ଦ ଅବଧି ମଧ୍ୟରେ ବିଶ୍ୱବିଦ୍ୟାଳୟ ପରିସରକୁ ବିଶୋଧନ କରାଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ରୁପା ଛାଉଣି ହେବ ଶ୍ରୀମନ୍ଦିର କବାଟ

## ୩ କବାଟରେ ଲାଗିବ ୨୦ କୁଇଣ୍ଟାଲ ରୁପା

■ ଦେବେ ଦାତା, ଚାଲିଛି ଡିଜାଇନ ପ୍ରସ୍ତୁତି
■ ଖର୍ଚ୍ଚ ହେବ ୧୮ରୁ ୨୦ କୋଟି ଟଙ୍କା

ପୁରୀ ଅଫିସ୍, ୨୭।୮

ଶ୍ରୀମନ୍ଦିରର ୩ ପ୍ରମୁଖ କବାଟ ରୁପା ଛାଉଣୀ ହେବ। କଳାହାଟ ଦ୍ୱାର, ବେହେରଣ ଦ୍ୱାର ଏବଂ ଜୟବିଜୟ ଦ୍ୱାରରେ ଲାଗିଥିବା କବାଟଗୁଡ଼ିକୁ ରୁପା ଛାଉଣୀ କରାଯିବ। ଏଥିପାଇଁ ଆବଶ୍ୟକ ରୁପା ଦେବା ଲାଗି ଦାତା ଶ୍ରୀମନ୍ଦିର ପ୍ରଶାସନକୁ ପ୍ରସ୍ତାବ ଦେଇଛନ୍ତି। ଏହାକୁ ଆଧାର କରି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାର ଡିଜାଇନ ପ୍ରସ୍ତୁତି ଆରମ୍ଭ ହୋଇଛି। ଅଭିଜ୍ଞ ରୁପା କାରିଗରଙ୍କ ସହାୟତାରେ ଏହି ଡିଜାଇନ କରାଯାଉଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଏହି ୩ଟି ଦ୍ୱାରର କବାଟ ପ୍ରାୟ ନଷ୍ଟ ହୋଇଗଲାଣି। କବାଟ ବନ୍ଦ କରାଯିବା ସମୟରେ ଏହା ଠିକ୍ ଭାବେ ଖାପ ଖାଉନାହିଁ। ତେଣୁ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଏ ନେଇ ଗତ ସପ୍ତାହରେ ମୁଖ୍ୟ ପ୍ରଶାସକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଏଭଳି ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମେ ବର୍ମାଟିକ କାଠରେ ୩ଟି ଦ୍ୱାର ପାଇଁ ନୂଆ କବାଟ ତିଆରି କରାଯିବ। ଏହାପରେ କବାଟଗୁଡ଼ିକୁ ରୁପା ଛାଉଣୀ କରାଯିବ। ୩ଟି କବାଟରେ ପ୍ରାୟ ୨୦ କୁଇଣ୍ଟାଲ ଅର୍ଥାତ୍ ପ୍ରାୟ ୧୪କୋଟି ଟଙ୍କାର ରୁପା ଲାଗିବ ବୋଲି ପ୍ରାଥମିକ ଆକଳନ କରାଯାଇଛି। ସେହିପରି କାରିଗରଙ୍କ ପାରିଶ୍ରମିକ ବାବଦରେ ପ୍ରାୟ ୧.୫ କୋଟି ଟଙ୍କା ବ୍ୟୟ ହେବା ସହ ବର୍ମାଟିକ୍ କାଠ ମଧ୍ୟ କିଣାଯିବ। ଏଥିପାଇଁ ପ୍ରାୟ ୧୮ରୁ ୨୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ ହୋଇଛି। ଏ ସମ୍ପର୍କରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କୁ ପଚାରିବାରେ କହିଛନ୍ତି, ହଁ ଏମିତି ଏକ ପ୍ରସ୍ତାବ ରହିଛି। ଶ୍ରୀମନ୍ଦିରର ୩ଟି କବାଟକୁ ରୁପା ଛାଉଣୀ କରାଯିବ। ଏଥିପାଇଁ ଡିଜାଇନ ପ୍ରସ୍ତୁତି କାମ ଚାଲିଛି। ତେବେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଉନ୍ନୟନ ପ୍ରଶାସକ କହିଛନ୍ତି।




# ରାଜଧାନୀରେ କାର୍ ଦୁର୍ଘଟଣା: ୪ ମୃତ

ଭୁବନେଶ୍ୱର, ୨୭।୮(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ମର୍ମନ୍ତୁଦ ଦୁର୍ଘଟଣା ୪ ଜୀବନ ନେଇଛି। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନାଲ୍‌କୋ ଛକ ଟ୍ରାଫିକରେ ବୁଧବାର ବିଳମ୍ବିତ ରାତିରେ ଏହି ଦୁଃଖଦ ଘଟଣା ଘଟିଛି। ଦୁର୍ଘଟଣାରେ ଦୁଇଟି କାର୍ ଚୂର୍‌ମାର୍ ହୋଇଯାଇଥିବାବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ତେବେ ମୃତକଙ୍କ ମଧ୍ୟରେ ଜଣେ ଡ୍ରାଇଭର ଓ ଅନ୍ୟ ୩ଜଣ ସମ୍ପର୍କୀୟ ବୋଲି ଜଣାପଡିଛି। ସେମାନେ ହେଲେ ଯାଜପୁର ଜିଲା କୁଆଖାଇ ଅଞ୍ଚଳର ସୁଭଦ୍ରା ଦାସ(୬୦), ଭଦ୍ରକ ଜିଲା ଚାନ୍ଦବାଲିର ପ୍ରିୟରଞ୍ଜନ ଦାସ(୩୮), ଗୋପବନ୍ଧୁପୁରର ଦେବବ୍ରତ ଦାସ(୩୦) ଓ ଜଗତ୍‌ସିଂହପୁର ଜିଲା କରତାଳ ଅଞ୍ଚଳର ବରଦା ପ୍ରସାଦ ପରିଡା(୩୫)। ପୋଲିସ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଆହତଙ୍କ ମଧ୍ୟରେ ଅନ୍ୟ ଏକ କାର୍‌ର ଡ୍ରାଇଭର ବାପୁଜୀନଗର ଅଞ୍ଚଳର ଦେବସ୍ମିତ ପାଢ଼ୀ ବୋଲି ଜଣାପଡିଥିବାବେଳେ ଅନ୍ୟ ଦୁଇଜଣଙ୍କର ପରିଚୟ ମିଳିପାରିନି। ସମସ୍ତ ଆହତଙ୍କ ଚିକିତ୍ସା କ୍ୟାପିଟାଲ ହସ୍ପିଟାଲରେ ଚାଲିଥିବାବେଳେ ପୋଲିସ ଦୁର୍ଘଟଣାଗ୍ରସ୍ତ ଦୁଇ କାର୍‌କୁ ଜବତ କରିବା ସହ ମାମଲା (ନଂ. ୩୦୪/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପୋଲିସ ସୂଚନାନୁସାରେ, ରାତି ପ୍ରାୟ ୨ଟାରୁ ୩ଟା ହେବ। ଓଡି ୩୩ ଓ୍ୱାଇ ୩୬୪୯ ନମ୍ବର ବିଶିଷ୍ଟ ଆଇ-୧୦ କାର୍‌ଟି ଆଚାର୍ଯ୍ୟ ବିହାରରୁ ନୀଳାଦ୍ରିବିହାର ଅଭିମୁଖେ ଯାଉଥିଲା। ସେଥିରେ ୬ଜଣ ଥିଲେ। ଏହି ସମୟରେ ଡମଣାପଟୁ ଦ୍ରୁତ ଗତିରେ ଆସୁଥିବା କ୍ରେଟା (ଓଡି ୦୨ ଏଏ-୮୧୦୦) କାର୍ ସହ କଳିଙ୍ଗ ହସ୍ପିଟାଲ୍ ନିକଟ ନାଲ୍‌କୋ ଟ୍ରାଫିକ୍ ପୋଷ୍ଟରେ ଜୋର୍‌ରେ ଧକ୍କା ହୋଇଥିଲା। ଉକ୍ତ କାର୍‌କୁ ଚଳାଉଥିଲେ ଦେବସ୍ମିତ। ଦୁର୍ଘଟଣା ଏତେ ଜୋର୍ ଥିଲା ଯେ, ଆଇ-୧୦ କାର୍‌ଟି ପ୍ରାୟ ୧୦୦ ମିଟର ପର୍ଯ୍ୟନ୍ତ ଘୋଷାରି ହୋଇ ଲେଉଟି ପଡିଥିଲା। ବହୁ ଦୂର ପର୍ଯ୍ୟନ୍ତ ଶବ୍ଦ ଶୁଣାଯାଇଥିଲା। ଖବରପାଇ ପୋଲିସ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଆଇ-୧୦ କାର୍‌ରୁ ଦୁଇଟି ମୃତଦେହ ବାହାର କରିବା ସହ ଅନ୍ୟମାନଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଉଥିବାବେଳେ ବାଟରେ ଆଉ୨ଜଣଙ୍କର ମୃତ୍ୟୁ ଘଟିଥିଲା। ତେବେ ହସ୍ପିଟାଲ୍‌ରେ ପହଞ୍ଚିବା ପରେ ଡାକ୍ତର ୪ ଜଣଙ୍କୁ ମୃତ ଘୋଷଣା କରିଥିଲେ।

ଏ ନେଇ ଟ୍ରାଫିକ ଏସିପି ସ୍ୱସ୍ତିକ ପଣ୍ଡା କହିଛନ୍ତି, ଘଟଣାର ତଦନ୍ତ ଜାରି ରହିଥିବାବେଳେ ଅଭିଯୁକ୍ତଙ୍କ ବିରୋଧରେ ଯଥେଷ୍ଟ କାର୍ଯ୍ୟାନୁଷ୍ଠାନ ନିଆଯିବ। ସିସିଟିଭି ଫୁଟେଜକୁ ଆଧାର କରି ପ୍ରାଥମିକ ତଦନ୍ତବେଳେ କ୍ରେଟା କାର୍‌ଟି ଦ୍ରୁତ ଗତିରେ ଆସି ଧକ୍କା ଦେଇଥିବା ଜଣାପଡିଛି। ତେବେ ଦ୍ରୁତ ଗାଡି ଚାଳନା କରୁଥିବା ଚାଳକଙ୍କଠାରୁ ଜରିମାନା ଆଦାୟ କରାଯାଉଥିବାବେଳେ ଆଗକୁ ଏହାକୁ ଅଧିକ କଡାକଡି କରାଯିବ ବୋଲି ସେ କହିଛନ୍ତି।

# କରୋନାରେ ୧୪ ପୋଲିସ, ୩ ଗୃହରକ୍ଷୀଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୭।୮(ବ୍ୟୁରୋ)

କରୋନା ମୁକାବିଲାରେ ଆଗଧାଡ଼ିର ଯୋଦ୍ଧା ବହୁ ପୋଲିସ ସଂକ୍ରମଣର ଶିକାର ହୋଇଛନ୍ତି। କେତେଜଣ କରୋନା ସହ ଲଢ଼ି ବିଜୟୀ ହୋଇଥିବାବେଳେ ୧୪ଜଣ ପୋଲିସ କର୍ମଚାରୀ ଓ ୩ଜଣ ଗୃହରକ୍ଷୀ ପ୍ରାଣ ହରାଇଛନ୍ତି। ମୃତ କର୍ମଚାରୀଙ୍କ ପରିବାରକୁ ସହାୟତା ପାଇଁ ଉଦ୍ୟମ କରାଯାଉଛି ବୋଲି ପୋଲିସ ଡିଜି ଅଭୟ କହିଛନ୍ତି। ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ସରକାରଙ୍କ ଘୋଷଣା ଅନୁଯାୟୀ ମୃତ ପୋଲିସଙ୍କ ପରିବାରକୁ ୫୦ଲକ୍ଷ ଟଙ୍କାର ଅନୁଦାନ ଦେବା ପାଇଁ ପ୍ରକ୍ରିୟା ଚାଲିଛି। ୧୦ଜଣଙ୍କ ଫାଇଲ୍ ରାଜ୍ୟ ସରକାରଙ୍କ ନିକଟକୁ ପଠାଇଯାଇଛି। ଏହାସହ ମୃତ ଜଣେ ପୋଲିସ କର୍ମଚାରୀଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ସମସ୍ତ ଅନୁଦାନ ସହ ଚାକିରି ଶେଷ ପର୍ଯ୍ୟନ୍ତ ଦରମା ପ୍ରଦାନ ପାଇଁ ଅନୁମତି ମିଳିସାରିଛି। ସରକାର ୨ଟି ଉପରେ ଫୋକସ୍ କରିଛନ୍ତି। କୌଣସି ପୋଲିସର ମୃତ୍ୟୁ ଘଟେ, ଅନୁଦାନ ଆକାରରେ ୫୦ ଲକ୍ଷ ଟଙ୍କା ଏବଂ ତାଙ୍କର ଚାକିରି ଶେଷ ପର୍ଯ୍ୟନ୍ତ ଦରମା ଦେବାକୁ କୁହାଯାଇଛି।



## ଜେଇଇ, ଏନ୍‌ଇଇଟି ପରୀକ୍ଷା ଘୁଞ୍ଚାଅ: ଯୁବ କଂଗ୍ରେସ

ଭୁବନେଶ୍ୱର,(ବ୍ୟୁରୋ): କରୋନା ପରିସ୍ଥିତି ସ୍ୱାଭାବିକ ନ ହେବା ଯାଏ ଜେଇଇ ଏବଂ ଏନ୍‌ଇଇଟି ପରୀକ୍ଷା ସ୍ଥଗିତ ରଖିବାକୁ ଯୁବ କଂଗ୍ରେସ ଦାବି କରିଛି। ପରୀକ୍ଷା ଘୁଞ୍ଚାଇବା ଦାବିରେ ଗୁରୁବାର ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ଖୋର୍ଦ୍ଧା ଜିଲାର ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଦେଶରେ କରୋନା କାୟା ବିସ୍ତାର କରିଥିବାବେଳେ କେନ୍ଦ୍ର ସରକାର ଜେଇଇ ଓ ଏନ୍‌ଇଇଟି ପରୀକ୍ଷା ଆୟୋଜନ କରିବା ଦୁର୍ଭାଗ୍ୟଜନକ। ଛାତ୍ରଙ୍କ ଜୀବନକୁ ବିପଦ ମୁହଁକୁ ଠେଲିଦେବ। ପରୀକ୍ଷା ହେଲେ ପରୀକ୍ଷାର୍ଥୀ ସଂକ୍ରମିତ ହେବା ଆଶଙ୍କା ରହିଛି। ପରିବହନ ବ୍ୟବସ୍ଥା ଠପ୍ ହୋଇପଡ଼ିଥିବାବେଳେ ପିଲାମାନେ କିପରି ପରୀକ୍ଷା କେନ୍ଦ୍ରକୁ ଆସିବେ ବୋଲି ଦଳ ପକ୍ଷରୁ ପ୍ରଶ୍ନ କରାଯାଇଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ପ୍ରାଚି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନୂଆ ମାଲିକ ଦେବେନି କାମ

ଯୋଡ଼ା, ୨୭।୮(ଡି.ଏନ୍.ଏ.)

ଓଡ଼ିଶାର ଖଣି ବହୁଳ ଅଞ୍ଚଳ ଭାବେ ପରିଗଣିତ କେନ୍ଦୁଝର ଜିଲାର ଯୋଡ଼ା ଖଣି ମଣ୍ଡଳର ଖଣିଗୁଡ଼ିକ ନିଲାମ ହେବା ପରେ ଶ୍ରମିକଙ୍କ ପୁନଃନିଯୁକ୍ତି ଓ ଥଇଥାନକୁ ନେଇ ଏକ ଅନିଶ୍ଚିତତା ଦେଖାଦେଇଛି । ଖଣି ନିଲାମ ପୂର୍ବରୁ ରାଜ୍ୟ ସରକାର ତଥା କେନ୍ଦ୍ର ସରକାର ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ପୁନଃନିଯୁକ୍ତି ଓ ଥଇଥାନ ନେଇ କୌଣସି ନୀତିଗତ ନିଷ୍ପତ୍ତି କିମ୍ବା ଗାଇଡ୍‌ଲାଇନ୍ ପ୍ରସ୍ତୁତ କରି ନ ଥିଲେ। ଯାହା ଫଳରେ ଖଣିନିଲାମ ପ୍ରକ୍ରିୟାରେ ଭାଗନେଇ ଅନେକ ବୃହତ୍ତ ସଂସ୍ଥା ଖଣି ହାତେଇ କାର୍ଯ୍ୟ ଆରମ୍ଭ କଲେଣି। ଯେଉଁ ଖଣି ଲିଜ୍‌ଧାରୀମାନେ ବର୍ତ୍ତମାନ ନୂତନ ଭାବେ ଖଣିକାର୍ଯ୍ୟ ଆରମ୍ଭ କରିଛନ୍ତି। ପୂର୍ବରୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ଓ କର୍ମଚାରୀମାନଙ୍କୁ ପୁନଃ ନିଯୁକ୍ତି ନ ଦେଇ କେତେକ ଠିକା କର୍ମଚାରୀଙ୍କୁ ନେଇ ଖଣି କାର୍ଯ୍ୟ ଚଳାଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତିକୁ ନେଇ ଆନ୍ଦୋଳନ ହେଉଥିଲେ ହେଁ ଏହାକୁ ଧ୍ୟାନ ନ ଦେଇ ପ୍ରଶାସନକୁ ହାତବାରିଶି କରି ଖଣି କାର୍ଯ୍ୟ ଜାରି ରଖିଛନ୍ତି।

ପୂର୍ବରୁ ଯୋଡ଼ା ଖଣି ମଣ୍ଡଳର ୩୦ଟି ବିଭିନ୍ନ ଘରୋଇ ଖଣି ସମେତ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ଓ ଓଡ଼ିଶା ମିନେରାଲ୍‌ସ ଡେଭଲପମେଣ୍ଟ କମ୍ପାନୀ (ଓଏମ୍‌ଡିସି)ରେ ପ୍ରାୟ ୩୮,୨୭୦ ଶ୍ରମିକ କାର୍ଯ୍ୟ କରୁଥିଲେ। ଏହାଛଡ଼ା ଖଣିରେ କାର୍ଯ୍ୟ କରୁଥିବା କର୍ମଚାରୀ ଓ ପଦାଧିକାରୀଙ୍କ ସଂଖ୍ୟା ବହୁ ଅଧିକ। କେତେକ ଖଣି ଗୁଡିକ ବୈଧାନିକ କାରଣ ହେତୁ ବନ୍ଦ ହେବା ଦ୍ୱାରା ବେରୋଜଗାର ସମସ୍ୟା ଦେଖାଦେଇଛି ଏବଂ ଖଣି ନିଲାମ ହେବା ପରେ ମଧ୍ୟ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ଓ କର୍ମଚାରୀମାନେ ଏବେ ବେରୋଜଗାର ହୋଇଯାଇଛନ୍ତି। ପୂର୍ବରୁ କାର୍ଯ୍ୟ ଦେଇଥିବା ଖଣି କମ୍ପାନୀ ଗୁଡ଼ିକ ଶ୍ରମିକମାନଙ୍କୁ ଛଟେଇ କରିବା ପରେ ସେମାନେ ନୂତନ ଖଣିରେ କାର୍ଯ୍ୟ ପାଇବା ନେଇ ଆଶାବାନ୍ଧି ବସିଛନ୍ତି। ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ଶ୍ରମ ବିଭାଗର ବଡବିଲରେ ଅବସ୍ଥାପିତ ଲେବର ଏନଫୋର୍ସମେଣ୍ଟ ଅଫିସର (ଏଲଇଓ)ସି ଯୋଗେନ୍ଦ୍ର ସିଂଙ୍କୁ ପଚାରିବାରୁ ଖଣିରେ ଶ୍ରମିକଙ୍କୁ ନିଯୁକ୍ତି ଦେବା କାର୍ଯ୍ୟ ରାଜ୍ୟ ସରକାରଙ୍କ ଅଟେ। ଖଣିରେ କାର୍ଯ୍ୟରତ ଶ୍ରମିକମାନଙ୍କ ଅସୁବିଧାକୁ କେବଳ କେନ୍ଦ୍ର ସରକାରଙ୍କ ଶ୍ରମ ବିଭାଗ ବୁଝିବ। ଏଣୁ ଶ୍ରମିକମାନଙ୍କ ନିଯୁକ୍ତିକୁ ରାଜ୍ୟ ସରକାର ବୁଝିବା ଦରକାର ବୋଲି ସିଂ ମତ ଦେଇଛନ୍ତି। ଅପରପକ୍ଷରେ କେନ୍ଦୁଝରରେ ଅବସ୍ଥାପିତ ରାଜ୍ୟ ସରକାରଙ୍କ ଡିଭିଜନାଲ ଲେବର କମିଶନର ଲକ୍ଷ୍ମୀଧର ରଥଙ୍କ କହିବା ହେଲା ଶ୍ରମିକଙ୍କୁ ନିଯୁକ୍ତି ଦେବା କାର୍ଯ୍ୟ ରାଜ୍ୟ ସରକାର ନୁହେଁ ବରଂ ଖଣି ଲିଜ୍‌ଧାରୀଙ୍କ। ଖଣିରେ ନିଯୁକ୍ତି ପାଇବା ପରେ ଶ୍ରମିକଙ୍କ ତତ୍ତ୍ୱାବଧାନ କାର୍ଯ୍ୟ କେନ୍ଦ୍ର ସରକାରଙ୍କ ବୋଲି କହିଛନ୍ତି। ଏଭଳି ସ୍ଥିତିରେ ଶ୍ରମିକଶ୍ରେଣୀ ଦ୍ୱନ୍ଦ୍ୱରେ ରହିଛନ୍ତି।

ଏନେଇ ବାମପନ୍ଥୀ ଏଆଇଟିୟୁସି ଶ୍ରମିକ ସଂଗଠନର ରାଜ୍ୟ ସମ୍ପାଦକ ମହେଶ୍ୱର ରାଉତଙ୍କ କହିବା ହେଲା ସରକାରୀ ଲିଖିତ ନିର୍ଦ୍ଦେଶନାମା ଯଦିଓ ନାହିଁ, ଜିଲାପାଳ ଓ ଖଣିବିଭାଗର ଅଧିକାରୀଙ୍କ ସହିତ ହୋଇଥିବା ନୂଆ ଲିଜ୍‌ଧାରୀଙ୍କ ବୈଠକରେ ସମସ୍ତ କାର୍ଯ୍ୟରତ ଶ୍ରମିକଙ୍କୁ ନିଯୁକ୍ତି ଦିଆଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତଦନୁଯାୟୀ ଜଜାଙ୍ଗସ୍ଥିତ ଜେଏସ୍‌ଡବ୍ଲ୍ୟୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ରାଉତ କହିଛନ୍ତି। ପୁରୁଣା ଖଣି ମାଲିକଙ୍କ ପରିବହନ ଶେଷ ହେବା ପରେ ନୂତନ ଖଣି ମାଲିକଙ୍କୁ ଖଣି ହସ୍ତାନ୍ତର କରିବା ପରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକ ନିଯୁକ୍ତି ପାଇବେ ଏବଂ ପ୍ରତିଶ୍ରୁତି ମୁତାବକ ଏହା ନ ହେଲେ ଶ୍ରମିକ ସଂଗଠନ ନ୍ୟାୟାଳୟର ଦ୍ୱାରସ୍ଥ ହେବା ସହିତ ଏନେଇ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି। ଭାଜପା ସହିତ ସଂଶ୍ଳିଷ୍ଟ ଭାରତୀୟ ମଜଦୁର ସଂଘର ରାଜ୍ୟ ସଂପାଦକ ଡାକ୍ତର ମହାନ୍ତ କହିଛନ୍ତି ଯେ, ବର୍ତ୍ତମାନର କରୋନା ପରିସ୍ଥିତି ସମୟରେ ସଂଘ ପକ୍ଷରୁ କୌଣସି ପ୍ରକାର ପଦକ୍ଷେପ ନିଆଯାଇପାରୁ ନାହିଁ। ପୂର୍ବରୁ ଖଣିରେ କାର୍ଯ୍ୟରତ ଶ୍ରମିକଙ୍କୁ ନୂତନ ଖଣିରେ ପୁନଃ ନିଯୁକ୍ତି ଦିଆଯିବା ପାଇଁ ପ୍ରଶାସନିକ ସ୍ତରରେ ଦାବିପତ୍ର ଦିଆଯାଇଛି। ତଥାପି ବର୍ତ୍ତମାନ ବିଭିନ୍ନ ନୂତନ ଲିଜ୍‌ଧାରୀଙ୍କ ସହ ଖଣି ଶ୍ରମିକଙ୍କ ପୁନଃନିଯୁକ୍ତିକୁ ନେଇ ଆଲୋଚନା କରାଯାଇଛି। ଶ୍ରମିକମାନଙ୍କୁ ନିଯୁକ୍ତି ନ ମିଳିଲେ ଆଗାମୀ ଦିନରେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ। ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ଗୁରୁଚରଣ ନାଏକ, ଅରୁଣ କୁମାର ନାଏକ, ଗୁରୁଚରଣ ଲୋହାରଙ୍କ ସମେତ ମହିଳା ଶ୍ରମିକ ଶରିତା ହେସା ପ୍ରମୁଖ ଖଣି ଆମର, ଜଙ୍ଗଲ ଆମର ବୋଲି କହିଛନ୍ତି। କାର୍ଯ୍ୟ କରିବାର ନ୍ୟାର୍ଯ୍ୟ ଅଧିକାର ଆମର ରହିଛି। ଏଣୁ ଖଣି କମ୍ପାନୀଗୁଡ଼ିକ ଯାନ୍ତ୍ରିକ ଖଣି ଚଳାଇଲେ ମଧ୍ୟ ଆମକୁ ଖଣି କାର୍ଯ୍ୟ ଦେବାକୁ ବାଧ ବୋଲି କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଧୋଇନେଲା...

ରାଜ୍ୟରେ ୫୫.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ୬ ଜିଲାରେ ୧୦୦ ମିଲିମିଟରରୁ ଅଧିକ ବର୍ଷା ହୋଇଛି ବୋଲି ଏସ୍‌ଆର୍‌ସି କହିଛନ୍ତି। ଝାରସୁଗୁଡ଼ାରେ ୧୭୭ ମିଲିମିଟର ବର୍ଷା ହୋଇଥିବା ବେଳେ ଦେବଗଡ଼ରେ ୧୨୮.୫, ସମ୍ବଲପୁର ୧୧୬.୭, ବୌଦ୍ଧ ୧୧୪ ଏବଂ ଅନୁଗୋଳ ଜିଲାରେ ୧୦୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ୯ ଜିଲାରେ ୫୦ ମିଲିମିଟରରୁ ଅଧିକ ବର୍ଷା ହୋଇଛି। ସେହି ଜିଲାଗୁଡିକ ହେଲା କେନ୍ଦୁଝର, ବରଗଡ଼, ବଲାଙ୍ଗୀର, ନୂଆପଡ଼ା, ସୁବର୍ଣ୍ଣପୁର, ବାଲେଶ୍ୱର, ମୟୂରଭଞ୍ଜ, ଢେଙ୍କାନାଳ ଏବଂ କଳାହାଣ୍ଡି। କେନ୍ଦୁଝର ଜିଲାର ତେଲକୋଇ ବ୍ଲକରେ ସର୍ବାଧିକ ୨୧୫ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ଏସ୍‌ଆର୍‌ସି କହିଛନ୍ତି। ରାଜ୍ୟର ୮ ଜିଲା ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ନୂଆପଡ଼ା, ବଲାଙ୍ଗୀର, ସୁବର୍ଣ୍ଣପୁର ଓ ନବରଙ୍ଗପୁରକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ଚାଇନାର କ୍ଷତି କରିପାରିବ...

ବିଶେଷଜ୍ଞ ତଥା ଟିଭି କମେଣ୍ଟେଟର ସୋଙ୍ଗ୍ ଝୋଙ୍ଗପିଙ୍ଗ କହିଛନ୍ତି, ଭାରତୀୟ ସେନାଠାରୁ ପିଏଲ୍‌ଏ ଅଧିକ ଶକ୍ତିଶାଳୀ। ଭାରତୀୟ ସେନାର କେତେକ ଭୁଲ୍ ଯୋଗୁ ବାରମ୍ବାର ସେମାନଙ୍କ ଯୁଦ୍ଧବିମାନ ଦୁର୍ଘଟଣାଗ୍ରସ୍ତ ହେବା ସହ ବୁଡ଼ାଜାହାଜରେ ବିସ୍ଫୋରଣ ଘଟୁଛି। ସେହିପରି ଭାରତୀୟ ପ୍ରତିରକ୍ଷା ଶିଳ୍ପରେ ଦୁର୍ନୀତି ଚାଲିଛି। ଏହିସବୁ କାରଣକୁ ନେଇ ଚାଇନାବାସୀ ବିଶେଷକରି ସାମରିକ ତଥ୍ୟ ଉପରେ ଆଗ୍ରହ ରଖୁଥିବା ଲୋକେ ଭାରତୀୟ ସେନାକୁ 'କେବଳ ଏକ ଉପହାସ' ବୋଲି ବିବେଚନା କରନ୍ତି। କିନ୍ତୁ ଭାରତୀୟ ସେନାକୁ ନେଇ ଏହି ଧାରଣା ସମ୍ପୂର୍ଣ୍ଣ ଠିକ୍ ନୁହେଁ। ପାକିସ୍ତାନ ସହ ସାମରିକ ସଂଘର୍ଷ ଲାଗିରହିଥିବାରୁ ଭାରତୀୟ ଯବାନଙ୍କଠାରେ ଅଧିକ ଯୁଦ୍ଧ ଅନୁଭୂତି ରହିଛି। ତେଣୁ ଭବିଷ୍ୟତରେ ଭାରତ ସହ ଆମେ ଯୁଦ୍ଧ କଲେ ଆମ ପ୍ରତିଦ୍ୱନ୍ଦ୍ୱୀକୁ ଉପହାସ କରିବା ପରିବର୍ତ୍ତେ ସମ୍ମାନ ଦେଇ ସେମାନଙ୍କଠାରୁ ଶିକ୍ଷାଲାଭ କରିବା ଉଚିତ। କାରଣ ଥଙ୍ଗା ଆମ ସେନାକୁ ଯୁଦ୍ଧରେ ବିଜୟୀ କରିପାରିବ ନାହିଁ।

ଏଥିଯୋଗୁ ଚାଇନା ସରକାର ଭାରତର ଉତ୍ତେଜନାମୂଳକ ପଦକ୍ଷେପ ବିରୋଧରେ କଡ଼ା ପଦକ୍ଷେପ ନେବା ଉଚିତ ବୋଲି ୭୦.୫% ଚାଇନା ନାଗରିକ କହିଛନ୍ତି। ଭାରତ ପଟୁ ସୀମା ବିବାଦ ଆରମ୍ଭ କରାଗଲେ ଏହା ବିରୋଧରେ ଜବାବୀ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ ବୋଲି ସର୍ଭେରେ ସାମିଲ ହୋଇଥିବା ୮୯% ଉତ୍ତରଦାତା ମତ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ୫୦.୪% ଆତ୍ମରକ୍ଷା ଓ ଜବାବୀ ଆକ୍ରମଣ ପାଇଁ ଦୃଢ଼ ସମର୍ଥନ କରିଥିବାବେଳେ ୩୮% ଆଂଶିକ ଭାବେ ସମର୍ଥନ କରିଛନ୍ତି। ଭାରତ ଓ ଚାଇନା ଆଗରେ ସୀମା ବିବାଦକୁ ମୁଖ୍ୟ ପ୍ରତିବନ୍ଧକ ବୋଲି ୩୦% ଲୋକ କହିଛନ୍ତି। ସେମାନଙ୍କ ମଧ୍ୟରୁ ୨୪% ଆମେରିକାର ହସ୍ତକ୍ଷେପକୁ ପ୍ରତିବନ୍ଧକ ବୋଲି ଦାୟୀ କରିଥିବାବେଳେ ୧୦.୭% ଦୁଇଦେଶ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାକୁ ନାପସନ୍ଦ କରିଛନ୍ତି। ସେହିପରି ଚାଇନାକୁ ମୁକାବିଲା କରିବା ପାଇଁ ଭାରତ ଆମେରିକାକୁ ଅନୁସରଣ କରୁଥିବା ୬୬.୪% ଉତ୍ତରଦାତା କହିଛନ୍ତି।

## ମହରମ ଶୋଭାଯାତ୍ରାକୁ...

ନିର୍ଦ୍ଦେଶନାମା କିପରି ଦିଆଯିବ ବୋଲି ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ, ଜଷ୍ଟିସ ଏ.ଏସ୍. ବୋପାନ୍ନା ଏବଂ ଭି. ରାମସୁବ୍ରମଣ୍ୟନଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ମହରମ ଶୋଭାଯାତ୍ରା ପାଇଁ ସାଧାରଣ ନିର୍ଦ୍ଦେଶନାମା ଜାରି ହେଲେ ଅରାଜକତା ଦେଖାଦେବ। କରୋନା ସଂକ୍ରମଣ ବୃଦ୍ଧି ପାଇଁ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଟାର୍ଗେଟ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି। ସେପରି ହେବାକୁ ଆମେ ଚାହୁଁନାହୁଁ। ଏକ ଅଦାଲତ ଭାବେ ଆମେ ସମସ୍ତ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ଆଣିପାରିବୁ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଭିଡିଓ କନ୍‌ଫରେନ୍ସ ଜରିଆରେ ପିଟିଶନର ଶୁଣାଣି ହୋଇଥିଲା। ଓଡ଼ିଶାରେ ରଥଯାତ୍ରା ପାଇଁ ସର୍ବୋଚ୍ଚ ଅଦାଲତ ଜୁନ୍‌ରେ ଅନୁମତି ଦେଇଥିବାରୁ ମହରମ ଶୋଭାଯାତ୍ରା ଲାଗି ଅନୁରୂପ ଅନୁମତି ମିଳିବା ଆବଶ୍ୟକ ବୋଲି ଆବେଦନକାରୀ ଜାୱାଦ ଯୁକ୍ତି ବାଢ଼ିଥିଲେ। ଏହାର ଜବାବରେ ପ୍ରଧାନ ବିଚାରପତି କହିଥିଲେ, ପୁରୀ ଜଗନ୍ନାଥ ରଥଯାତ୍ରା ଗୋଟିଏ ସ୍ଥାନରେ ଓ ଗୋଟିଏ ରାସ୍ତାରେ ହେବାର ଥିଲା। ସେଥିପାଇଁ କୋଭିଡ୍ କଟକଣା ସହ ରଥଯାତ୍ରା କରିବା ଲାଗି ଅନୁମତି ଅଦାଲତ ଅନୁମତି ଦେଇଥିଲେ। ଏଠାରେ ତୁମେ ସାରା ଦେଶ ପାଇଁ ଅନୁମତି ଚାହୁଁଛ। ସମସ୍ତଙ୍କ ସ୍ୱାସ୍ଥ୍ୟର ଦାୟିତ୍ୱ ଆମେ ନେଇପାରିବୁ ନାହିଁ ବୋଲି ଖଣ୍ଡପୀଠ କହିବା ସହ ପିଟିଶନ ଫେରାଇନେବାକୁ ଅନୁମତି ଦେଇଥିଲେ। କେବଳ ଲକ୍ଷ୍ନୌରେ ମହରମ ଶୋଭାଯାତ୍ରା ପାଇଁ ପିଟିଶନର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିବେ ବୋଲି ଖଣ୍ଡପୀଠ କହିଥିଲେ।

## ରାଜକୋଷକୁ ୨.୫...

ଅପରପକ୍ଷରେ ଦ୍ୱିତୀୟ ବିକଳ୍ପ ଭାବେ ରାଜ୍ୟଗୁଡିକୁ ୨.୫ ଲକ୍ଷ କୋଟିର ଜିଏସ୍‌ଟି କ୍ଷତିପୂରଣ ପାର୍ଥକ୍ୟକୁ ନିଜେ ଉଠାଇବାକୁ ପ୍ରସ୍ତାବ ରହିଛି। ଏ ଦିଗରେ ମଧ୍ୟ ରିଜର୍ଭ ବ୍ୟାଙ୍କ ସହ ପରାମର୍ଶ କରାଯିବ। ଉକ୍ତ ପ୍ରସ୍ତାବକୁ ୭ ଦିନ ମଧ୍ୟରେ ରାଜ୍ୟଗୁଡିକ ନିକଟକୁ ପଠାଯିବା ନେଇ ପାଣ୍ଡେ ସ୍ପଷ୍ଟ କରିଛନ୍ତି। କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି, କେବଳ ଚଳିତ ଆର୍ଥିକ ବର୍ଷ ଲାଗି ନୂଆ ବିକଳ୍ପଗୁଡିକୁ କାର୍ଯ୍ୟକାରୀ କରାଯିବାକୁ ପ୍ରସ୍ତାବ ରହିଛି। ରିଜର୍ଭ ବ୍ୟାଙ୍କ ସହ ପରାମର୍ଶ କରି ରାଜ୍ୟଗୁଡିକର ଋଣ ସମସ୍ୟାକୁ ସମାଧାନ କରିବା ଦିଗରେ କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରିବେ। ଜି-ସିକ୍ୟୁରିଟି ସଂଯୋଗୀ ସୁଧହାରରେ ରାଜ୍ୟଗୁଡିକ ଋଣ ଉଠାଇବା ଦିଗରେ ଯୋଜନା କରାଯିବ। ଫଳରେ ରାଜ୍ୟଗୁଡିକୁ ଋଣ ଉଠାଣ ଲାଗି କୌଣସି ଅସୁବିଧାର ସାମ୍ନା କରିବାକୁ ପଡିବ ନାହିଁ ବୋଲି ସୀତାରାମନ ମତ ରଖିଛନ୍ତି।

**କ୍ଷତିପୂରଣକୁ ନେଇ କେନ୍ଦ୍ର-ରାଜ୍ୟ ଟଣାଓଟରା:**

ଜିଏସ୍‌ଟି କ୍ଷତିପୂରଣ ପ୍ରଦାନ ଲାଗି ଅର୍ଥ ରାଶି କନ୍‌ସୋଲିଡେଟେଡ ଫଣ୍ଡ ଅଫ୍ ଇଣ୍ଡିଆରୁ ଉଠାଣ କରାଯାଇ ପାରିବ ନାହିଁ ବୋଲି ଆର୍ଟର୍ନି ଜେନେରାଲ ପୂର୍ବରୁ ମତ ରଖିଥିଲେ। ଏ ଦିଗରେ ପୁଣି ଥରେ ତାଙ୍କର ମତ ଲୋଡାଯିବ ବୋଲି ଜଣାପଡିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ କରାଯାଇଥିବା ଆକଳନ ମୁତାବକ ଚଳିତ ଆର୍ଥିକ ବର୍ଷରେ ରାଜ୍ୟଗୁଡିକୁ ଜିଏସ୍‌ଟି କ୍ଷତିପୂରଣ ପ୍ରଦାନ ବାବଦକୁ ୩ ଲକ୍ଷ କୋଟି ଟଙ୍କାର ଅର୍ଥ ଆବଶ୍ୟକ ହେଉଛି। ମାତ୍ର ଜିଏସ୍‌ଟି ବ୍ୟବସ୍ଥାରେ ଲାଗୁ ହେଉଥିବା ସେସ୍‌ରୁ ୬୫ ହଜାର କୋଟି ଟଙ୍କା ସଂଗ୍ରହ ହେବା ନେଇ ଲକ୍ଷ୍ୟ ରଖାଯାଇଛି। ମୋଟାମୋଟି ଭାବେ କହିବାକୁ ଗଲେ ୨.୩୫ ଲକ୍ଷ କୋଟି ଟଙ୍କା ଏ ଦିଗରେ ନିଅଣ୍ଟ ପଡିବ। କଂଗ୍ରେସ ସମେତ ଅଣଭାଜପା ଶାସିତ ରାଜ୍ୟଗୁଡିକ ମତ ରଖିଛନ୍ତି ଯେ, ଜିଏସ୍‌ଟି କ୍ଷତିପୂରଣ ପ୍ରଦାନ ନେଇ କେନ୍ଦ୍ର ପଦକ୍ଷେପ ଗ୍ରହଣ କରୁ। ରାଜ୍ୟଗୁଡିକ ଏହି କ୍ଷତିପୂରଣ ପ୍ରଦାନ କରିବା ଏକ ବୈଧାନିକ ଦାୟିତ୍ୱ ହୋଇଥିବାରୁ ଏହାକୁ କେନ୍ଦ୍ର ଅଗ୍ରାହ୍ୟ କରିପାରିବ ନାହିଁ। ମାତ୍ର କେନ୍ଦ୍ର ସରକାର ଏହାର ଆଇନଗତ ଯୁକ୍ତି ମଧ୍ୟ ବାଢିଛନ୍ତି। ଯଦି ଟିକସ ସଂଗ୍ରହ କମେ ତେବେ ବାଧ୍ୟବାଧକତା ଭାବେ ଜିଏସ୍‌ଟି କ୍ଷତିପୂରଣ ପ୍ରଦାନ କରାଯାଇପାରିବ ନାହିଁ ବୋଲି କେନ୍ଦ୍ର ସରକାର କହିଛନ୍ତି। ସୂଚନାଯୋଗ୍ୟ, ୨୦୧୯-୨୦ରେ କେନ୍ଦ୍ର ସରକାର ରାଜ୍ୟଗୁଡିକୁ ୧.୬୫ ଲକ୍ଷ କୋଟିର ଜିଏସ୍‌ଟି କ୍ଷତିପୂରଣ ପ୍ରଦାନ କରିଛନ୍ତି। ଏହା ମଧ୍ୟରେ ମାର୍ଚ୍ଚରେ ୧୩,୮୦୬ କୋଟି ଟଙ୍କା ସାମିଲ ରହିଛି। ଏହି ସମୟ ଅବଧିରେ ୯୫,୪୪୪ କୋଟି ଟଙ୍କାର ସେସ୍ ସଂଗ୍ରହ କରାଯାଇଛି।

**ରାଜସ୍ୱ ହ୍ରାସ ଚିନ୍ତାରେ ରାଜ୍ୟ:**

ରାଜ୍ୟଗୁଡ଼ିକର ମୋଟ୍ ଖର୍ଚ୍ଚ କେନ୍ଦ୍ର ସରକାରଙ୍କ ଖର୍ଚ୍ଚଠାରୁ ଅଧିକ। ଦେଶର ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧି ମଧ୍ୟ ରାଜ୍ୟଗୁଡିକର ଖର୍ଚ୍ଚ ଉପରେ ନିର୍ଭର କରୁଛି। କୋଭିଡ୍-୧୯ ଯୋଗୁ ବର୍ତ୍ତମାନ ସ୍ଥିତିରେ ରାଜ୍ୟଗୁଡିକ ଲାଗି ଅର୍ଥ ଏକ ପ୍ରମୁଖ ଆବଶ୍ୟକତା ହୋଇପଡିଛି। ସମସ୍ୟାର ସମାଧାନ ଲାଗି ଜିଏସ୍‌ଟି ପରିଷଦ ସାମ୍ନାରେ ଅନ୍ୟ କିଛି ବିକଳ୍ପ ରହିଛି। କ୍ଷତିପୂରଣ ସେସ୍‌କୁ ବଢାଯିବା, ସାମଗ୍ରୀ ଏବଂ ସେବା ଟିକସ ପରିସରରେ ଅଧିକ ସାମଗ୍ରୀକୁ ଅନ୍ତର୍ଭୁକ୍ତ କରିବା ଏବଂ ପରିଶେଷରେ ବଜାରରୁ ଋଣ ଉଠାଇବା ଭଳି ବିକଳ୍ପ ପରିଷଦ ଚିନ୍ତା କରିପାରିବ। ଟିକସ ସ୍ଲାବ କିମ୍ବା ଜିଏସ୍‌ଟି ବୃଦ୍ଧି ନେଇ ରାଜ୍ୟଗୁଡିକ ବର୍ତ୍ତମାନ କେନ୍ଦ୍ର ସହିତ ସହମତ ନାହାନ୍ତି। ଅପରପକ୍ଷରେ ଋଣ ଉଠାଣ ନେଇ ମଧ୍ୟ ରାଜ୍ୟଗୁଡିକ କେନ୍ଦ୍ର ସହ ଏକମତ ସ୍ଥିତିରେ ନ ଥିବା ଜଣାପଡିଛି। ରାଜ୍ୟଗୁଡିକ ଋଣ ଉଠାଣ କରନ୍ତୁ ବୋଲି କେନ୍ଦ୍ର ଚାହୁଁଛି। ଆଗାମୀ ଦିନରେ ଟିକସ ସଂଗ୍ରହ ହେଲେ ଏହାକୁ ନେଇ ଋଣ ଅର୍ଥ ପଇଠ କରାଯିବ। ମାତ୍ର ରାଜ୍ୟଗୁଡିକ ଚାହୁଁଛନ୍ତି ପରିଷଦ ଏ ନେଇ ବ୍ୟବସ୍ଥା କରୁ ଏବଂ ସୁବିଧାକୁ ରାଜ୍ୟଗୁଡିକୁ ପ୍ରଦାନ କରୁ। ଟିକସ ସଂଗ୍ରହ କମିବାରୁ ଚଳିତ ବର୍ଷ ରାଜ୍ୟଗୁଡିକ ୩.୧ରୁ ୩.୬ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି କ୍ଷତିପୂରଣ ଲୋଡି ପାରନ୍ତି। ଏଥିଲାଗି ବଜାରରୁ ଅତିରିକ୍ତ ଋଣ ଉଠାଣ ଏବଂ ସେସ୍ ସଂଗ୍ରହ ସୀମାକୁ ବୃଦ୍ଧି କରିବା ଅନ୍ୟ ଏକ ସମାଧାନ ହୋଇ ପାରେ ବୋଲି ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି। କେନ୍ଦ୍ର ସରକାର ପ୍ରଦାନ କରିଥିବା ୨ ବିକଳ୍ପ ମଧ୍ୟରୁ କେଉଁ ବିକଳ୍ପ କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ ବାକି ରହିଲା।

## ବନ୍ୟାରେ ୭ ମୃତ,...

ଯାଜପୁର ବ୍ଲକର ସିମିଳିଆ ଠାରେ ଘାଇ ହୋଇଛି ବୋଲି ଜଳକା ନଦୀରେ ବନ୍ୟା ଜଳ ୭ ମିଟର ଉପରେ ରହିଲେ ମଧ୍ୟ ତାହା ପ୍ରଭାବିତ କରେ ନାହିଁ। ବୁଢାବଳଙ୍ଗ ନଦୀରେ ବନ୍ୟା ଜଳ କମୁଛି। ଗାଲୁଡି ଡ୍ୟାମରୁ ୫ ହଜାର ୫୦୦ କ୍ୟୁସେକ ଜଳ ଆସୁଥିବାରୁ ସୁବର୍ଣ୍ଣରେଖା ନଦୀରେ ଏକ ଛୋଟଧରଣର ବନ୍ୟା ଆଶଙ୍କା ରହିଛି। ବାଲେଶ୍ୱର ଜିଲାର ୪ଟି ବ୍ଲକ ଓ ମୟୂରଭଞ୍ଜର ଗୋଟିଏ ବ୍ଲକରେ ବନ୍ୟା ହେବାର ଅଛି ବୋଲି ଏସଆରସି କହିଛନ୍ତି। ସେହିପରି ରେଙ୍ଗାଲି ଜଳ ଭଣ୍ଡାରକୁ ପ୍ରତି ସେକେଣ୍ଡରେ ପ୍ରାୟ ୪ ଲକ୍ଷ କ୍ୟୁସେକ ଜଳ ପ୍ରବେଶ କରୁଛି। ସେଥିରୁ ୩ଟି ଗେଟ ଜରିଆରେ ୫ ହଜାର ୪୦୦ କ୍ୟୁସେକ ଜଳ ଛଡାଯାଉଛି। ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରେ ବନ୍ୟା ଆଶଙ୍କା ରହିଛି ବୋଲି ଏସଆରସି କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦିହରେ ମୋର ବହୁତ ରୋଗ**
**ମତେ ନ ରୁଚେ ବହୁତ ଭୋଗ।**

ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପୌଷ୍ଟିକ ଆହାର ଆବଶ୍ୟକ। ଖାଦ୍ୟ ନ ଖାଇଲେ ଶରୀର ଦୁର୍ବଳ ହୋଇଯାଏ। ବ୍ୟକ୍ତି ଯେବେ ରୋଗରେ ପଡେ ସେତେବେଳେ ତାକୁ ଖୁବ ଅସ୍ୱସ୍ତି ଲାଗିଥାଏ। ପାଟିକୁ କିଛି ନେବାକୁ ଭଲ ଲାଗି ନ ଥାଏ। ଫଳସ୍ୱରୂପ ଯେତେ ସ୍ୱାଦିଷ୍ଟ ବ୍ୟଞ୍ଜନ ପରଷା ଯାଇଥିଲେ ମଧ୍ୟ ଖାଇବା ପାଇଁ ମନରେ ଆଉ ସେତେ ଆଗ୍ରହ ସୃଷ୍ଟି ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦେଖା ସୁନ୍ଦର**
**କଖାରୁ ବଡ଼ି।**

ଉପର ଦେଖା ସୁନ୍ଦର, ପରନ୍ତୁ କେଉଁ କାମକୁ ନୁହେଁ। ପରୋକ୍ଷରେ ରୂପଠାରୁ ଗୁଣ ଶ୍ରେଷ୍ଠ। ରୂପ ସୁନ୍ଦର ହୋଇଥିଲେ ମଧ୍ୟ ଗୁଣ ଯଦି ସେତେ ଭଲ ବା ଉତ୍କୃଷ୍ଟ ହୋଇ ନ ଥାଏ ତା'ହେଲେ ସେ ବ୍ୟକ୍ତି ସେତେ ଆଦର ଓ ସମ୍ମାନ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଗ୍ରହଯୋଗ ପ୍ରଭାବରୁ କର୍ମକ୍ଷେତ୍ର ଓ ପାରିବାରିକ ଜୀବନକୁ ସରସ,ସୁନ୍ଦର କରି ରହିବ। ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବା ପାଇଁ ଚେଷ୍ଟା କରିପାରନ୍ତି। ଅସାବଧାନତାବଶତଃ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ। ଇଚ୍ଛା ନ ଥିଲେ ମଧ୍ୟ ବାଧ ବାଧକତାରେ ପରିସ୍ଥିତିରେ ପଡି ଖର୍ଚ୍ଚାନ୍ତ ହେବେ।

**ବୃଷ**
କୌଣସି ଘରୋଇ ସମସ୍ୟାର ସମାଧାନ କ୍ଷେତ୍ରରେ ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି। ପ୍ରଶାସନିକ ସ୍ତରରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡିବ। ସଭାସମିତିରେ ଯୋଗ ଦେଲେ ଲାଭବାନ ହେବେ। କିନ୍ତୁ ପରିବାରରେ ସନ୍ତାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇପାରନ୍ତି।

**ମିଥୁନ**
ଆଜିର ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଘରଭଡାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ଶତ୍ରୁଠାରୁ ମଧ୍ୟ କାମ ହାସଲ କରିନେବେ। ଯାନବାହନରେ ସତର୍କତା ଅବଲମ୍ବନ ନ କଲେ ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି।

**କର୍କଟ**
ଯେଉଁ କାମରେ ହାତ ଦେବାକୁ ଯାଉଛନ୍ତି ସେଥିପାଇଁ କଠିନ ପରିଶ୍ରମ କରିବାକୁ ପଡିପାରେ। କର୍ମକ୍ଷେତ୍ରର ଅସଜଡା ପରିସ୍ଥିତିକୁ ସହକର୍ମୀଙ୍କ ସହ ଆଲୋଚନା କ୍ରମେ ସଜାଡି ନେବେ। ହଜିଯାଇଥିବା କୌଣସି ଜିନିଷର ସନ୍ଧାନ ଡେରିରେ ମିଳିବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବା ସଙ୍ଗକୁ ଶ୍ରମଜନିତ କ୍ଳାନ୍ତିବୋଧ କରିବେ।

**ସିଂହ**
ଅନ୍ୟାନ୍ୟ କେତେକ ସମସ୍ୟାରେ ଚିନ୍ତିତ ଥିବା କାରଣରୁ ସୁବିଧା ସୁଯୋଗ ପାଇଲେ ମଧ୍ୟ କାମ ହାସଲ କରି ପାରିବେ ନାହିଁ। ପାରିବାରିକ କ୍ଷେତ୍ରରେ ତର୍କ ବିତର୍କ କାରଣରୁ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଘଟିପାରେ। କ୍ରୀଡା, ଚଳଚ୍ଚିତ୍ର, ସଙ୍ଗୀତ, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**କନ୍ୟା**
ପରିସ୍ଥିତିର ଗୁରୁତ୍ୱକୁ ହୃଦୟଙ୍ଗମକରି ମନବୁଝିଲା ଭଳି କଥାକହି ବନ୍ଧୁଙ୍କୁ ଆପଣେଇ ନେଇପାରନ୍ତି। ମାଲିମକଦ୍ଦମାରେ ସ୍ୱପକ୍ଷ ସବଳ ରହିବା ହେତୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରୁ ପ୍ରଶଂସିତ ହେବେ।

**ତୁଳା**
ନିଜ ଲୋକମାନଙ୍କ ବିରୋଧରେ ପରକଥାକୁ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ବନ୍ଧୁମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ନୂଆ ଯୋଜନା ଉପରେ ଗୁରୁତ୍ୱ ଦେବେ। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ପାଖ,ପଡୋଶୀଙ୍କ ସହାୟତାରେ ପାରିବାରିକ ସମସ୍ୟାର ସରଳ ସମାଧାନ କରିପାରନ୍ତି।

**ବିଛା**
ସାମୂହିକ କାର୍ଯ୍ୟକ୍ରମ ମଧ୍ୟରେ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। କୌଣସି ସାଂସ୍କୃତିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀଙ୍କ ସହ ଭୁଲ୍ ବୁଝାମଣା ଯୋଗୁ କାର୍ଯ୍ୟ ସ୍ଥଗିତ ରହିଯିବ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ଧନୁ**
କର୍ମକ୍ଷେତ୍ରରେ ଅଟକି ରହିଥିବା କାମଗୁଡ଼ିକ ଆଜି ତ୍ୱରାନ୍ୱିତ ହୋଇପାରିବ। ପରିବାରରେ ମତାନ୍ତର ଜନିତ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ କାମ ସମ୍ପାଦନ ନିମନ୍ତେ ସହକର୍ମୀଙ୍କ ସହଯୋଗର ଅଭାବ ପରିଲକ୍ଷିତ ହେବ। ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ମକର**
ସମସ୍ୟା ଜାଲରେ ଛନ୍ଦିହୋଇ କର୍ମକ୍ଷେତ୍ରରେ କୌଣସି ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ଈର୍ଷାପରାୟଣ ନିଜ ଲୋକମାନେ ଶତ୍ରୁତା ଆଚରଣକରି କାମକୁ ଭଣ୍ଡୁର କରିପାରନ୍ତି। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ।

**କୁମ୍ଭ**
ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଲାଭକରି ନୂତନ ଯୋଜନାରମ୍ଭ କରିପାରନ୍ତି। ପ୍ରଶାସନ, ପ୍ରକାଶନ, ଆଇନ, ଅଦାଲତ, ସାଂସ୍କୃତିକ କାର୍ଯ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। କଚେରି ମାମଲାର ଶୁଣାଣିରେ ବିଳମ୍ବ ହେତୁ ବ୍ୟସ୍ତତା ବୃଦ୍ଧି ପାଇବ। ଦୈନନ୍ଦିନର ଜୀବନଯାତ୍ରା ଶୃଙ୍ଖଳିତ ରହିବନାହିଁ।

**ମୀନ**
କର୍ମକ୍ଷେତ୍ରରେ ସନ୍ଦେହ ଓ ଭୁଲ୍‌ବୁଝାମଣାଜନିତ ସମସ୍ୟା ବୃଦ୍ଧିପାଇବାର ଆଶଙ୍କା ରହିଛି। ପରିବାରରେ ପିଲାଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ସମସ୍ୟା ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ। ବନ୍ଧୁଙ୍କ ସାହାଯ୍ୟ ଆଶାକରି ଦୈନ୍ୟତା ପ୍ରକାଶ କରିବାକୁ ବାଧ ହୋଇପାରନ୍ତି। ଆଜିର ବ୍ୟବସାୟିକ ସ୍ଥିତି ବହୁତ ଭଲ ରହିବ।

ଆଜି ଭାଦ୍ରବ ଶୁକ୍ଳ ଦଶମୀ ଶୁକ୍ରବାର,ଶ୍ରୀମନ୍ଦିରରେ କୃଷ୍ଣଲୀଳା,କଂସବଧ ପ୍ରସ୍ତାବ, ଲବଣିଖିଆ ଓ ମଥୁରାହାଟ ଲୁର, ଅଗଷ୍ଟ ୨୮ ତାରିଖ, ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ମହାପ୍ରୟାଣ ଦିବସ, ରାଶିନକ୍ଷତ୍ର-ଦିବା ଘ.୧୨.୩୮ମି.ଗତେ ପୂର୍ବାଷାଢା/ଧନୁ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୩୪ମି. ଗତେ ଘ.୦୬.୨୩ମି. ମଧ୍ୟେ, ଘ୦୭.୧୪ମି. ଗତେ ଘ.୦୯.୪୩ମି. ମଧ୍ୟେ, ଘ.୧୨.୧୩ମି. ଗତେ ଘ.୦୨.୪୩ମି. ମଧ୍ୟେ, ଘ.୦୪.୨୧ମି. ଗତେ ଘ.୦୬.୦୧ମି. ମଧ୍ୟେ,ସନ୍ଧ୍ୟା ଘ.୦୭.୩୩ମି.ଗତେ ଘ.୦୯.୦୬ମି. ମଧ୍ୟେ, ରାତ୍ରି ଘ.୦୧.୪୩ମି. ଗତେ ଘ.୦୩.୧୫ମି.ମଧ୍ୟେ ଅମୃତ ବେଳା। ରାତ୍ରି ଘ.୦୯.୦୬ମି.ଗତେ ଘ.୦୯.୫୨ମି. ମଧ୍ୟେ, ଘ.୦୩.୧୫ମି.ଗତେ ଘ.୦୪.୦୧ମି.ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦.୧୪ମି. ଗତେ ଘ.୧୧.୪୮ମି.ମଧ୍ୟେ ରାହୁକାଳ।

**classifieds** Everyday 0674-2580101, 2549302




**SALE**

Bhubaneswar Engineering College (BEC), Backside Govt. ରାସ୍ତାକୁ ଲାଗି ସ୍ଥିତିବାନ ପ୍ଲଟ୍ ମିଳୁଅଛି। 8338932027. D-69150

Flats sale Jagannathdham Puri, cost 1250. lakhs with fully furnished Bhulaxmi Team. 7978230118, 9668060081. D-69142

Plot for immediate sale at Saheed Nagar 6000sqft. (GA plot), 4000sft Palasuni (200meters from NH), 33000sft. Mancheswar (IDCO plot), Bhubaneswar, buyers Contact- DEEPAK - 9937329999. D-69906

ଭୁବନେଶ୍ୱର, ମଞ୍ଚେଶ୍ୱର, ହଂସପାଳ, ପାହାଳ, କେଶୁରାରେ ଘର କଲାଭଳି ଘରବାରି boundary plot ମିଳୁଅଛି। 8249728525, 9090142564. D-69146

ଜଟଣୀ ଅରଗୁଳ ଷ୍ଟେଶନ ପାଖରେ scheduledcaste conversion boundary plot pitchuroad side 5000sqft. 12,50,000/-, 9439006524. D-69149




Rent for constructed building Plot Area - 35,000, Length - 2050, Breadth - 1850, Facing - North East, Hi-Tech chhak left side 6 K.M. Barimund, Ph.: 9938125254. D-18045

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Thailand Unisex Massage Refreshments Rejuvenation. 9853999966, 9123319079, 7750073898, 9853999966, Homeservices 9853999966@gmail.com. D-18047

Get refreshment body massage by expert therapist contact for. 9556978408. D-69722


Swarna SPA newly open positively health benefits with expert therapist. 7873794731. D-69721

Newly open SPA centre smart therapist body massage, Bamikhal. 7205187702. D-59957

Herbal full body massage by smart / expert therapist. Contact: 8338067247. D-69729

Newly open SPA centre smart therapist body massage, Rasulgarh. 7846814019. D-59958

Newly open full body massage SPA in Bhubaneswar. Contact: 7205058838. D-69731




ଏବର୍ଷର ଲାଭଉଠାନ୍ତୁ ଏବଂ ଘରେ ରହି Medical Courses ପାଇଁ registration କରନ୍ତୁ। BAMS, BHMS, BUMS, D.Pharma, GNM (Only for Practioners) Whatsapp/ Call: 9893869473 (Agent Excuse). D-69730

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସବିତା, ପୂର୍ଣ୍ଣିମା ପାଇବେ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର

**କେନ୍ଦ୍ରାପଡ଼ା ଅଫିସ:** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବଟୀଘର ପଞ୍ଚାୟତ ନିପାଣିଆ ଗ୍ରାମର ସବିତା ଗିରି ଓ ପୂର୍ଣ୍ଣିମା ଗିରି ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପାଇବେ। ଏ ନେଇ ଜିଲା କ୍ରୀଡା ବିଭାଗ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଜିଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀଙ୍କ ସୂଚନା ଅନୁଯାୟୀ, ଆସନ୍ତା ୨୯ରେ ଭୁବନେଶ୍ୱର ଲୋକସେବା ଭବନ ପରିସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଦୁଇ ବାଳିକାଙ୍କୁ ପୁରସ୍କୃତ କରିବେ। ୨୦୧୯ରେ ଜଗତ୍‌ସିଂହପୁର ଜିଲା ହସିଣା ଗ୍ରାମର ୫୫ ଜଣ ଲୋକ ବଟୀଘର ପଞ୍ଚାୟତର ହୁକିଟୋଲାକୁ ପର୍ଯ୍ୟଟନରେ ଆସିଥିଲେ। ଫେରିବା ସମୟରେ ଡଙ୍ଗାଟି ନିପାଣିଆଠାରେ ଓଲଟି ପଡ଼ିଥିଲା। ଏହି ସମୟରେ ସବିତା ଓ ପୂର୍ଣ୍ଣିମା କୁମ୍ଭୀର ସାଲୁବାଲୁ ନଦୀରେ ପଶି ୧୨ ଜଣଙ୍କୁ ଉଦ୍ଧାର କରିଥିଲେ।

# କୋରାପୁଟରେ ଷଷ୍ଠ ପ୍ଲାଜ୍‌ମା ବ୍ୟାଙ୍କ

ଭୁବନେଶ୍ୱର/କୋରାପୁଟ,୨୭।୮(ବ୍ୟୁରୋ)

ରାଜ୍ୟରେ ପ୍ଲାଜ୍‌ମା ଚିକିତ୍ସା ସଫଳ ହୋଇଛି। ଅଧିକରୁ ଅଧିକ କୋଭିଡ୍ ରୋଗୀ ଏହି ଚିକିତ୍ସା ପଦ୍ଧତି ଯୋଗୁ ସୁସ୍ଥ ହେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଗୁରୁବାର କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ରାଜ୍ୟର ଷଷ୍ଠ ପ୍ଲାଜ୍‌ମା ବ୍ୟାଙ୍କକୁ ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କୋଭିଡ୍ ରୋଗ ପାଇଁ ପ୍ଲାଜ୍‌ମା ଚିକିତ୍ସା ପଦ୍ଧତିରେ ଓଡ଼ିଶା କେବଳ ଭାରତ ନୁହେଁ ବରଂ ସାରା ବିଶ୍ୱରେ ଏକ ଅଗ୍ରଗଣ୍ୟ ସ୍ଥାନ ହାସଲ କରିପାରିଛି। ରାଜ୍ୟର ଡାକ୍ତର ଏବଂ ମେଡିକାଲ ଟିମ୍‌ର ଦକ୍ଷତା, ପ୍ରତିବଦ୍ଧତା ଯୋଗୁ ଏହା ସଫଳ ହୋଇପାରିଛି। ଏହି ନୂଆ ପ୍ଲାଜ୍‌ମା ବ୍ୟାଙ୍କ ଉଦ୍‌ଘାଟନ ହେବା ଦ୍ୱାରା ରାଜ୍ୟର ସବୁ ଅଞ୍ଚଳର କୋଭିଡ୍ ରୋଗୀମାନେ ପ୍ଲାଜ୍‌ମା ଚିକିତ୍ସାର ସୁବିଧା ପାଇପାରିବେ। କେହି ଜଣେ ବି ଅତ୍ୟାଧୁନିକ ଚିକିତ୍ସାରୁ ବଞ୍ଚିତ ହେବେ ନାହିଁ। ଆଦିବାସୀ ବହୁଳ କୋରାପୁଟ ଜିଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ଏକ ମାଇଲଷ୍ଟୋନ। ଆଧୁନିକ ଚିକିତ୍ସା ପଦ୍ଧତି ଉପରେ ଆମର ଜନଜାତି ଭଉଣୀଭାଇଙ୍କ ଆସ୍ଥା ବିଶ୍ୱାସକୁ ଏହା ଅଧିକ ସୁଦୃଢ଼ କରିପାରିଛି। କୋଭିଡ୍‌ରୁ ଆରୋଗ୍ୟ ଲାଭ କରୁଥିବା ବ୍ୟକ୍ତିମାନେ ପ୍ଲାଜମା ଦାନ କରି ଅନ୍ୟମାନଙ୍କ ଜୀବନ ରକ୍ଷା ପାଇଁ ଆଗେଇ ଆସିବାକୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ କହିଥିଲେ, କୋରାପୁଟରେ ପ୍ଲାଜ୍‌ମା ବ୍ୟାଙ୍କ ସ୍ଥାପନ ହେବା ଦ୍ୱାରା ଓଡ଼ିଶାର ଦକ୍ଷିଣାଞ୍ଚଳ କୋଭିଡ୍ ରୋଗୀମାନେ ଉପକୃତ ହେବେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ସଫଳ କରି ପ୍ଲାଜ୍‌ମା ଦାନ କରିବାକୁ ଯୋଗ୍ୟ ବ୍ୟକ୍ତିମାନେ ଆଗେଇ ଆସିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ୍, ରାଜ୍ୟ ଅନୁସୂଚିତ ଜାତି ଜନଜାତି ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, ଡିଏମ୍‌ଇଟି ସି.ବି.କେ. ମହାନ୍ତି, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ପଡାଲ, ଜିଲାପାଳ ମଧୁସୂଦନ ମିଶ୍ରଙ୍କ ସମେତ ମେଡିକାଲ କଲେଜ ଅଧୀକ୍ଷକ, ଡିନ୍, ରାୟଗଡ ଜିଲାପାଳ, କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନ ପରେ କରୋନାରୁ ସୁସ୍ଥ ହୋଇଥିବା ୪ ଜଣ ବ୍ୟକ୍ତି ସେମାନଙ୍କ ପ୍ଲାଜ୍‌ମା ଦାନ କରିଥିଲେ। ଅକ୍ଟୋବର ୧୫ ସୁଦ୍ଧା କୋରାପୁଟ ମେଡିକାଲ କଲେଜରେ ବେଡ୍ ସଂଖ୍ୟା ୬୫୦କୁ ବୃଦ୍ଧି କରାଯିବ। ୧୦ଟି ବେଡ୍‌ରେ ଭେଣ୍ଟିଲେଟର ସୁବିଧା କରାଯିବ ବୋଲି ସ୍ୱାସ୍ଥ୍ୟ ସଚିବ ମହାପାତ୍ର ପ୍ରକାଶ କରିଥିଲେ।


ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସୂଚନା ଦେଉଛନ୍ତି।

**ପ୍ଲାଜ୍‌ମା ଚିକିତ୍ସା ପଦ୍ଧତିରେ ଓଡ଼ିଶା ବିଶ୍ୱରେ ଅଗ୍ରଗଣ୍ୟ ସ୍ଥାନ ହାସଲ କରିଛି: ମୁଖ୍ୟମନ୍ତ୍ରୀ**

# ରିଆଙ୍କ ଭୁବନେଶ୍ୱର ଡ୍ରଗ୍ସ ଲିଙ୍କ୍ ସ୍ପଷ୍ଟ ହୋଇନି: ଡିଜିପି

ଭୁବନେଶ୍ୱର,୨୭।୮ (ବ୍ୟୁରୋ):

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାରେ ଦିନକୁ ଦିନ ନୂଆ ତଥ୍ୟ ପଦାକୁ ଆସୁଛି। ଏହି ମାମଲାରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ) ସୁଶାନ୍ତଙ୍କ ପ୍ରେମିକା ରିଆ ଚକ୍ରବର୍ତ୍ତୀଙ୍କୁ ପ୍ରାଥମିକ ସନ୍ଦିଗ୍ଧ ଭାବେ ଦେଖୁଛି। ଏହି ମାମଲାରେ ସିବିଆଇ ସବୁ ଦିଗକୁ ନେଇ ତଦନ୍ତ କରୁଥିବାବେଳେ ରିୟାଙ୍କ ଡ୍ରଗ୍ସ କାରବାର ନେଇ ସୂଚନା ମିଳିଛି। ସବୁଠୁ ବଡ଼ କଥା ହେଲା ଡ୍ରଗ୍ସ କାରବାରରେ ରିଆଙ୍କ ଭୁବନେଶ୍ୱର ଲିଙ୍କ୍ ଥିବା ତାଙ୍କ ହ୍ୱାଟ୍ସଆପ୍ ଚାର୍ଟରୁ ଜଣାପଡିବା ପରେ ଓଡ଼ିଶାରେ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଏନେଇ ଗୁରୁବାର ପୋଲିସ ଡିଜି ଅଭୟ ପ୍ରତିକ୍ରିୟା ରଖି କହିଛନ୍ତି, ରିଆଙ୍କ ଭୁବନେଶ୍ୱର ଲିଙ୍କ୍ ନେଇ କିଛି ବି ଏଯାଏ ସ୍ପଷ୍ଟ ହୋଇନି। ଡ୍ରଗ୍ସ କାରବାର ସମ୍ପର୍କରେ ଅଭିଯୋଗ ଆସିବା ପରେ ତଦନ୍ତକାରୀ ସଂସ୍ଥା ଏହାର ଖୋଳତାଡ଼ କରୁଛି। ସେନେଇ ଆମେ କିଛି କହିପାରିବୁ ନାହିଁ। ଆମକୁ ଏ ପ୍ରସଙ୍ଗରେ ବି ଯୋଗାଯୋଗ କରାଯାଇ ନାହିଁ। ଆବଶ୍ୟକ ପଡ଼ିଲେ ଓଡ଼ିଶା ପୋଲିସ ତଦନ୍ତରେ ପୂର୍ଣ୍ଣ ସହଯୋଗ କରିବେ ବୋଲି ଅଭୟ କହିଛନ୍ତି। ରିୟାଙ୍କ ହ୍ୱାଟ୍ସଆପ୍ ଚାର୍ଟରୁ ସେ ଭୁବନେଶ୍ୱର ଆସିଥିବା କଥା ଜଣାପଡିଛି। ରିଆ ତାଙ୍କର ଜଣେ ଘନିଷ୍ଠ ବନ୍ଧୁ ସିମୋନ୍ ଖମ୍ଭୋଟାଙ୍କ ସହ ହ୍ୱାଟ୍ସଆପ୍‌ରେ ଚାର୍ଟ କରୁଥିବାବେଳେ ଭୁବନେଶ୍ୱରରେ ସବୁ ପ୍ରକାର ଡ୍ରଗ୍ସ ମିଳୁଥିବା କଥା ଇଙ୍ଗିତ ଦେଇଛନ୍ତି। ଗତ ମାର୍ଚ୍ଚ ୧୮ରେ ଏହି ଚାର୍ଟ କରାଯାଇଛି। ଏପରିକି ଭୁବନେଶ୍ୱର ଡ୍ରଗ୍ସର ପେଣ୍ଠସ୍ଥଳୀ ବୋଲି ଲେଖିଛନ୍ତି। ରିୟା ପଚାରୁଛନ୍ତି, ଚିମ୍ ୟୁ ବ୍ୟାକ୍ ? ଏହାପରେ ସିମୋନ୍ ତାଙ୍କୁ ଏକ ଅଡ଼ିଓ ଫାଇଲ ପଠାଇଛନ୍ତି। ଏହାର ଜବାବ ଦେଇ ରିଆ କହିଛନ୍ତି, ଏବେ ଘଟଣା ଭୁବନେଶ୍ୱରରେ। ଆଉ ସିମୋନ୍ ପଚାରିଛନ୍ତି, ତମେ ଭୁବନେଶ୍ୱରରେ କି ? ଏହାର ଜବାବରେ ରିୟା କହିଛନ୍ତି ହଁ। ତେବେ ରିଆ ଭୁବନେଶ୍ୱର କାହା ସହ ଆସିଥିଲେ ଏବଂ କେଉଁଠି ରହିଥିଲେ ତାହା ଏବେ ଜଣାପଡିନାହିଁ। ସୂଚନାଯୋଗ୍ୟ, ସିମୋନ୍‌ଙ୍କ ସହ ରିଆଙ୍କ ଡ୍ରଗ୍ସ ଲିଙ୍କ୍ ନେଇ ପୂର୍ବରୁ ଚର୍ଚ୍ଚା ହେଉଥିଲା। ଆଉ ଏବେ ଭୁବନେଶ୍ୱରକୁ ନେଇ ରିଆଙ୍କ ଚାର୍ଟ ସନ୍ଦେହକୁ ଆହୁରି ବଢାଇ ଦେଇଛି। ତେବେ ଭୁବନେଶ୍ୱର ଡ୍ରଗ୍ସ ଲିଙ୍କ୍ ସମ୍ପର୍କରେ ସିବିଆଇ, ଇଡି କିମ୍ବା ଏବେ ଡ୍ରଗ୍ସ ଲିଙ୍କ୍‌ର ତଦନ୍ତ କରୁଥିବା ନାର୍କୋଟିକ୍ସ ବ୍ୟୁରୋ ପକ୍ଷରୁ ସ୍ପଷ୍ଟ କରାଯାଇ ନ ଥିବାବେଳେ କେବଳ ଜାତୀୟ ଗଣମାଧ୍ୟମରେ ରିଆଙ୍କ ଚାର୍ଟ ଭାଇରାଲ ହେବା ପରେ ଏଭଳି ଖବର ପଦାକୁ ଆସିଛି।



**ତଦନ୍ତକାରୀ ସଂସ୍ଥା ଚାହିଁଲେ ପୂର୍ଣ୍ଣ ସହଯୋଗ କରିବୁ**

# ଚାଷୀଙ୍କୁ ହତ୍ୟା ଅଭିଯୋଗ

ନୟାଗଡ଼ ଅଫିସ,୨୭।୮

ନୟାଗଡ଼ ଟାଉନ ଥାନା ଭାଟସାହିର ଅର୍ଜୁନ ପ୍ରଧାନ(୬୦) ନାମକ ଜଣେ ଚାଷୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ସନ୍ଧ୍ୟାରେ ବିଲ ଭିତରେ ତାଙ୍କ ମୃତଦେହ ପଡିଥିବା ଦେଖି ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ସୂଚନା ଅନୁସାରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ କଣିମାଳ ଗହୀର ଜମିକୁ ଅର୍ଜୁନ ଯାଇଥିଲେ। ହେଲେ ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନ ଥିଲେ। ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବାରୁ ତାଙ୍କୁ ମାରଣାସ୍ତ୍ରରେ ହତ୍ୟା କରାଯାଇଥିବା କୁହାଯାଉଛି। ପୂର୍ବ ଶତ୍ରୁତାକୁ ନେଇ ଅର୍ଜୁନଙ୍କୁ ହତ୍ୟା କରାଯାଇଛି ବୋଲି ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଟାଉନ ଥାନା ଆଇଆଇସି ଜୟଦୀପ ମହାନ୍ତି କୁହନ୍ତି, ପ୍ରାଥମିକ ତଦନ୍ତରୁ ଚାଷୀଙ୍କୁ ହତ୍ୟା କରାଯାଇଥିବା ଜଣାପଡୁଛି। ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି।

# ବିଦ୍ୟାଶ୍ରୀଙ୍କ ଲାଏ ଡିଟେକ୍ସନ ହେଲା

ଭୁବନେଶ୍ୱର,୨୭।୮(ବ୍ୟୁରୋ)

ମାନବପ୍ରେମୀ ଆଦିତ୍ୟ ଦାଶଙ୍କ ରହସ୍ୟଜନକ ମୃତ୍ୟୁ ମାମଲା ଉପରୁ ପର୍ଦ୍ଦା ହଟାଇପାରୁନି କ୍ରାଇମ୍‌ବ୍ରାଞ୍ଚ। ତଦନ୍ତ ହାତକୁ ନେବାର ମାସେ ବିତିଯାଇଥିଲେ ମଧ୍ୟ ଜିଆର୍‌ପି ଭଳି କ୍ରାଇମ୍‌ବ୍ରାଞ୍ଚ ମଧ୍ୟ ଅଡୁଆ ସୂତାରେ ଛନ୍ଦି ହୋଇପଡୁଛି। ଆଦିତ୍ୟଙ୍କ ମୃତ୍ୟୁ ପାଇଁ ସ୍ତ୍ରୀ ବିଦ୍ୟାଶ୍ରୀ ଏବଂ ସହଯୋଗୀ ବିକାଶ, ପପୁ ଓ ପ୍ରୀତମ ଦୋଷ ଲଦାଲଦି ହେଉଛନ୍ତି। ତେଣୁ ସତ କ'ଣ ଜାଣିବା ପାଇଁ ଗୁରୁବାର ବିଦ୍ୟାଶ୍ରୀଙ୍କର ଲାଏ ଡିଟେକ୍ସନ୍ କରାଯାଇଛି। କ୍ରାଇମ୍‌ବ୍ରାଞ୍ଚ ଟିମ୍ ନିଜ ଗାଡ଼ିରେ ବିଦ୍ୟାଶ୍ରୀଙ୍କୁ ତାଙ୍କ ବାସଭବନରୁ ରସୁଲଗଡ଼ସ୍ଥିତ ଫୋରେନ୍‌ସିକ ଲାବ୍‌କୁ ନେଇଥିଲେ। ସେଠାରେ ୫ ଘଣ୍ଟା ଧରି ତାଙ୍କର ଲାଏ ଡିଟେକ୍ସନ ହୋଇଥିଲା। ତଦନ୍ତ ଅଧିକାରୀ, ଜଣେ ମହିଳା ପୋଲିସ ଓ ଟେଷ୍ଟ କରୁଥିବା ଲାବ୍ ଏକ୍ସପର୍ଟ ଉପସ୍ଥିତ ଥିଲେ। ଏହି ସମୟରେ ବିଦ୍ୟାଶ୍ରୀଙ୍କୁ ୭୦ଟି ପ୍ରଶ୍ନ ପଚରାଯାଇଥିଲା। ବିଦ୍ୟାଶ୍ରୀ ଦେଇଥିବା ଉତ୍ତରର ମଧ୍ୟ ଭିଡ଼ିଓ ରେକର୍ଡିଂ କରାଯାଇଛି। ସେହିଭଳି ଆସନ୍ତା ଦୁଇଦିନ ଭିତରେ ବିକାଶ, ପପୁ ଓ ପ୍ରୀତମଙ୍କର ଲାଏ ଡିଟେକ୍ସନ ହେବ। ପୂର୍ବରୁ ସେମାନେ କ୍ରାଇମ୍‌ବ୍ରାଞ୍ଚ ଆଗରେ ଦେଇଥିବା ବୟାନ ଓ ଲାଇ ଡିଟେକ୍ସନ୍ ସମୟର ବୟାନକୁ ଯାଞ୍ଚ କରାଯିବ। ଏହାପରେ ଆଦିତ୍ୟ ମୃତ୍ୟୁ ନେଇ କିଛିଟା ସୁରାକ ମିଳିଯିବ ଓ ହତ୍ୟାକାରୀ ଧରାପଡିଯିବେ ବୋଲି କ୍ରାଇମ୍‌ବ୍ରାଞ୍ଚ ଆଶା ରଖିଛି। ତେବେ ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ ବିଦ୍ୟାଶ୍ରୀଙ୍କ ଲାଏ ଡିଟେକ୍ସନ ସମ୍ପର୍କରେ ତଦନ୍ତ ଅଧିକାରୀମାନେ କିଛି ବି ମୁହଁ ଖୋଲିନାହାନ୍ତି। କିନ୍ତୁ ବିଶ୍ୱସ୍ତ ସୂତ୍ର ଅନୁସାରେ, ଜୁଲାଇ ୬ରେ ସ୍ୱାମୀ,ସ୍ତ୍ରୀଙ୍କ ମଧ୍ୟରେ କ'ଣ ଘଟିଥିଲା। ମୃତ୍ୟୁର କିଛି ଦିନ ପୂର୍ବରୁ ଆଦିତ୍ୟଙ୍କର ହାବଭାବ କିଭଳି ରହିଥିଲା। ମାନସିକ ଚାପରେ ଥିଲେ କି ଆଦିତ୍ୟ। ଆଶ୍ରମ ଜମି କିଣାବିକା ଟଙ୍କା କାରବାରକୁ ନେଇ କ'ଣ କହୁଥିଲେ ଆଦିତ୍ୟ। କିଭଳି ଥିଲା ଉଭୟଙ୍କ ମଧ୍ୟରେ ବୁଝାମଣା। ଆଦିତ୍ୟ କ'ଣ ପାଇଁ ବିଦ୍ୟାଶ୍ରୀଙ୍କୁ ଘରୁ ବାହାର କରି ଦେଲେ। ବିଦ୍ୟାଶ୍ରୀ ଘରୁ ବାହାରିଯିବା ପରେ ଏତେ ସମୟ ଧରି କୁଆଡେ ଥିଲେ। ଝଗଡ଼ା ପରେ କାହିଁକି ପରିବାର ଲୋକଙ୍କୁ ଜଣାଇ ନ ଥିଲେ ବିଦ୍ୟାଶ୍ରୀ। ପରିବାରଠୁ ପ୍ରଥମେ ବନ୍ଧୁମାନେ କିଭଳି ଜାଣିଲେ ଆଦିତ୍ୟଙ୍କ ମୃତ୍ୟୁ ଖବର। ଆଦିତ୍ୟଙ୍କୁ ହତ୍ୟା କରାଯାଇଛି କି, ଯଦି ହଁ ତେବେ କାହା ଉପରେ ଅଧିକ ସନ୍ଦେହ ହେଉଛି। ଏଭଳି ୭୦ ପ୍ରଶ୍ନର ଉତ୍ତର ଚାହିଁଥିଲେ ଏକ୍ସପର୍ଟ ଟିମ୍।

**ମାନବପ୍ରେମୀ ଆଦିତ୍ୟ ମୃତ୍ୟୁ ମାମଲା**

- ୫ ଘଣ୍ଟାରେ ପଚରାଗଲା ୭୦ ପ୍ରଶ୍ନ
- ଦୁଇଦିନ ଭିତରେ ବିକାଶ, ପପୁ ଓ ପ୍ରୀତମ୍‌ଙ୍କର ଟେଷ୍ଟ ହେବ


ବିଦ୍ୟାଶ୍ରୀଙ୍କୁ ଲାଏ ଡିଟେକ୍ସନ ପାଇଁ ଫୋରେନ୍‌ସିକ୍ ଲ୍ୟାବ୍‌କୁ ନିଆଯାଉଛି।

ODISHA PUBLIC SERVICE COMMISSION
NOTICE
No.4277/ PSC, Dt.27.8.20
Corrigendum to Advertisement No. 04 of 2020-21 for recruitment to the post of Assistant Executive Engineer (Civil) under P.R. & D.W. Department

No.D-45:-It is for information of all concerned that in the last Paras of the syllabus of main written examination at Annexure- "B" of Paper-I & Paper-II shall be read as "the number of questions shall be 150 of objective type (MCQ) carrying 2 marks each and with negative marking of 0.5 for every wrong answer with duration of **two and half hours**" instead of two hours mentioned earlier.
The syllabus of preliminary examination at Annexure- "A" under title "Distribution of marks" shall be read as follows:-

Distribution of marks

| | | |
|---|---|---|
| 1. | Engineering Mechanics- | 10 |
| 2. | Soil Mechanics- | 10 |
| 3. | Structural Analysis- | 10 |
| 4. | Concrete Structure- | 10 |
| 5. | Steel Structure- | 10 |
| 6. | Solid Mechanics- | 10 |
| 7. | Fluid Mechanics- | 10 |
| 8. | Irrigation- | 10 |
| 9. | Transportation Engineering- | 10 |
| 10. | Survey- | 10 |
| Total- | | 100 |

The Sl. No. 02 "Strength of Materials" mentioned earlier is hereby substituted by "Soil Mechanics".
The other aspects of the long advertisement for the said recruitment available in the website of the Commission will remain unchanged.
The concerned candidates are advised to visit the website of the Commission at www.opsc.gov.in.

Sd./- Secretary
OIPR-12002/11/0023/2021

# ୧୫ ଷ୍ଟାର୍ଟଅପ୍, ଇନ୍‌କ୍ୟୁବେଟର୍ସ ଲାଗି ୧.୨୩ କୋଟି ପ୍ରଦାନ

ଭୁବନେଶ୍ୱର,୨୭।୮

ରାଜ୍ୟର ୧୫ଟି ଷ୍ଟାର୍ଟଅପ୍ ଓ ଗୋଟିଏ ଇନ୍‌କ୍ୟୁବେଟର୍ସ ନିମନ୍ତେ ଷ୍ଟାର୍ଟ ଅପ୍ ଓଡ଼ିଶା ଟାସ୍କଫୋର୍ସ ସହାୟତା ରାଶି ଭାବେ ୧.୨୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ଗୁରୁବାର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଭର୍ଚୁଆଲ୍ ବୈଠକରେ ଏହା ଘୋଷଣା କରାଯାଇଛି । ଏହି ଅର୍ଥ ଓଡ଼ିଶା ଷ୍ଟାର୍ଟ ଅପ୍ ପଲିସି ଅଧୀନରେ ସ୍ୱୀକୃତି ଓ ପ୍ରୋତ୍ସାହନ ଭାବେ ପ୍ରଦାନ କରାଯାଇଛି । ମିରାକ୍ୟୁଲେସ୍ ମେଡ୍ ସଲ୍ୟୁସନ୍ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଅନନ୍ୟ ରକ୍ତ ଜମାଟକାରୀ ପାଉଡର ଆଘାତପ୍ରାପ୍ତ ବ୍ୟକ୍ତିଙ୍କ ରକ୍ତ ଜମାଟକୁ ୪୦ ସେକେଣ୍ଡ ମଧ୍ୟରେ ସ୍ୱାଭାବିକ କରିବା ଉପରେ ବିକଶିତ ବୈଷୟିକ ଜ୍ଞାନକୌଶଳକୁ ଟାସ୍କଫୋର୍ସ କମିଟିର ସଦସ୍ୟମାନେ ଖୁସି ବ୍ୟକ୍ତ କରିଛନ୍ତି । ଏହି ଷ୍ଟାର୍ଟଅପ୍ ଆନ୍ତର୍ଜାତିକସ୍ତରରେ ପୁରସ୍କୃତ ହୋଇଛି। ଏହା ବଜାରରେ ଉପଲବ୍ଧ ହେବା ପୂର୍ବରୁ ୟୁଏସ୍‌ଏଫ୍‌ଡିଏ ଦ୍ୱାରା ସ୍ୱୀକୃତି ଲାଭ କରିବାର ଲକ୍ଷ୍ୟ ରଖିଛି । ଅନ୍ୟ ବିକଶିତ ଯନ୍ତ୍ରାଂଶ ମଧ୍ୟରେ ଦୀର୍ଘ ସମୟ କମ୍ପ୍ୟୁଟର ଆଗରେ ବସୁଥିବା ବ୍ୟକ୍ତିଙ୍କ ବସିବା ମୁଦ୍ରାରେ ସୁଧାର ଆଣିବା ଯନ୍ତ୍ର, ସାନିଟାରି ନାପ୍‌କିନ୍‌ର ସୌରଶକ୍ତିରେ ଶୁଖାଇବା ଯନ୍ତ୍ର ଏବଂ ଧାନ କୁଣ୍ଡାରୁ ପ୍ରୋଟିନ୍ ପ୍ରସ୍ତୁତ ଆଦି ରହିଛି । ଏହାସହ ଟାସ୍କ ଫୋର୍ସ ଅନ୍ୟ ଚାରୋଟି ଶିକ୍ଷାନୁଷ୍ଠାନକୁ ଓଡ଼ିଶା ଷ୍ଟାର୍ଟ ଅପ୍ ପଲିସି ଅଧୀନରେ ସ୍ୱୀକୃତି ପ୍ରଦାନ କରିଛି । ଏଥିରେ ବୁର୍ଲାର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ସିପେଟ୍, ଏଆଇସି ନାଳନ୍ଦା ଏବଂ ଏଆଇସି ସି.ଭି. ରମଣ ଅନ୍ତର୍ଭୁକ୍ତ । ଏହି ନୂତନ ଇନ୍‌କ୍ୟୁବେଟର୍ସ ବ୍ୟତୀତ ଷ୍ଟାର୍ଟଅପ୍ ଓଡ଼ିଶା ଉପକ୍ରମ ଅଧୀନରେ ୧୭ଟି ଇନ୍‌କ୍ୟୁବେଟର୍ସ ପଞ୍ଜୀକୃତ ହୋଇ ଏହା ରାଜ୍ୟର ଷ୍ଟାର୍ଟଅପ୍ ଇକୋ-ସିଷ୍ଟମ୍‌କୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଟାସ୍କଫୋର୍ସ କାର୍ଯ୍ୟ କରିବା ସହ ଓଡ଼ିଶାକୁ ଦେଶର ପ୍ରଥମ ୩ଟି ଷ୍ଟାର୍ଟଅପ୍ ମଧ୍ୟରେ ସ୍ଥାନିତ କରିପାରିବା ବୋଲି ପ୍ରକାଶ କରିଛନ୍ତି। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ଷ୍ଟାର୍ଟଅପ୍ ଉପକ୍ରମ ଅଧୀନରେ ଏଯାବତ୍ ୬୮୪ ଗୋଟି ଷ୍ଟାର୍ଟଅପ୍ ଏବଂ ୧୭ଟି ଇନ୍‌କ୍ୟୁବେଟର୍ସ ପଞ୍ଜୀକୃତ ହୋଇପାରିଛି ।

THE ODISHA SC & ST DEV. FINANCE CO-OP CORP. LTD. (OSFDC)
LEWIS ROAD, BHUBANESWR-751014, PH.-0674-2431798, E-Mail-osfdc.odisha@gmail.com
Quotation Call Notice
Sealed quotations are invited from the Regd. Chartered Accountant Firms for preparation of the Receipt & Expenditure statement, Trial Balance, Profit & Loss Accounts, Balance sheet, Audit Accounts & filling of Income Tax, by 30.09.2020, of OSFDC, Bhubaneswar, for the year 2019-20. The sealed quoted price should be reach in this office through Regd. Post/Speed Post on or before 05.09.2020 by 2.00 P.M., which will be opened on the same day at 04.30 P.M. in presence of bidders. The authority reserve the right to accept or reject any or all quotations without assigning any reason thereof.
Sd./- Managing Director

ପୂର୍ବ ତଟ ରେଳପଥ
ବିଡ୍-ପୂର୍ବ ସମ୍ମେଳନ ନିମନ୍ତେ ସୂଚନା
ସଂ.Hq/Comm/BD/EOI/Corrigendum/2020 ତା. 27.08.2020 ରିଖ
28 (ଅଠେଇଶି) ଗୋଟି ସ୍ଥାନଗୁଡ଼ିକଠାରେ ପୂର୍ବ ତଟ ରେଳପଥ ସାମଗ୍ରୀ ସେଡ୍‌ଗୁଡ଼ିକର ବ୍ୟାପକ ବହିଃସ୍ରୋତ ନିମନ୍ତେ ଆଗ୍ରହର ପରିପ୍ରକାଶ(EOI) ସମ୍ବନ୍ଧୀୟ ବିଡ୍ ମାନଦଣ୍ଡ ପ୍ରସ୍ତୁତ କରିବା ପାଇଁ ସ୍ପଷ୍ଟୀକରଣ / ବିଚାର ଆଲୋଚନା ନିମନ୍ତେ ତା.02.09.2020ରିଖରେ ବିଡ୍-ପୂର୍ବ ସମ୍ମେଳନ ଆୟୋଜନ କରାଯିବ ।
ଇଚ୍ଛୁକ ତଥା ଯୋଗ୍ୟ ପକ୍ଷମାନେ ବ୍ୟକ୍ତିଗତ ଭାବେ କିମ୍ବା ଭିଡିଓ ଲିଙ୍କ୍ ମାଧ୍ୟମରେ ବିଡ୍-ପୂର୍ବ ସମ୍ମେଳନରେ ଅଂଶଗ୍ରହଣ କରିପାରିବେ । ଉକ୍ତ ସମ୍ମେଳନରେ ଯୋଗ ଦେବା ପାଇଁ ଇଚ୍ଛାପ୍ରକାଶ କରୁଥିବା ବ୍ୟକ୍ତିବିଶେଷ ସେମାନଙ୍କର ସହମତି ନିମନ୍ତେ ccmfs@ecor.railnet.gov.in କୁ ଇ-ମେଲ କରନ୍ତୁ । ଯାହାଫଳରେ, ଲିଙ୍କ୍ ସେମାନଙ୍କ ପାଖକୁ ପଠାଯାଇପାରିବ । ଏ ସମ୍ବନ୍ଧୀୟ ପ୍ରଶ୍ନଗୁଡ଼ିକ ଉପରୋକ୍ତ ଇ-ମେଲ୍ ଆଇଡ଼ିରେ ପଠାଯାଇପାରେ, ଯାହା ସମ୍ପର୍କରେ ସମ୍ମେଳନରେ ବିଚାର-ବିମର୍ଶ ହୋଇପାରିବ ।
ସମ୍ମେଳନ ତାରିଖ, ସମୟ ଏବଂ ସ୍ଥାନ ନିମ୍ନବର୍ଣ୍ଣିତ ଅଟେ :

| ତାରିଖ | ସମୟ | ସ୍ଥାନ |
|---|---|---|
| ତା. 02.09.2020ରିଖ | 1100 ଘଟିକା | ରତ୍ନଗିରି (ସଭା ପ୍ରକୋଷ୍ଠ), ପ୍ରଥମ ମହଲା, ଉତ୍ତର ବ୍ଲକ୍, ରେଳ ସଦନ, ପୂର୍ବ ତଟ ରେଳପଥ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-17 |

ମୁଖ୍ୟ ବାଣିଜ୍ୟ ପ୍ରବନ୍ଧକ (FS)
ଭୁବନେଶ୍ୱର
PR-228/L/20-21

# 'ଏକ ଜିଲା ଏକ ଉତ୍ପାଦ' କାର୍ଯ୍ୟକ୍ରମକୁ ସହାୟକ ହେବ ଏମ୍‌ଏସ୍‌ଏମ୍‌ଇ

**ଭୁବନେଶ୍ୱର,୨୭।୮(ବ୍ୟୁରୋ):** ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍)ର ଉତ୍କର୍ଷିତା ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା 'ଏକ ଜିଲା ଏକ ଉତ୍ପାଦ' କାର୍ଯ୍ୟକ୍ରମ ରୂପାୟନରେ ସହାୟକ ହେବ ବୋଲି ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ଗୁରୁବାର ଆୟୋଜିତ ଏକ ଭିଡ଼ିଓ କନ୍‌ଫରେନ୍ସରେ କେନ୍ଦ୍ରମନ୍ତ୍ରୀ ପିୟୁଷ ଗୋୟଲ ସବୁ ରାଜ୍ୟର ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀମାନଙ୍କୁ ନେଇ ଏକ ବୈଠକ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ମିଶ୍ର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ରାଜ୍ୟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ବିକାଶ ଦିଗରେ ଅନେକ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବାକୁ ଜିଲାସ୍ତରୀୟ ରପ୍ତାନୀ ଅଭିବୃଦ୍ଧି କମିଟି (ଡିଏଲ୍‌ଇପିସି) ଗଠନ କରାଯାଇଛି। ଏହାଦ୍ୱାରା କେଉଁ ଜିଲାର କେଉଁ ଉତ୍ପାଦ ରପ୍ତାନୀଯୋଗ୍ୟ ତାହାର ଚିହ୍ନଟ କରାଯିବା ପ୍ରକ୍ରିୟା ଜାରି ରହିଛି। ଏହା କେନ୍ଦ୍ର ସରକାରଙ୍କ 'ଏକ ଜିଲା ଏକ ଉତ୍ପାଦ' କାର୍ଯ୍ୟକ୍ରମକୁ ଅଧିକ ସୁଗମ କରିପାରିବ ବୋଲି ସେ ପ୍ରକାଶ କରିଛନ୍ତି। ରାଜ୍ୟ ରପ୍ତାନୀଯୋଗ୍ୟ ଉତ୍ପାଦର କ୍ଷମତା ସରକାରଙ୍କ ନୀତି, ବ୍ୟବସାୟିକ ପରିବେଶ, ରପ୍ତାନୀ ଭିତ୍ତିଭୂମି, ପରିବହନ ଯୋଗାଯୋଗ ଏବଂ ରପ୍ତାନୀ କାରବାର ଇତ୍ୟାଦି ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିପାରିଛି । ନିକଟରେ ନିତି ଆୟୋଗ ପ୍ରସ୍ତୁତ କରିଥିବା ରପ୍ତାନୀ ପ୍ରସ୍ତୁତି ସୂଚୀରେ ଓଡ଼ିଶା ପଞ୍ଚମ ର୍‍ୟାଙ୍କ ପାଇଛି ବୋଲି ସେ କହିଛନ୍ତି।



କାହିଁକି ଭଲା ଭଗବାନ ଏ ପୃଥିବୀ ଉପରେ ବେଳେବେଳେ ଏମିତି ଭୟଙ୍କର ଆଘାତ ହାଣନ୍ତି? କାହିଁକି ସେ ଏ ପୃଥିବୀକୁ ବାରମ୍ବାର ଆପଣା ରକ୍ତରେ ସ୍ନାନ କରାନ୍ତି? କାହିଁକି ମଧ୍ୟ ସେ ଏ ପୃଥିବୀକୁ ନରକର ଡହଡହ ନିଆଁରେ ଦଗ୍ଧ କରୁଥାନ୍ତି? କାରଣ- ମନୁଷ୍ୟ ସମାଜ ତଥାପି ମଧ୍ୟ ଏକ ଶକ୍ତ, କର୍କଶ ଓ ବନ୍ଧୁର ଲୌହପ୍ରସ୍ତର ରୂପେ ରହିଥାଏ। ତାଙ୍କର ଉପାଦାନ ସବୁ ଯେପରି- ଉପାୟ ମଧ୍ୟ ସେହିପରି। —ଶ୍ରୀଅରବିନ୍ଦ

# ରିୟଲିଟି ଚେକ୍

କୋଭିଡ୍-୧୯ ମହାମାରୀ ଯୋଗୁ ଭାରତରେ ରିୟଲ୍ ଇଷ୍ଟେଟ୍ ସାଂଘାତିକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ ଆମ ଅର୍ଥନୀତି ମାନ୍ଦାବସ୍ଥା ଦେଇ ଚାଲିଆସୁଛି। ଏହା ସହ କେନ୍ଦ୍ର ବିମୁଦ୍ରୀକରଣ ଓ ତରବରିଆ ଭାବେ ଜିଏସ୍‌ଟି ଲାଗୁ କରିବା ଭଳି ତ୍ରୁଟିପୂର୍ଣ୍ଣ ନୀତି ହାଉସିଂ ସେକ୍ଟର ଉପରେ ଭାରି ପଡ଼ିଥିଲା। ଏହି ସେକ୍ଟରରେ ଯାହା କିଛି ଆଶା ରହିଥିଲା ତାହାକୁ କୋଭିଡ୍-୧୯ ସମ୍ପୂର୍ଣ୍ଣ ଧୂଳିସାତ କରିଦେଲା। ଗତ ଦଶନ୍ଧିରେ ମାନ୍ଦା ଅର୍ଥବ୍ୟବସ୍ଥା ଯୋଗୁ ରିୟଲ୍ ଇଷ୍ଟେଟ୍ ଆଗକୁ ବଢ଼ିପାରି ନ ଥିଲା। ମାନ୍ଦା ଅର୍ଥବ୍ୟବସ୍ଥା ଚାହିଦାକୁ କମାଇ ଦେଇଛି। ଶେଷରେ ମହାମାରୀ ଏହାକୁ ଧରାଶାୟୀ କରିଦେଇଛି। ଭାରତ ଭଳି ଦେଶରେ ଯେଉଁଠି ମଧ୍ୟବିତ୍ତଙ୍କ ସଂଖ୍ୟା ଅଧିକ ସେଠାରେ ରିୟଲ୍ ଇଷ୍ଟେଟ୍ ସେକ୍ଟର ହିଁ ନିଯୁକ୍ତି ଲାଗି ଏକ ବଡ଼ ସୁଯୋଗ ସୃଷ୍ଟି କରିଆସୁଥିଲା। ଦେଶରେ ଆର୍ଥିକ ଉଦାରୀକରଣ ଏବଂ ଦ୍ରୁତ ସହରୀକରଣ ଯୋଗୁ ଏହି ସେକ୍ଟର ବହୁ ଆଗକୁ ଚାଲିଯାଇଛି। ତେବେ ଉକ୍ତ ସେକ୍ଟରକୁ ମଜଭୁତ କରିବା ପାଇଁ ସରକାର କିଛି ନୀତିଗତ ନିଷ୍ପତ୍ତି ନେଇଥିଲେ ବି ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ତେବେ ମହାମାରୀ ଯୋଗୁ ଅର୍ଥବ୍ୟବସ୍ଥାରେ ବଡ଼ ଅନିଶ୍ଚିତତା ଦେଖାଯାଇଛି, ଯାହାଦ୍ୱାରା ଲକ୍ଷ ଲକ୍ଷ ଲୋକ ଚାକିରି ହରାଇଛନ୍ତି। ଦେଶର ସବୁଆଡ଼େ ଲୋକମାନେ ସେମାନଙ୍କର କର୍ମସ୍ଥଳୀ ଛାଡ଼ି ଘରକୁ ଚାଲି ଆସିଛନ୍ତି ଏବଂ ଯେଉଁମାନେ ରହିଲେ ସେମାନେ କମ୍ ଦରମା ପାଉଛନ୍ତି। କୋଭିଡ୍-୧୯ର ପ୍ରଥମ ସଂକ୍ରମଣ ଏବଂ ଏବକାର ଶୀର୍ଷ ସଂକ୍ରମଣ ଲୋକମାନଙ୍କ ଦୁଃଖ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇ ଦେଇଛି। ସେମାନେ ନିରାଶ ହୋଇଛନ୍ତି।

ଭାରତରେ ରିୟଲ୍ ଇଷ୍ଟେଟ୍‌କୁ ମହାମାରୀ ଯେଭଳି କ୍ଷତି ପହଞ୍ଚାଇଲା ତାହାଠୁ ବଳି ବଡ଼ କ୍ଷତି ଆଉ କିଛି ନ ଥାଇ ପାରେ। ଲୋକମାନେ ଘର କିଣିବାକୁ ଅଶାୟୀ ଥିଲେ। କିନ୍ତୁ ଏକ ବିରାଟ ଅନିଶ୍ଚିତତା ସେମାନଙ୍କୁ ଅଟକାଇଦେଲା। ସେମାନେ କେହି ଠିକ୍ ଭାବେ ନିଷ୍ପତ୍ତି ନେଇପାରିଲେ ନାହିଁ। ଏହାର କାରଣ ହେଉଛି ମହାମାରୀ ସହରାଞ୍ଚଳର ଭୀଷଣ କ୍ଷତି କରିଛି। ଦେଖାଗଲା କୋଭିଡ୍-୧୯ ଯୋଗୁ ସବୁଠୁ ଯଦି ବେଶି କିଏ କ୍ଷତିଗ୍ରସ୍ତ ହୋଇଥାଏ ତେବେ ତାହା ହେଉଛି ରିୟଲ୍ ଇଷ୍ଟେଟ୍।

## ଆଜିର ଅର୍ଥନୀତି

ସରକାରଙ୍କ ୨୦ ଲକ୍ଷ କୋଟି ଟଙ୍କାର ଆର୍ଥିକ ପ୍ୟାକେଜ୍ ଏବଂ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ରେପୋରେଟ୍ ହ୍ରାସ କରିବା ବି ଦେଶରେଏହି ସେକ୍ଟରକୁ ପୁନରୁଦ୍ଧାର କରିବାରେ ଅସଫଳ ହୋଇଛି। ଦେଶରେ କମ୍ ଚାହିଦା ଓ ନିଯୁକ୍ତିରେ ଆଶାତୀତ ହ୍ରାସ ଉଭୟେ ଏବେ ହାଉସିଂ ମାର୍କେଟ ପାଇଁ ସବୁଠୁ ବଡ଼ ବାଧକ ଭାବେ ଉଭା ହୋଇଛନ୍ତି। ଏହି ସେକ୍ଟରର ପୁନରୁଦ୍ଧାର ଗୋଟିଏ ଦିନରେ ହୋଇପାରିବ ନାହିଁ। ଅର୍ଥବ୍ୟବସ୍ଥାରେ ଉନ୍ନତି ନ ଆସିଲେ ଏହି ସେକ୍ଟରରେ ଉନ୍ନତି ହୋଇପାରିବ ନାହିଁ। ଏହି ପରିସ୍ଥିତିକୁ ଦୂରକରିବା ପାଇଁ ସରକାର କ'ଣ କରିବା ଦରକାର? ଘର କ୍ରେତାଙ୍କ ପାଇଁ ଟ୍ୟାକ୍ସ ବେନିଫିଟ୍ ବୃଦ୍ଧି କରିବା ଏବଂ ବ୍ୟାଙ୍କଗୁଡ଼ିକୁ ଋଣ ଦେବା ଲାଗି ପ୍ରୋତ୍ସାହିତ କରିବା ମଧ୍ୟ ଏଥିପାଇଁ ଯଥେଷ୍ଟ ହେବନାହିଁ। ମହାମାରୀ ମଝିରେ ସରକାର ଲାଗୁ କରିଥିବା ଅଲଟର୍‌ନେଟିଭ ଇନ୍‌ଭେଷ୍ଟମେଣ୍ଟ ସମ୍ପୂର୍ଣ୍ଣ ବନ୍ଦ ହୋଇଥିବା ପ୍ରୋଜେକ୍ଟର ବିଲ୍‌ଡରମାନଙ୍କୁ ଠିକ୍ ଦିଗରେ ସାହାଯ୍ୟ କରିପାରେ। କିନ୍ତୁ ଏହା ବି ଯଥେଷ୍ଟ ନୁହେଁ। ରିୟଲ ଇଷ୍ଟେଟ ଇଣ୍ଡଷ୍ଟ୍ରି ଷ୍ଟାଟସ୍ ଦେଲେ ଏହା ହାଉସିଂ ସେକ୍ଟରକୁ ଅଧିକ ସଂଗଠିତ ଓ ପାରଦର୍ଶୀ କରିପାରିବ। ଏହା ଡେଭଲପର୍ସମାନଙ୍କ କ୍ୟାପିଟାଲ କଷ୍ଟ କମ୍ କିରିବ ଓ ଗୃହ କ୍ରେତାଙ୍କୁ ଲାଭ ପହଞ୍ଚାଇବ। ଏହି ସେକ୍ଟରକୁ କ୍ଷତି କରୁଥିବା କଟକଣା ଉଠାଇ ନେବା ସରକାରଙ୍କ ପାଇଁ ଆଉ ଏକ ପଦକ୍ଷେପ ହୋଇପାରେ। ସାମ୍ପ୍ରତିକ ସମୟରେ ଡେଭଲପର୍ସମାନେ ପ୍ରୋଜେକ୍ଟ ଅନୁମୋଦନ କରିବା ପାଇଁ ସରକାରଙ୍କ ବିଭିନ୍ନ ଏଜେନ୍ସି ସହ ଚୁକ୍ତି କରିବାକୁ ପଡ଼ିବ। ପ୍ରୋଜେକ୍ଟ ପାସ କରିବା ପାଇଁ ଏକକ ନୀତି ରହିବା ଉଚିତ। ଡେଭଲପର୍ସମାନଙ୍କୁ ନିୟମିତ ଆୟ କରିବା ପାଇଁ ଘରକୁ ଭଡ଼ାରେ ଲଗାଇବାକୁ ଅନୁମତି ଦେବା ଆବଶ୍ୟକ। କ୍ରେତାଙ୍କ ପରିପ୍ରେକ୍ଷୀରେ ଘର ବିକ୍ରି ପାଇଁ ନୁହେଁ ବରଂ ଏହାକୁ ଭଡ଼ା ନେବାକୁ ଚୟନ କରିବାକୁ କୁହାଯାଇପାରେ। ଘର ମୂଲ୍ୟ କମ୍ କରି କ୍ରେତାମାନଙ୍କୁ ଲାଭ ପହଞ୍ଚାଇବା ଲାଗି ଡେଭଲପର୍ସମାନଙ୍କୁ ଟେକ୍‌ନୋଲୋଜି ଉପଯୋଗ କରିବାକୁ ପ୍ରୋତ୍ସାହିତ କରାଯିବା ଉଚିତ। କିନ୍ତୁ ନଗଦ ପୁଞ୍ଜି ଡେଭଲପର୍ସମାନଙ୍କ ପାଇଁ ବଡ଼ ବାଧକ। ଏଣୁ ସରକାର ଜିଏସ୍‌ଟି ହାର କମ୍ କରିବା ଦରକାର। ଷ୍ଟାମ୍ପଡ୍ୟୁଟି ହ୍ରାସ କିମ୍ବା ପୂରା ବନ୍ଦ କରିବା କିମ୍ବା ଏହାକୁ ଜିଏସ୍‌ଟି ଅଧୀନକୁ ଆଣିବା ଦ୍ୱାରା ହାଉସିଂ ସେକ୍ଟର ଆଗକୁ ବଢ଼ିପାରିବ। ଏଣୁ ଦୁର୍ବଳ ହୋଇଯାଉଥିବା ହାଉସିଂ ସେକ୍ଟରକୁ ଦୃଢ଼ କରିବା ଲାଗି ଏହାର ବାସ୍ତବତାକୁ ସମୀକ୍ଷା କରିବାର ଏହା ହିଁ ଉପଯୁକ୍ତ ସମୟ।

## ୨୫ ବର୍ଷ ତଳର ଧରିତ୍ରୀ DHARITRI

୨୮ ଅଗଷ୍ଟ ୧୯୯୫

- ଇରାକର ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କୁ ରାଜନୈତିକ ଶରଣାର୍ଥୀ ଭାବେ ପ୍ରଶ୍ରୟ ଦେବାକୁ ପ୍ରସ୍ତୁତ ଥିବା ନେଇ ଇଜିପ୍ଟର ରାଷ୍ଟ୍ରପତି ହୋସ୍‌ନି ମୁବାରକଙ୍କ ଘୋଷଣା।
- ଦିଲ୍ଲୀସ୍ଥିତ ଓଡ଼ିଶୀ ସଙ୍ଗୀତ ସଭା ଆନୁକୂଲ୍ୟରେ ଓଡ଼ିଶୀ ଗୁରୁ ତ୍ରିନାଥ ମହାରଣାଙ୍କୁ 'ଗୁରୁ ସିଂହରି ଶ୍ୟାମ' ପୁରସ୍କାରରେ ସମ୍ମାନିତ କରାଯାଇଛି।
- ଜୟଭାରତ ସିନ୍ଥେଟିକ୍ ଲିମିଟେଡ୍ ନ୍ୟୁୟର୍କସ୍ଥିତ ପିକ୍ ଓଭରସିଜ୍ ସହ ଏହାର ସୂତା କପଡ଼ା ବିକ୍ରି ପାଇଁ ବ୍ୟବସାୟିକ ଚୁକ୍ତି କରିଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 3 | C | | | 7 | | | | D | | | 6 |
| | | | | | | | | | | | 1 | | | 8 |
| | | | 5 | 1 | 4 | | D | A | | 6 | | 7 | | |
| | | 4 | | | | | | | 7 | 2 | | A | | |
| 1 | 8 | | | 9 | 7 | | B | 2 | | | 5 | | | D |
| | D | | | 5 | | | | | | 9 | 8 | | | B |
| | A | E | | | | | 4 | | | | | | 8 | |
| | | 6 | | | B | | | C | 2 | 5 | | E | A | |
| 8 | | B | 6 | | | | E | | C | | | 4 | | |
| C | 5 | | 4 | | | B | | 9 | | D | | 3 | | |
| 2 | | | D | | | | | | | | C | | | |
| | | 7 | | | | C | A | 5 | | | | | | |
| 6 | | | 2 | | 5 | | 0 | 1 | | 3 | | | B | |
| E | | 1 | | | | | 9 | 3 | | 4 | | 0 | C | |
| | | 8 | A | | | | | | | E | 2 | | 9 | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | D | 6 | C | 5 | B | E | 1 | 3 | 0 | 7 | 4 | 2 | 8 | A |
| 5 | B | 7 | 0 | 2 | E | 6 | 4 | D | A | 9 | 8 | 3 | 1 | C |
| 0 | E | 8 | 1 | 4 | A | C | 5 | 9 | 3 | B | 2 | 7 | 6 | D |
| 2 | 4 | 1 | 3 | 7 | D | A | 8 | B | 5 | 6 | C | 0 | E | 9 |
| A | C | 3 | 6 | 9 | 8 | 2 | 0 | 7 | D | 1 | E | 4 | B | 5 |
| 8 | 0 | C | 4 | D | 2 | 1 | 6 | 5 | E | A | 3 | 9 | 7 | B |
| 6 | 2 | 4 | 5 | A | 0 | B | 7 | E | 9 | 8 | 1 | D | C | 3 |
| 1 | A | 9 | 7 | E | 3 | 4 | D | 0 | C | 5 | B | 8 | 2 | 6 |
| 7 | 5 | D | B | 8 | C | 3 | 9 | 2 | 6 | 4 | 0 | E | A | 1 |
| B | 3 | E | 9 | 1 | 6 | 8 | C | A | 2 | D | 7 | 5 | 4 | 0 |
| C | 9 | 5 | 8 | 0 | 1 | D | 2 | 4 | B | E | 6 | A | 3 | 7 |
| D | 7 | B | 2 | 6 | 5 | 0 | E | C | 8 | 3 | A | 1 | 9 | 4 |
| 4 | 6 | A | D | 3 | 7 | 5 | B | 8 | 1 | 2 | 9 | C | 0 | E |
| 3 | 8 | 0 | E | B | 9 | 7 | A | 1 | 4 | C | 5 | 6 | D | 2 |
| E | 1 | 2 | A | C | 4 | 9 | 3 | 6 | 7 | 0 | D | B | 5 | 8 |

ଗତକାଲିର ଉତ୍ତର

# ଉପନିବେଶବାଦର କୂଟନୀତି ଓ ଆମ ଅର୍ଥନୀତି



ଡ. ଅସୀମା ସାହୁ

ଆଶ୍ଚର୍ଯ୍ୟର କଥା ଆଜି ମଧ୍ୟ ବିଶ୍ୱ ତଥା ଆମ ଦେଶର କିଛି ବୁଦ୍ଧିଜୀବୀ ୨୦୦ ବର୍ଷର ଇଂରେଜ ଶାସନକୁ ସକାରାତ୍ମକ ଦୃଷ୍ଟିରେ ଦେଖନ୍ତି। ଭାରତର ଦୃଢ଼ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ବ୍ରିଟିଶରମାନଙ୍କୁ ତର୍କ ମାଧ୍ୟମରେ ପ୍ରଶଂସା କରନ୍ତି। ଇଂରେଜମାନେ ଭାରତରେ ଅନେକ ସାମାଜିକ ସଂସ୍କାର ଆଣିଥିବାର କୁହାଯାଏ। ବ୍ରିଟିଶ ରାଜୁତି ବେଳେ ସତୀଦାହ ପ୍ରଥା, ବାଲ୍ୟ ବିବାହ ଓ ଜାତିପ୍ରଥା ପରି ଘୃଣ୍ୟ ପରମ୍ପରାର ଉଚ୍ଛେଦ ହେଲା। ଗଣତାନ୍ତ୍ରିକ ଚେତନାର ବିକାଶ ହେବା ସହ ଶିକ୍ଷାର ପ୍ରସାର କରାଗଲା। ଏ ସମସ୍ତ ସଂସ୍କାରଧର୍ମୀ କାର୍ଯ୍ୟ ପାଇଁ ସେମାନେ ଗର୍ବ ଅନୁଭବ କରନ୍ତି। କିନ୍ତୁ ସେମାନଙ୍କ ଅପେକ୍ଷା ସେ ସମୟର ଜନନାୟକମାନଙ୍କର ବଳିଷ୍ଠ ଉଦ୍ୟମ ଅଧିକ ଗୁରୁତ୍ୱପୂର୍ଣ୍ଣ। ରାଜା ରାମମୋହନ ରାଏ ସତୀଦାହ ପ୍ରଥାର ଉଚ୍ଛେଦ ପାଇଁ ସମର୍ପିତ ଥିଲେ। ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ବାଲ୍ୟବିବାହ ଉଚ୍ଛେଦ ଓ ବିଧବା ବିବାହ ପ୍ରଚଳନ ପାଇଁ ପ୍ରଚେଷ୍ଟା କରିଥିଲେ। କେଶବ ଚନ୍ଦ୍ର ପର୍ଦ୍ଦା ପ୍ରଥାର ଘୋର ବିରୋଧ କରିଥିଲେ। ଜାତିର ପିତା ମହାତ୍ମା ଗାନ୍ଧୀ ଅସ୍ପୃଶ୍ୟତା ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲେ। ଦଳିତଙ୍କ ଅଧିକାର ପାଇଁ ଡ. ଭୀମରାଓ ଆମ୍ବେଦକରଙ୍କ ଭୂମିକା ଅତୁଳନୀୟ ଥିଲା। ଏହିମହାନ୍ ଜନନାୟକମାନଙ୍କର ଜନସଚେତନତା କାର୍ଯ୍ୟକ୍ରମ, ଦୃଢ଼ ସଙ୍ଗଠନ ଓ ହୃଦୟସ୍ପର୍ଶୀ ଭାଷଣ ଦ୍ୱାରା ସାଧାରଣ ଜନତା ବେଶ୍ ପ୍ରଭାବିତ ହେଲେ। ଜନଜାଗରଣ ସୃଷ୍ଟି ହେଲା। ସାମାଜିକ ପରିବର୍ତ୍ତନ ଆସିଲା।

ଯେଉଁ ଶିଳ୍ପ ବିପ୍ଳବକୁ ବିଶ୍ୱ ଇତିହାସ ଏତେ ଗୌରବମଣ୍ଡିତ କରେ, ପ୍ରକୃତରେ ତାହା ଭାରତୀୟ ଶିଳ୍ପକୁ ଧ୍ୱଂସ କରି ସଂଘଟିତ ହୋଇଥିଲା। ପରିସଂଖ୍ୟାନ ଅନୁଯାୟୀ ବ୍ରିଟିଶରମାନେ ଭାରତରେ ପ୍ରବେଶ କରିବା ବେଳେ ବିଶ୍ୱ ଅର୍ଥନୀତିରେ ଭାରତର ଅଂଶ ୨୩ ଶତକଡ଼ା ଥିଲା। ଅଥଚ ସେମାନେ ଭାରତ ଛାଡ଼ି ଗଲାବେଳେ ତାହା ଶତକଡ଼ା ୪ରୁ କମ୍‌କୁ ଖସି ଆସିଥିଲା। ଇଂରେଜ ଶାସନ ପୂର୍ବରୁ ବିଶ୍ୱ ତଥା ୟୁରୋପ ବଜାରରେ ଭାରତୀୟ କୁଟୀରଶିଳ୍ପ ଓ ହସ୍ତତନ୍ତର ବେଶ୍ ଚାହିଦା ଥିଲା। ଅବିଭକ୍ତ ଭାରତର କାରିଗରି ଦ୍ରବ୍ୟ ସବୁ ବିଦେଶରେ ଭଲ ବ୍ୟବସାୟ କରୁଥିଲେ। ସେଥିରେ ଢାକାର ମୁସୋଲିନ୍, ଲାହୋରର ଧୋତି-ଚାଦର, ଲକ୍ଷ୍ନୌର ଚିକନ୍ କାମ, ନାଗପୁରର ସିଲ୍କ ବର୍ଡର କାମ, ବନାରସ ଓ ମୁର୍ସିଦାବାଦର ବ୍ରାସ୍, କପର୍, ବ୍ରୋଞ୍ଜ ପାତ୍ର, ଓଡ଼ିଶାର ତାରକସୀ, ଟସର ଓ ହାତବୁଣା ଲୁଗା, ଲାଖ ସମେତ ବିଭିନ୍ନ ବନ୍ୟଜାତ ଦ୍ରବ୍ୟ ଅନ୍ତର୍ଭୁକ୍ତ। କାଚ-ଶିଳ୍ପ ସହ ହାତୀ ଦାନ୍ତ, କାଠ ଶିଳ୍ପ, ଗହଣା, ଚମଡ଼ା, ଧାତୁ ଶିଳ୍ପ ଓ ମାର୍ବଲ ଆଦି ସାମଗ୍ରୀ ବିଶ୍ୱ ବଜାରକୁ ଅକ୍ତିଆର କରି ରଖିଥିଲେ। ମାତ୍ର ବ୍ରିଟିଶ ଶାସକ ୧୮୦୦ ମସିହାରେ ପ୍ରଥମ ନିୟମ ପ୍ରଣୟନ କରି ଶିଳ୍ପର ଭିତ୍ତିଭୂମି ଉପରେ ରୋକ୍ ଲଗାଇଦେଲେ। ପତଳା ସିଲ୍କ ବସ୍ତ୍ର ଉତ୍ପାଦନ କରୁଥିବା କୁଶଳୀ କାରିଗରଙ୍କ ତନ୍ତକୁ ଭାଙ୍ଗି ଦିଆଯାଇ ଆଙ୍ଗୁଠି କାଟି ଦିଆଗଲା। ଆମ ଦେଶରୁ କଞ୍ଚାମାଲ ବ୍ରିଟେନ୍ ଗଲା। ସେଠାରୁ ବସ୍ତ୍ର ଓ ବିଭିନ୍ନ ଦ୍ରବ୍ୟ ଉତ୍ପାଦନ କରି ବ୍ରିଟେନ ବିଶ୍ୱରେ ବୃହତ୍ ଯୋଗାଣକାରୀ ରାଷ୍ଟ୍ରରେ ପରିଣତ ହେଲା। ଅଥଚ ଭାରତୀୟ କାରିଗରଙ୍କ ଘରୋଇ ଉତ୍ପାଦନ ଉପରେ ବିଭିନ୍ନ ଶୁଳ୍କ ଓ ଟିକସର ଭାର ଲଦି ଦିଆଗଲା। ଫଳରେ ହଜାର ହଜାର କୁଶଳୀ କାରିଗର ଜୀବିକା ହରାଇଲେ। ବ୍ରିଟିଶରମାନେ ଭାରତରେ ପ୍ରବେଶ କରିବା ପୂର୍ବରୁ ବିଶ୍ୱ ବାଣିଜ୍ୟରେ ବସ୍ତ୍ର ରପ୍ତାନି କ୍ଷେତ୍ରରେ ଭାରତର ଅଂଶ ୨୭ ଶତକଡ଼ା ଥିଲା। ଅଥଚ ସେମାନେ ଭାରତ ଛାଡ଼ି ଚାଲିଗଲା ବେଳେ ତାହା କମି ଆସି ଶତକଡ଼ା ୨ ମଧ୍ୟ ରହିଲା ନାହିଁ।

ପ୍ରକାଶଥାଉ କି ପାଖାପାଖି ସମୟରେ ଭାରତ ସହିତ କାନାଡ଼ା ଏବଂ ଅଷ୍ଟ୍ରେଲିଆରେ ରେଳ ଲାଇନ୍ ବିଛାଯାଇଥିଲା। ପ୍ରତି କିଲୋମିଟର ପାଇଁ କାନାଡ଼ା ଓ ଅଷ୍ଟ୍ରେଲିଆର ରେଳପଥ ତିଆରିରେ ଯେତିକି ଖର୍ଚ୍ଚ ହୋଇଥିଲା ଭାରତରେ ହୋଇଥିଲା ତା'ର ଦୁଇଗୁଣ। ଠିକାଦାର ଥିଲେ ଇଂରେଜ। ଅନେକ ଉଚ୍ଚ ଦରରେ ସେମାନଙ୍କୁ ଠିକା କାମ ଦିଆଗଲା। ରେଳ ଚଳାଚଳର ବୈଷୟିକ ଜ୍ଞାନ ଭାରତୀୟଙ୍କୁ ହସ୍ତାନ୍ତର କରାଯାଇ ନ ଥିଲା। ଗରିବ ଭାରତୀୟଙ୍କ ଟିକସ ପଇସାରେ ଇଂରେଜୀ ଠିକାଦାରଙ୍କ ସମ୍ପତ୍ତି ବୃଦ୍ଧି କରାଗଲା। ଅର୍ଥନୀତିରେ ଯାହାକୁ କହନ୍ତି- ''ବେସରକାରୀ ଇଂରେଜଙ୍କ ମୁନାଫା, ଅଥଚ ଭାରତୀୟ ଜନତାର ଦାୟ।'' ଦୁର୍ଭିକ୍ଷର କରୁଣ ପରିସ୍ଥିତି ସ୍ୱରୂପ ଭାରତରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ୧ କୋଟି ୫୦ ଲକ୍ଷରୁ ୨ କୋଟି ୯୦ ଲକ୍ଷ ଲୋକ ପ୍ରାଣ ହରାଇଥିଲେ। ସବୁଠାରୁ କଷ୍ଟକର କଥା ହେଲା ବେଙ୍ଗଲ ଦୁର୍ଭିକ୍ଷ ସମୟରେ ୱିନ୍‌ଷ୍ଟନ ଚର୍ଚ୍ଚିଲ ବେଙ୍ଗଲକୁ ଖାଦ୍ୟଶସ୍ୟ ଯୋଗାଣ ବନ୍ଦ କରିଦେଇ ୟୁରୋପକୁ ପଠାଇଦେଲେ। ଏହାର ଆପତ୍ତି କରିବାରୁ ଗାନ୍ଧିଜୀ କାହିଁକି ମରିନାହାନ୍ତି ବୋଲି ସେ ଫାଇଲ ଉପରେ ଲିଖିତ ମନ୍ତବ୍ୟ ଦେଲେ। ଶେଷରେ ୪୦ ଲକ୍ଷ ବଙ୍ଗୀୟ ଦୁର୍ଭିକ୍ଷରେ ପ୍ରାଣ ହରାଇଲେ।

ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ବ୍ରିଟିଶ ସୈନ୍ୟର ଏକ ଷଷ୍ଠାଂଶ ଭାରତୀୟ ଥିଲେ, ଯାହାର ସଂଖ୍ୟା ୧୩ ଲକ୍ଷ। ୫୪ ହଜାର ଭାରତୀୟ ପ୍ରକୃତରେ ଯୁଦ୍ଧରେ ଜୀବନ ହାରିଲେ। ୬୫ ହଜାର କ୍ଷତାକ୍ତ ହେଲେ। ୪ ହଜାର ବନ୍ଦୀ କିମ୍ବା ନିରୁଦ୍ଦିଷ୍ଟ ହୋଇଗଲେ। ସେହି ସମୟରେ ଭାରତୀୟ କରଦାତାମାନଙ୍କ ୧୦ କୋଟି ପାଉଣ୍ଡ ଯୁଦ୍ଧ ପାଇଁ ଲାଗିଥିଲା। ୧ କୋଟି ୭୦ ଲକ୍ଷ ରାଉଣ୍ଡର ଗୁଳିଗୋଳା, ୬ ଲକ୍ଷ ରାଇଫଲ ଓ ମେଶିନଗନ ତଥା ୪ କୋଟି ୨୦ ଲକ୍ଷ ସିଲେଇ ବସ୍ତ୍ର ଭାରତରୁ ପଠାଯାଇଥିଲା। କେବଳ ସେତିକି ନୁହେଁ, ୧ ଲକ୍ଷ ୭୩ ହଜାର ପଶୁ ସମ୍ପଦ ଓ ୩ କୋଟି ୭୦ ଲକ୍ଷ ଟନ୍‌ର ରସଦ ମଧ୍ୟ ଯୁଦ୍ଧ ପାଇଁ ଦିଆଯାଇଥିଲା। ଭାରତ ଦାରିଦ୍ର୍ୟ ଓ ଭୋକରେ ଶଢ଼ୁଥିବା ବେଳେ ୮୦୦ କୋଟି ପାଉଣ୍ଡ ଯୁଦ୍ଧ ପାଇଁ ଖର୍ଚ୍ଚ କରିଥିଲା। ସେହିପରି ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଇଂଲଣ୍ଡର ମିତ୍ରଶକ୍ତି ସପକ୍ଷରେ ୨୫ ଲକ୍ଷ ଭାରତୀୟ ସୈନିକ ବ୍ରିଟେନ ପାଇଁ ଯୋଗ ଦେଇଥିଲେ। ୧୯୪୫ ମସିହା ବେଳକୁ ଦେଖାଗଲା ଏହି ବିଶ୍ୱଯୁଦ୍ଧ ପାଇଁ ବ୍ରିଟେନ ୩୦୦ କୋଟି ପାଉଣ୍ଡ ଋଣ କରିଥିଲେ। ସେଥିରୁ ଭାରତରୁ ଋଣ ହୋଇଥିଲା ୧୨୫ କୋଟି ପାଉଣ୍ଡ। ପରିତାପର ବିଷୟ ଏହି ଋଣକୁ ଇଂରେଜମାନେ କେବେ ବି ପରିଶୋଧ କରି ନ ଥିଲେ। ରବର୍ଟ କ୍ଲାଇଭ୍‌ଙ୍କ ଭଳି ଜଘନ୍ୟ ଉପନିବେଶବାଦୀଙ୍କୁ ଲକ୍ଷ୍ୟ ରଖି ଭାରତୀୟ ଶବ୍ଦ 'ଲୁଟ୍' ଏକ ଇଂଲିଶ ଶବ୍ଦରେ ପରିଣତ ହେଲା ଏବଂ ଇଂଲିଶ ଭାଷା-କୋଷରେ ସ୍ଥାନିତ ହୋଇଗଲା। ତାଙ୍କୁ ନିଜ ଦେଶର ନାଗରିକ ବୋଲି ପରିଚୟ ଦେବା ପାଇଁ ଇଂରେଜମାନେ କୁଣ୍ଠିତ ହେଲେ ଏବଂ ଭାରତରେ ତାଙ୍କ କଳା କାରନାମା କାରଣରୁ 'ଭାରତୀୟ କ୍ଲାଇଭ' ବୋଲି କହି ତାଚ୍ଛଲ୍ୟ କରୁଥିଲେ।

ଏ ସମସ୍ତ ପରିସଂଖ୍ୟାନ ଓ ତଥ୍ୟରୁ ଏହା ସ୍ପଷ୍ଟ ଯେ, ବ୍ରିଟିଶରାଜ ଲୁଣ୍ଠନର ଭିତ୍ତିଭୂମି ଉପରେ ନିଜ ସାମ୍ରାଜ୍ୟ ବିସ୍ତାର କରିଥିଲା। ଉପନିବେଶବାଦର କୂଟନୈତିକ ନୀତିନିର୍ଦ୍ଧାରଣ କରାଯାଇ ସମୃଦ୍ଧ ଭାରତର ଆର୍ଥିକ ମେରୁଦଣ୍ଡକୁ ଧରାଶାୟୀ କରିଦିଆଗଲା। ବାଣିଜ୍ୟିକ ପେଣ୍ଠସ୍ଥଳ ଥିବା ସହରଗୁଡ଼ିକ ଧ୍ୱସ୍ତବିଧ୍ୱସ୍ତ ହୋଇଗଲେ। ତେଣୁ ଆଜି ସ୍ୱାଧୀନ ହେବାର ୭୪ ବର୍ଷ ପରେ ଆମେ ଏ ଭ୍ରମରେ ରହିବା ଉଚିତ ନୁହେଁ ଯେ ଇଂରେଜମାନେ ଆମକୁ ସଭ୍ୟତା କ'ଣ ଶିଖାଇଥିଲେ, ଆମ ଅର୍ଥନୀତିର ଭିତ୍ତିଭୂମିକୁ ସଜାଡ଼ି ଥିଲେ କିମ୍ବା ଆମକୁ ଶିକ୍ଷିତ କରିଥିଲେ।

ଅଧ୍ୟକ୍ଷା, ଏସ୍‌ସିବି ଡିଗ୍ରୀ ମହାବିଦ୍ୟାଳୟ
ରାଗଧା, ମୟୂରଭଞ୍ଜ
ମୋ: ୯୪୩୭୩୮୦୭୭୦

# ଇ-ଆବର୍ଜନାର ସଙ୍କଟ



ବିପିନ ବିହାରୀ ରାଉତ

ଓଡ଼ିଶାର ଜନମତ ଓ ନିର୍ଭୀକ ନିରପେକ୍ଷ ଦୈନିକ 'ଧରିତ୍ରୀ' ଗତବର୍ଷ ଏକ ଆନ୍ଦୋଳନକୁ ଓହ୍ଲାଇ ଥିଲା। ତାହା ଥିଲା ଆମମାନଙ୍କ ଭିତରେ ଆବର୍ଜନା ସୃଷ୍ଟି କରୁଥିବା ଓ ପଲିଥିନ୍ ପ୍ରତି ଥିବା ଦୁର୍ବଳତାର ବିରୁଦ୍ଧରେ। ଲଗାତର ପ୍ରତିଦିନ ଭାରତର ବିଭିନ୍ନ ପ୍ରାନ୍ତରରେ ଥିବା 'ଧରିତ୍ରୀ'ର ବିମୁଗ୍ଧ ପାଠକମାନେ ଏଥିରେ ସାମିଲ ହୋଇ 'ଧରିତ୍ରୀ' ଖବରକାଗଜକୁ ବ୍ୟବହାର କରି ଆକର୍ଷଣୀୟ ହସ୍ତନିର୍ମିତ କାଗଜ ବ୍ୟାଗ୍ ତିଆରି କରି ଏହି ଖବରକାଗଜକୁ ପଠାଉଥିଲେ। ଖବରକାଗଜ କେବଳ ଯେ ଲୋକମାନଙ୍କ ଖବର ପଢ଼ିବା ପାଇଁ ତାହା ନୁହେଁ ବରଂ ସମାଜ ପାଇଁ ଏକ ବିକାଶର ନୂଆ ଆନ୍ଦୋଳନ, ନୂଆ ଚିନ୍ତନ ଲାଗି ଖୋରାକ ଯୋଗାଇପାରେ ଏହା ପ୍ରଥମତଃ ପ୍ରମାଣ କରିଛି ଲୋକପ୍ରିୟ 'ଧରିତ୍ରୀ'। ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ମାଟି, ପାଣି ଓ ପବନ ଏହି ପ୍ରଦୂଷଣ ମଧ୍ୟରେ ଅନ୍ତର୍ଭୁକ୍ତ। ବିଭିନ୍ନ ପ୍ରକାର କୀଟନାଶକ ଦ୍ରବ୍ୟ ସାର ଆକାରରେ ମାଟିରେ ଓ କଳକାରଖାନାରୁ ବିଷାକ୍ତ ଜଳ ବାହାରି ନଦୀ ଇତ୍ୟାଦିରେ ମିଶି ପାଣିକୁ ବିଷାକ୍ତ କରୁଛି। କାରଖାନାରୁ ନିର୍ଗତ ଧୂଆଁ ବାୟୁକୁ ପ୍ରଦୂଷିତ କରୁଛି। ପ୍ରତିଦିନ ବିଶ୍ୱରେ ପ୍ରାୟ ଚଉଦ ହଜାର ଲୋକ ଦୂଷିତ ପାଣି ପିଇ ମରୁଛନ୍ତି। ସାତଶହ ନିୟୁତ ଭାରତୀୟଙ୍କର ଉପଯୁକ୍ତ ଶୌଚାଳୟ ନାହିଁ। ଏହାଛଡ଼ା ଭାରତରେ ପ୍ରତିଦିନ ଏକ ହଜାର ଲୋକ ହଇଜାରେ ମରୁଛନ୍ତି। ଚାଇନାରେ ପ୍ରତିବର୍ଷ ପାଞ୍ଚ ନିୟୁତ ଲୋକ ଉପଯୁକ୍ତ ପାନୀୟ ଜଳ ପାଆନ୍ତି ନାହିଁ ଓ ବାୟୁ ପ୍ରଦୂଷିତ ହେବା ଯୋଗୁ ଏଠାରେ ପ୍ରତି ବର୍ଷ ପ୍ରାୟ ୬୫୬ ହଜାର ଲୋକ ମରନ୍ତି। ତେବେ ଉଦ୍‌ବେଗଜନକ ଭାବେ ଦିନକୁ ଦିନ ଇ-ଆବର୍ଜନାର ପାହାଡ଼ ଆମ ଆଖପାଖର ପରିବେଶକୁ ଅସ୍ତବ୍ୟସ୍ତ କରୁଛି।

ଆମେ ହାତରେ ଧରୁଥିବା ଜୀବନ୍ତ ମୋବାଇଲ୍ ଫୋନ, ଆଇପ୍ୟାଡ୍ ବା ଆଇପଡ୍ ଅଥବା ଘରେ ନିତି ଦିନ ଗହଳ ଚହଳ କରୁଥିବା ଜୀବନ୍ତ ଟେଲିଭିଜନ ବା କମ୍ପ୍ୟୁଟର ଅବଶ୍ୟ ଦିନେ ମରିବେ। କିନ୍ତୁ ଏହି ମୃତକମାନଙ୍କ ଦେହାବଶେଷ ମାଟିରେ ମିଶିଯିବ ନାହିଁ। ଏହା ପଡ଼ି ରହିବ ଏବଂ ଆବର୍ଜନାର ପାହାଡ଼ ସୃଷ୍ଟି କରିବ ଏ ପୃଥିବୀ ଉପରେ। ଏଭଳି ଆବର୍ଜନାର ପାହାଡ଼ ଯେ କି ବିଶାଳ ହୋଇପାରେ ତା'ର ଏକ ଚିତ୍ର ଏବେ ଆମକୁ ଜାଣିବାକୁ ମିଳିଛି। ଏଇ ନିକଟରେ ଜାତିସଂଘ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଇଲେକ୍ଟ୍ରୋନିକ୍ ଏବଂ ଇଲେକ୍ଟ୍ରିକାଲ୍ ଆବର୍ଜନାର (ଗୋଟିଏ ବ୍ୟାଟେରି ଠାରୁ ଆରମ୍ଭ କରି ମୋବାଇଲ, କମ୍ପ୍ୟୁଟର, ଫୋନ ଦେଇ ଛୋଟ କର୍ଡ ପର୍ଯ୍ୟନ୍ତ) ମାନଚିତ୍ରରେ ଏହି ଆବର୍ଜନା ସ୍ତୂପର ଆକାର ଓ ବିଶାଳତା ସମ୍ପର୍କରେ ସମ୍ୟକ୍ ସୂଚନା ମିଳିଛି। ସେଥିରେ କୁହାଯାଇଛି ଯେ, ଯୁକ୍ତରାଷ୍ଟ୍ର ଆମେରିକାରେ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିର ପରିମାଣ ସର୍ବାଧିକ। ଏହା ହେଉଛି ମୁଣ୍ଡ ପିଛା ୨୧.୮ କେ.ଜି.। ଚାଇନାରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୫.୪ କେ.ଜି.। ବ୍ରିଟେନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୨୨ କିଲୋ। ସମଗ୍ର ପୃଥିବୀ ଉପରେ ଇ-ଆବର୍ଜନାର ପାହାଡ଼ ଲଦି ଥିବା ଶୀର୍ଷ ଦେଶଗୁଡ଼ିକ ଭିତରେ ସର୍ବପ୍ରଥମେ ହେଉଛି ଯୁକ୍ତରାଷ୍ଟ୍ର ଆମେରିକା। ଏହା ପଛରେ ଚାଇନା, ଜାପାନ ଓ ଜର୍ମାନ ବି ରହିଛି। କେବଳ ଗତବର୍ଷ ଅର୍ଥାତ୍ ୨୦୧୯ରେ ୪୯.୭ଟନ୍‌ର ଇ-ଆବର୍ଜନା ପୃଥିବୀ ଉପରେ ଭାର ଦେଇଛି। ପୃଥିବୀର ସମସ୍ତ ମହାଦେଶ ଭିତରେ ଏସିଆ ମହାଦେଶର ସ୍ଥାନ ଏହି ଇ-ଆବର୍ଜନା କ୍ଷେତ୍ରରେ ଏକ ନମ୍ବର ସ୍ଥାନରେ ରହିଛି। କେବଳ ଏସିଆ ମହାଦେଶରେ ପ୍ରତି ବ୍ୟକ୍ତି ପିଛା ୩.୭ କିଲୋଗ୍ରାମର ଇ-ଆବର୍ଜନା ସୃଷ୍ଟି ହେଉଛି। ସେଥିଭିତରୁ ଭାରତର ପରିମାଣ ହେଉଛି ୧.୭ଟନ୍।

ଏହି ମାନଚିତ୍ରରୁ ଜଣାପଡ଼ିଛି ଯେ, ପୃଥିବୀରେ ପ୍ରତି ବର୍ଷ ସୃଷ୍ଟି ହେଉଛି ୪୮.୯ ନିୟୁତ ଟନ୍ ଓଜନର ଇ-ଆବର୍ଜନା। ତା' ଅର୍ଥ ପୃଥିବୀର ୭୦୦ କୋଟି ଲୋକଙ୍କ ମୁଣ୍ଡ ପିଛା ଇ-ଆବର୍ଜନାର ପରିମାଣ ହେଉଛି ୭ କେ.ଜି.। ଏହି ଆବର୍ଜନା ଭିତରୁ ସବୁଠାରୁ ଅଧିକ ହେଉଛି ମୋବାଇଲ ଫୋନ୍, ଯାହାର ପରିମାଣ ହେଲା ୧୨୦ ନିୟୁତ ଟନ୍। ଏଥିରେ ଭବିଷ୍ୟବାଣୀ କରାଯାଇଛି ଯେ, ୨୦୨୭ ବେଳକୁ ଏହା ୩୩ ପ୍ରତିଶତ ହାରରେ ବୃଦ୍ଧି ପାଇ ପହଞ୍ଚିବ ୬୫.୯ ନିୟୁତ ମେଟ୍ରିକ୍ ଟନ୍‌ରେ। ଏହି ଆବର୍ଜନାର ଓଜନ ୨୦୦ଟି ଏମ୍ପାୟାର ଷ୍ଟେଟ୍ ବିଲଡିଂ ବା ଇଜିପ୍ଟର ୧୧ଟି ଅତିକାୟ ଗୀର୍ଜା ପିରାମିଡ୍‌ର ଓଜନ ସହିତ ସମାନ ହେବ। ଯଦି ଏହି ଆବର୍ଜନାକୁ କେଉଁଠାକୁ ନେବାକୁ ପଡ଼େ ତେବେ ୪୦ଟନ୍ ମାଲ୍ ବୋହିବାକୁ ସକ୍ଷମ ଥିବା ବିଶାଳ ଟ୍ରକଗୁଡ଼ିକର ଯେଉଁ ଲମ୍ବାଧାଡ଼ି ଲାଗିବ ତାହା ପୃଥିବୀର ବିଷୁବ ରେଖା ଦୈର୍ଘ୍ୟର ତିନି ଚତୁର୍ଥାଂଶ ହେବ। ୨୦୧୨ରେ ଚାଇନା ସବୁଠାରୁ ଅଧିକ ଇ-ଆବର୍ଜନା ସୃଷ୍ଟି କରିଥିଲା। ତା'ର ପରିମାଣ ଥିଲା ୧୧.୧ ନିୟୁତ ଟନ୍। ଯୁକ୍ତରାଷ୍ଟ୍ର ଆମେରିକା ଥିଲା ଦ୍ୱିତୀୟ ସ୍ଥାନରେ। ଏବେ ଏ କ୍ରମ ବଦଳି ଯାଇଛି। ଏବେ ଯୁକ୍ତରାଷ୍ଟ୍ର ଆମେରିକା ୯.୪ ନିୟୁତ ଟନ୍ ଇ-ଆବର୍ଜନା ସୃଷ୍ଟି କରି ପ୍ରଥମ ସ୍ଥାନରେ ରହିଛି। ତେବେ ଆମେରିକା ଓ ଚାଇନାର ଜନସଂଖ୍ୟା ଭିତରେ ବହୁତ ତାରତମ୍ୟ ଥିବାରୁ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିରେ ଆମେରିକା ଚାଇନାର ପ୍ରାୟ ପାଞ୍ଚଗୁଣ। ଭାରତରେ ବର୍ଷକୁ ୨୭୫୧ ମେଟ୍ରିକ୍ କିଲୋ ଟନ୍ (ଏକ କିଲୋଟନ୍ ହେଉଛି ୧୦୦୦ ଟନ୍) ଇ ଆବର୍ଜନା ସୃଷ୍ଟି ହେଉଛି। ଏ ସଂକ୍ରାନ୍ତରେ ଗୋଟିଏ ବଡ଼ ସଂକଟଜନକ କଥା ଜାତିସଂଘ ପକ୍ଷରୁ କୁହାଯାଇଛି। ତାହା ହେଲା ପାଶ୍ଚାତ୍ୟର ବିଶାଳ ଇ-ଆବର୍ଜନାର ଗଦା ବୋଝେଇ ହୋଇ ଭାରତରେ ପହଞ୍ଚିବାର ସମ୍ଭାବନା ସବୁଠାରୁ ଅଧିକ। କାରଣ ଇ-ଆବର୍ଜନାକୁ ନଷ୍ଟ କରିବା ଲାଗି ଲୋଡ଼ା ସ୍ୱତନ୍ତ୍ର ପ୍ରକାର ଫର୍ନେସ ଏଇ ବର୍ଷଠାରୁ ଚାଇନା ଓ ମାଲେସିଆରେ ବନ୍ଦ ହୋଇଯିବ। କେବଳ ଭାରତରେ ଏ ସୁବିଧା ମିଳୁଥିବାରୁ ବିକଶିତ ଦେଶମାନେ ଭାରତକୁ ସେମାନଙ୍କ ଇ-ଆବର୍ଜନା ଡମ୍ପିଙ୍ଗ ଗ୍ରାଉଣ୍ଡରେ ପରିଣତ କରିଦେବେ। ଏହା ଭାରତ ଲାଗି ବିପଜ୍ଜନକ ହୋଇପାରେ। କାରଣ ଇ-ଆବର୍ଜନାରୁ ବିକିରଣ ସହିତ ବିଭିନ୍ନ ମାରାତ୍ମକ ବିଷାକ୍ତ ପଦାର୍ଥ (ସୀସା, ଆର୍ସେନିକ୍, ଲିଥିଅମ୍ ଆଦି) ମିଶି ରହିଥାଏ, ଯାହା ପ୍ରକୃତି ଓ ପରିବେଶକୁ ପ୍ରଦୂଷିତ କରି ଚାଲିଥାଏ।

କେବଳ ସହରାଞ୍ଚଳ ନୁହେଁ ଗ୍ରାମାଞ୍ଚଳରେ ଯେଉଁପରି ଭାବରେ ବହୁଳ ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ବ୍ୟବହାର ବଢ଼ୁଛି ସେଠି ଶାନ୍ତ ସୁଶୀତଳ ପରିବେଶ କୁହାଯାଉଥିବା କ୍ଷେତ୍ର ବି ଏହି ଇଲେକ୍‌ଟ୍ରୋନିକ୍ସ ବିପଦର ବୋଝରୁ ନିସ୍ତାର ପାଇବେ ନାହିଁ। ସେହିପରି ବ୍ୟାପକ ଭାବରେ ଛତୁ ଫୁଟିଲା ପରି ଯେଉଁପରି ମୋବାଇଲ ଟାୱାର ବସାଯାଉଛି ତାହା ବି ଏହି ଇଲେକ୍‌ଟ୍ରୋନିକ୍ସ ଆବର୍ଜନାର ଅନ୍ୟତମ କାରଣ। ଭବିଷ୍ୟତ ଲାଗି ଇ-ଆବର୍ଜନା ଯେ ଏକ ବିରାଟ ସମସ୍ୟାରେ ପରିଣତ ହେବ ଏଥିରେ ସନ୍ଦେହ ନାହିଁ। ଏହା ପରିବେଶ ପ୍ରଦୂଷଣର ଏକ ବଡ଼ କାରଣ ରୂପେ ଛିଡ଼ା ହେବ। ଏହା ବି ସତ ଯେ ଏବର ଜୀବନ ଶୈଳୀ ଏବଂ ଅଭ୍ୟାସ ବଦଳିବାର କୌଣସି ସମ୍ଭାବନା ନ ଥିବାରୁ ଏ ସମସ୍ୟାର ତୀବ୍ରତା ହ୍ରାସ ହେବା ସହଜ ନୁହେଁ। ତେବେ ପୁନଃ ଚକ୍ରଣ ଜରିଆରେ ଏ ସମସ୍ୟାର ଆଂଶିକ ସମାଧାନ ହୁଏତ ସମ୍ଭବ। କିନ୍ତୁ ଭୋଗବାଦୀ ମାନସିକତାର ଏ ଲକ୍ଷଣ ପୃଥିବୀର ଭବିଷ୍ୟତକୁ ବିପନ୍ନ କରିବାର ଆଶଙ୍କା ଅମୂଳକ ନୁହେଁ।

ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ
ମୋ : ୯୪୩୭୬୬୬୪୫୩

## ଏଇ ଭାରତରେ

ହିଂସ୍ରଜନ୍ତୁ ଭରା ଜଙ୍ଗଲ ଭିତରକୁ ଯିବା କଥା କହିଲେ ଭୟରେ ଦେହ ଥରିଉଠେ। କିନ୍ତୁ ଦୀର୍ଘ ୧୯ ବର୍ଷ ହେବ କେରଳର ଡ. ଭିନ୍‌ସେଟ ଜାଭିୟର ଏକୁଟିଆ ଜଙ୍ଗଲ ଭିତରେ ଅସହାୟ ଆଦିବାସୀମାନଙ୍କୁ ଚିକିତ୍ସା କରୁଛନ୍ତି। ତାଙ୍କୁ ବର୍ତ୍ତମାନ ବୟସ ୫୫। ସବୁ ଚିକିତ୍ସା ଉପକରଣ ସାଥିରେ ନେଇ ଚାଲିଚାଲି ପାଥାନମ୍‌ଥିଟ୍ଟା ଜିଲା ସୀତାଥୋଡ଼େ ଗାଁର ଆଦିବାସୀମାନଙ୍କୁ ଚିକିତ୍ସା କରୁଛନ୍ତି। ପାହାଡ଼ ଜଙ୍ଗଲ ଘେରା ଏହି ଗାଁ ବି ଏକ ପଞ୍ଚାୟତ। ସେଠାକୁ ଯିବା ଲାଗି କୌଣସି ସାଧାରଣ ପରିବହନ ବ୍ୟବସ୍ଥା ନାହିଁ। ଭଲ ରାସ୍ତା ବି ନାହିଁ। ଥିରୁଭାନନ୍ତପୁରମ୍‌ରେ ଥିବା ତାଙ୍କ ସ୍ତ୍ରୀଙ୍କ ଘରକୁ ଯିବା ଅବସରରେ ସୀତାଥୋଡ଼େ ସମ୍ପର୍କରେ ଜାଣିବା ପରେ ସେଠାରେ ଚାକିରି କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଗାଁରେ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଥିଲେ ବି ଜଙ୍ଗଲୀ ଜନ୍ତୁଙ୍କ ଭୟରେ ସେଠାକୁ କୌଣସି ଡାକ୍ତର ଯାଉ ନ ଥିଲେ। ହେଲେ ଚାକିରି କରିବା ପେରେ ଭିନ୍‌ସେଟ ୨୦୦୧ରୁ ସପ୍ତାହକୁ ୨ ଥର ସେହି ଗାଁକୁ ଯାଇ ଫେରିଆସୁଥିଲେ। ୨୦୦୯ରୁ ସେ ସେଠାରେ ଏକ ଭଡ଼ାଘରେ ସପ୍ତାହରେ ଦୁଇଦିନ ରହି ବିଭିନ୍ନ ଜାଗାକୁ ଯାଇ ଚିକିତ୍ସା କରୁଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ 'ମାକ୍କା ଡକ୍ଟର' ବୋଲି ସମ୍ବୋଧନ କରିଥାନ୍ତି। ସେମାନଙ୍କ ଭାଷାରେ ମାକ୍କା ଅର୍ଥ ପିଲା। ପିଲାମାନଙ୍କ ଡାକ୍ତର ଭାବେ ପରିଚିତ ଭିନ୍‌ସେଟ ୧୯୯୫ରେ ତିରୁନେଲଭେଲି ମେଡିକାଲ କଲେଜରୁ ଏମବିବିଏସ୍ ଡିଗ୍ରୀ ହାସଲ କରିବା ପରେ ତାଙ୍କ ଘର ନାଗେରକୋଲିକୁ ଫେରିଥିଲେ ଓ ସେଠାରେ ୬ ବର୍ଷ ଏକ ମିଶନ ହସ୍ପିଟାଲରେ ଚିକିତ୍ସା କରିବା ପରେ ଏଭଳି ଦୁର୍ଗମ ଅଞ୍ଚଳର ଆଦିବାସୀଙ୍କ ସେବାରେ ଲାଗିଛନ୍ତି। ଅବସର ପରେ 'ମାକ୍କା ଡକ୍ଟର' ନାମ ତାଙ୍କୁ ଜୀବନରେ ବହୁ ଶାନ୍ତି ଦେବ ବୋଲି କହନ୍ତି ଭିନ୍‌ସେଟ।

## ଚିରନ୍ତନୀ

ପଥେ ପଥେ ରୂପେ ରୂପେ
ରୂପର ବିଳାସ,
ଫେରିଆସେ ବାର ବାର
ସେହି ମଧୁମାସ।

(ଚିରନ୍ତନ କୁହୁ)

—କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସର୍ବସ୍ୱ ହରାଉଥିବା ଚାଷୀଙ୍କୁ କ୍ଷତିପୂରଣ ଦିଆଯାଉ

ମହାଶୟ,

ଯାଜପୁର ଜିଲାର ଧର୍ମଶାଳା ବ୍ଲକରେ ଚାଷୀଙ୍କ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଚାଷୀମାନେ ଜଳକର ଦେଉଥିଲେ ବି ଖରାଦିନେ ଜମିକୁ ପାଣି ମିଳୁନି। ଫଳରେ ମରୁଡ଼ିରେ ଫସଲ ହରାଉଛନ୍ତି ଚାଷୀକୁଳ। ଏବେ ବର୍ଷାଦିନେ ବି ବର୍ଷାପାଣି ଜମି ଉପରେ ଦୀର୍ଘଦିନ ଧରି ଜମି ରହିବା ସହ ନିଷ୍କାସନ ନ ହେବାରୁ ଜମି ଉପରେ କୃତ୍ରିମ ନଦୀର ପରିସ୍ଥିତି ସୃଷ୍ଟି ହୋଇଛି। ଏଥିପାଇଁ ବର୍ଷାପାଣିରେ ଶହ ଶହ ଏକର ଧାନ ଜମି ଉଜୁଡ଼ି ଯାଇଥିବା ବେଳେ ଚାଷୀକୁଳ ସର୍ବସ୍ୱାନ୍ତ ହୋଇ ମୁଣ୍ଡରେ ହାତ ଦେଇ ବସିଛନ୍ତି। ପଟୁଣିଆରେ ଶତାଧିକ ଚାଷୀଙ୍କ ଶହ ଶହ ଏକର ଧାନଜମିରେ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି। ହାମଜାପୁରଠାରୁ ବୁଦ୍ଧଲିଙ୍ଗ ପର୍ଯ୍ୟନ୍ତ ଘେରିବନ୍ଧ କରାଯାଇ ଶଙ୍ଖ ଦେଇ ପାଣିକୁ ଶଗଡ଼ିଆ ନାଳରେ ଛାଡ଼ିବା ପାଇଁ ଦାବି ହେଉଛି। ଘାସିବରଠାରେ ଥିବା ମତଗୁର ନାଳର ପୋଲ ମୁହଁକୁ ଅଧିକ ଓସାର କରା ନ ଯିବା ଏବଂ କବାଟ ଠିକ୍‌ରେ କାମ ନ କରିବା ଯୋଗୁ ଜେନାପୁରର ବ୍ରହ୍ମପୁର ପାଟରୁ ପାଣି ନିଷ୍କାସନ ହୋଇପାରୁ ନାହିଁ। ବୃନ୍ଦାଦେଇପୁରର ଦଣ୍ଡସେଣାରେ ବଡ଼ନାଳଟି ପୋତି ହୋଇଯିବା ସହ ବେଆଇନ ଅବରୋଧ ହଟା ନ ଯିବାରୁ ଏଠାରେ ମଧ୍ୟ ଶହ ଶହ ଏକର ଚାଷ ଜମି ବୁଡ଼ି ରହି ଫସଲ ନଷ୍ଟ ହେଉଛି। ଏହିସବୁ ସ୍ଥାନରେ ଚାଷୀମାନେ ଜଳକର ଦେଇ ବି ଖରାଦିନେ ମରୁଡ଼ିରେ ଫସଲ ହରାଉଛନ୍ତି। ଚାଷୀ ସ୍ୱାର୍ଥ ପାଇଁ ସର୍ବଦା ଯତ୍ନବାନ ରାଜ୍ୟ ସରକାର ଏହି ସବୁ ସମସ୍ୟା ଦୂରକରିବା ଲାଗି ତ୍ୱରିତ ପଦକ୍ଷେପ ଗ୍ରହଣ କରନ୍ତୁ। ଏହାସହ ଫସଲ କ୍ଷୟକ୍ଷତିର ଆକଳନ କରାଯାଇ ଚାଷୀଙ୍କୁ କ୍ଷତିପୂରଣ ଦିଆଯାଉ। ଏହାସହ ଆଗାମୀ ଫସଲ ପାଇଁ ଆବଶ୍ୟକ ସାର, ବିହନ, ସହାୟତା ରାଶି ସହ ଋଣ ଯୋଗାଇ ଦିଅନ୍ତୁ। ବିଭିନ୍ନ ସ୍ଥାନରେ ଅଚଳ ହୋଇଥିବା ଉଠା ଜଳସେଚନ ପ୍ରକଳ୍ପକୁ ସଚଳ କରାଯାଇ ଖରାଦିନେ ଜମିକୁ ଜଳ ଯୋଗାଇ ଦିଆଯାଉ ଏବଂ ବର୍ଷାଦିନେ ଜଳ ନିଷ୍କାସନ ପାଇଁ ବିଧିବଦ୍ଧ ଯୋଜନା କରାଯାଉ।

ସତୀଶ ବିଶ୍ୱାଳ, ଧର୍ମଶାଳା, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସିରିଏଲ୍ ଡାଏଲଗ୍‌ରେ ରାପ୍

ବେଳେବେଳେ କିଛି କାମ ହଠାତ୍ ଏତେ ଚର୍ଚ୍ଚିତ ହୋଇଯାଏ ଯେ ସମସ୍ତେ ଚକିତ ହୋଇଯାନ୍ତି। ଠିକ୍ ଏମିତି ଏବେ ଚର୍ଚ୍ଚା ହେଉଛି ମ୍ୟୁଜିକ୍ ପ୍ରଡ୍ୟୁସର ୟଶରାଜ ମୁଖାଟେଙ୍କୁ ନେଇ। ଏକ ଲୋକପ୍ରିୟ ହିନ୍ଦୀ ଧାରାବାହିକର ଡାଏଲଗ୍‌କୁ ନେଇ ରାପ୍ ଗୀତ କରି ଲୋକଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛନ୍ତି ସେ। ହିନ୍ଦୀ ଧାରାବାହିକ 'ସାଥ୍ ନିଭାନା ସାଥୀୟା'ର ଏକ ଦୃଶ୍ୟର ସମସ୍ତ ଡାଏଲଗ୍‌କୁ ନେଇ ସେ ଯେଉଁଭଳି ରାପ୍ ଗୀତ କରିଛନ୍ତି, ତାହା ଶୁଣିବା ପାଇଁ ବହୁତ ମଜା ଲାଗୁଛି। ଭିଡିଓଟି ଏବେ ୫ ଲକ୍ଷରୁ ଅଧିକ ଦର୍ଶକଙ୍କ ପସନ୍ଦ ହୋଇ ସାରିଲାଣି ଏବଂ ହଜାର ହଜାର କମେଣ୍ଟ ମିଳିଛି।



# ମଲ୍‌ରେ ସ୍ୱାଗତ କରୁଛି ରୋବୋ

**ଚେନ୍ନାଇ:** କେତେବେଳେ ସେ ସୁନ୍ଦରୀ ଯୁବତୀ ତ କେବେ ପୁଣି ଆଧୁନିକ ସମୟର ସ୍ମାର୍ଟ ବୟ। କେବେ ପୁଣି ସେ ପାରମ୍ପରିକ ବେଶଭୂଷାରେ ସ୍ଥାନୀୟ ଅଞ୍ଚଳର ମହିଳାଙ୍କ ଭଳି ଗ୍ରାହକମାନଙ୍କ ପ୍ରବେଶ ଦ୍ୱାରରେ ସ୍ୱାଗତ କରନ୍ତି, ଆଉ ମାସ୍କ ପିନ୍ଧିଛନ୍ତି କି ନାହିଁ ତାଗିଦ କରିବା ତଥା ସାନିଟାଇଜର ଦେବା ଭଳି ସୁରକ୍ଷା ପ୍ରତି ମଧ୍ୟ କଠୋର ଦୃଷ୍ଟି ରଖିଥାନ୍ତି। ଭିନ୍ନ ଭିନ୍ନ ବେଶରେ ଗ୍ରାହକମାନଙ୍କ ପ୍ରବେଶ ଦ୍ୱାରରେ ଏପରି ଜଗି ରହିଛି ଏକ ରୋବୋ 'ଜାଫିରା'। ତାମିଲନାଡୁର ତିରୁଚିରାପଲୀ ଅଞ୍ଚଳର ଏକ ଗାର୍ମେଣ୍ଟ ଷ୍ଟୋରରେ ଏଭଳି ଏକ ରୋବୋ ଏବେ ଦର୍ଶକମାନଙ୍କୁ ଆକୃଷ୍ଟ କରିପାରିଛି। ଗାର୍ମେଣ୍ଟ ଷ୍ଟୋରର ଠିକ୍ ପ୍ରବେଶ ଦ୍ୱାରରେ ସୁନ୍ଦରଭାବରେ ସଜେଇ ହୋଇ ଛିଡ଼ା ହେଉଛି ଜାଫିରା। ଗ୍ରାହକମାନଙ୍କୁ ଭିତରକୁ ପ୍ରବେଶ କରିବା ପୂର୍ବରୁ ସେ ପ୍ରଥମେ ମାସ୍କ ପିନ୍ଧିଛନ୍ତି କି ନାହିଁ ଯଦି ପିନ୍ଧିଛନ୍ତି ଠିକ୍‌ଭାବରେ ପିନ୍ଧିଛନ୍ତି କି ନାହିଁ ସେଥିପ୍ରତି ନଜର କରି ସାନିଟାଇଜର ଦେଇଥାଏ। କରୋନା ଭାଇରସ୍ ସମୟରେ ମଲ୍ ଖୋଲିବା ପାଇଁ ଅନୁମତି ମିଳିବା ପରେ ଷ୍ଟୋର ପକ୍ଷରୁ ଏହି ରୋବୋକୁ ଅଣାଯାଇଛି। କରୋନା ଭାଇରସ୍ ନେଇ ସତର୍କ ରହିବା ନିମନ୍ତେ ଏହି ରୋବୋମାନଙ୍କୁ ସ୍ୱତନ୍ତ୍ରଭାବରେ ଡିଜାଇନ୍ କରାଯାଇଛି ବୋଲି ଏହାକୁ ତିଆରି କରିଥିବା କମ୍ପାନୀ 'ଜାଫି ରୋବୋସ୍' କହିଛି। ରୋବୋ ଜାଫିରା ଗ୍ରାହକମାନଙ୍କ ସହିତ କଥାବାର୍ତ୍ତା ବି କରିପାରେ। ତେଣୁ ଗ୍ରାହକମାନେ ଭିତରକୁ ଯିବା ପୂର୍ବରୁ ବେଶ୍ ଖୁସି ହୋଇଯାଉଛନ୍ତି। ତାମିଲନାଡୁର ଅଧିକାଂଶ ମଲ୍ ଗୁଡ଼ିକରେ ଏବେ ଏଭଳି ରୋବୋମାନଙ୍କୁ ନିଯୁକ୍ତ କରିବା ପାଇଁ ଚାହୁଁଥିବାରୁ ରୋବୋର ଚାହିଦା ବହୁତ ବଢ଼ିଯାଇଛି। ତେଣୁ ଏବେ ରୋବୋ ତିଆରି କମ୍ପାନୀ 'ଜାଫି ରୋବୋସ୍' ଅଧିକ ରୋବୋ ପ୍ରଡକ୍ସନ୍ କରିବା ଆରମ୍ଭ କରିଛି ବୋଲି କମ୍ପାନୀ କହିଛି।



# ଦୁଇରୁ ତିନି ହେବେ ବିରୁଷ୍କା


ଅନୁଷ୍କା ଶର୍ମା, ବିରାଟ କୋହଲି

ମୁମ୍ବାଇ: ବଲିଉଡ୍ ଷ୍ଟାର ଅନୁଷ୍କା ଶର୍ମା ଏବଂ କ୍ରିକେଟ ଷ୍ଟାର ବିରାଟ କୋହଲିଙ୍କ ଘରକୁ ଖୁବଶୀଘ୍ର ଜଣେ ନୂଆ ଅତିଥି ଆସିବେ। ଏହି ଅତିଥି ହେଉଛନ୍ତି ସେମାନଙ୍କ ପ୍ରଥମ ସନ୍ତାନ। ଅନୁଷ୍କା ଏବେ ଗର୍ଭବତୀ ଅଛନ୍ତି। ଏନେଇ ବିରୁଷ୍କା ସୋସିଆଲ ମିଡିଆ ଆକାଉଣ୍ଟରେ ଏକ ଫଟୋ ପୋଷ୍ଟ କରି ଏହି ଖୁସି ଖବର ସମସ୍ତଙ୍କ ସହ ଶେୟାର କରିଛନ୍ତି। ଜାନୟାରୀରେ ଉଭୟ ସେମାନଙ୍କର ପ୍ରଥମ ସନ୍ତାନକୁ ସ୍ୱାଗତ କରିବେ ବୋଲି କ୍ୟାପ୍‌ଶନରେ ଲେଖିଛନ୍ତି ବିରାଟ। ଏହି ପୋଷ୍ଟ ପରେ ବଲିଉଡ୍‌ଠାରୁ ଆରମ୍ଭ କରି କ୍ରିକେଟ ଜଗତ ପର୍ଯ୍ୟନ୍ତ ସବୁଆଡୁ ଶୁଭେଚ୍ଛାର ସୁଅ ଛୁଟିଛି। ପ୍ରଂଶସକମାନେ ମଧ୍ୟ ସୋସିଆଲ ମିଡିଆରେ ବିରୁଷ୍କାଙ୍କୁ ଢେର ସାରା ଶୁଭେଚ୍ଛା ଜଣାଇଛନ୍ତି। ୨୦୧୭ ମସିହା ଡିସେମ୍ବରରେ ବିରାଟ-ଅନୁଷ୍କା ଇଟାଲିରେ ଧୁମ୍‌ଧାମ୍‌ରେ ଡେଷ୍ଟିନେଶନ ୱେଡିଂ କରିଥିଲେ। ଏହି ବିବାହରେ ଦୁହିଁଙ୍କ ପରିବାର ସହ କିଛି କ୍ଲୋଜ୍ ରିଲେଟିଭ୍‌ସ ଯୋଗ ଦେଇଥିଲେ। ପରେ ସେମାନେ ମୁମ୍ବାଇ ଏବଂ ଦିଲ୍ଲୀରେ ରିସେପ୍ସନ ଭୋଜି ଦେଇଥିଲେ। ତେବେ ବିବାହର ଅନେକ ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଜବରଦସ୍ତ ଭାଇରାଲ ହୋଇଥିଲା। ବ୍ୟସ୍ତବହୁଳ ଜୀବନ ଭିତରେ ପ୍ରଥମ ସନ୍ତାନ ଆସିବାରେ ବିଳମ୍ବ ହୋଇଥିଲେ ହେଁ ଉଭୟ ବେଶ୍ ଖୁସିଥିବା ଜଣାପଡୁଛି। ଉଭୟ ପକ୍ଷର ପରିବାର ଜାନୁୟାରୀକୁ ଅପେକ୍ଷା କରି ରହିଛନ୍ତି।

# କେଶର ଲମ୍ବ ୫ ମିଟରରୁ ଅଧିକ

ନୂଆଦିଲ୍ଲୀ: ଲକ୍‌ଡାଉନ୍ ପାଇଁ ଅନେକଙ୍କର କେଶ ସ୍ୱାଭାବିକଠାରୁ ଅଧିକ ଲମ୍ବା ହୋଇଯାଇଛି। ସଂକ୍ରମଣ ଭୟରେ କେହି ପାର୍ଲର ଯାଇ କେଶ କାଟିବାକୁ ଇଚ୍ଛା କରୁନାହାନ୍ତି। ତେଣୁ କିଛି ଲୋକଙ୍କ କେଶ ବଢ଼ିଯାଇଥିବାରୁ ସେମାନଙ୍କର ଲୁକ୍ ମଧ୍ୟ ବଦଳିଯାଇଛି। ହେଲେ ଏମିତି ଜଣେ ବ୍ୟକ୍ତି ଅଛନ୍ତି, ଯିଏ ପ୍ରାୟ ୮୦ ବର୍ଷ ହେଲାଣି ଆଦୌ କେଶ କାଟି ନାହାନ୍ତି। ଏହି ବ୍ୟକ୍ତିଜଣକ ହେଉଛନ୍ତି ଭିଏତ୍‌ନାମ୍‌ର ଗୁଏନ୍ ଭାନ୍ ଚିଏନ୍। ୯୨ ବର୍ଷର ଏହି ବ୍ୟକ୍ତିଙ୍କର କେଶର ଲମ୍ବ ଏବେ ୫ ମିଟରରୁ ବି ଅଧିକ ହେଲାଣି। ଗୁଏନ୍‌ଙ୍କର ଏତେ ଲମ୍ବା କେଶ ପାଇଁ ସେ ଏବେ ବହୁତ ଖୁସି ଅନୁଭବ କରନ୍ତି। ପ୍ରଥମେ ପିଲାବେଳେ ଭାବୁଥିଲେ କି କେଶ କାଟିଦେବା ଫଳରେ ସେ ହୁଏତ ମରିଯାଇ ପାରନ୍ତି। ତେଣୁ ଭୟରେ କିଛି ବର୍ଷ କେଶ କାଟି ନ ଥିଲେ କି ମୁଣ୍ଡ ବି କୁଣ୍ଡାଇ ନ ଥିଲେ। ତେଣୁ ତାଙ୍କୁ ବହୁତ ଭଲ ଲାଗିଥିଲା। ଆଉ ସେ ଜୀବନରେ କେବେହେଲେ କେଶ କାଟିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। ତେଣୁ କେଶକୁ ବାନ୍ଧି ସେ ସବୁବେଳେ ଏକ ସ୍କାର୍ଫ ଗୁଡ଼ାଇ ରଖୁଥିଲେ। କେଶକୁ କେବେ କାଟୁ ନ ଥିଲେ କି କୁଣ୍ଡାଉ ନ ଥିଲେ ଆଉ ସଫା ମଧ୍ୟ କରୁ ନ ଥିଲେ। ଫଳରେ ତାଙ୍କ କେଶ ଏକ ଜଟା ଭଳି ଲମ୍ବିବାକୁ ଲାଗିଲା। ତା'ପରେ ସେ ଜାଣିବାକୁ ପାଇଲେ କି କେଶରେ ଜଟା ହେବା ଏକ ଭଲ ଲକ୍ଷଣ। କାରଣ ସାଧୁ ଓ ପବିତ୍ର ମହାତ୍ମାମାନଙ୍କର ହିଁ କେଶରେ ଜଟା ହୋଇଥାଏ। ତେଣୁ ତାଙ୍କର କେଶ ଜଟା ହୋଇଯିବା ଦେଖି ସେ ବହୁତ ଖୁସି ହୋଇ ଯାଇଥିଲେ। ଏବେ ଏଭଳି ଏତେ ଲମ୍ବାର ଜଟା କେଶ ପାଇଁ ତାଙ୍କୁ ନେଇ ବିଭିନ୍ନ ଅଞ୍ଚଳରେ ଚର୍ଚ୍ଚା ହେଉଛି।


୮୦ ବର୍ଷ ହେବ କେଶ କାଟି ନାହାନ୍ତି

# ଜଣାପଡ଼ିଲା ହିମଯୁଗ ତାପମାତ୍ରା

**ବୈଜ୍ଞାନିକମାନେ ସାମୁଦ୍ରିକ ଜୀବାଶ୍ମ ଏବଂ ଅନ୍ୟ ଜଳବାୟୁ ମଡେଲ ସହାୟତାରେ ହିମଯୁଗର ତାପମାତ୍ରା ଆକଳନ କରିଛନ୍ତି। ସେତେବେଳର ହାରାହାରି ତାପମାତ୍ରା ଥିଲା ୭.୮ ଡିଗ୍ରୀ, ଯାହା ଆଜିକାର ତାପମାତ୍ରା ତୁଳନାରେ ମାତ୍ର ୭ ଡିଗ୍ରୀ କମ୍। ଏହାଦ୍ୱାରା ପରିବର୍ତ୍ତିତ ପୃଥିବୀର ସ୍ୱଭାବ ବିଷୟରେ ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିପାରିବ ବୋଲି ବୈଜ୍ଞାନିକମାନେ ଆଶା ବାନ୍ଧିଛନ୍ତି।**



ପ୍ରାୟ ୨୦ ହଜାର ବର୍ଷ ତଳେ ପୃଥିବୀ ଦେଖିଥିଲା ଶେଷ ହିମଯୁଗ। ପୃଥିବୀର ପରିବେଶ ଏବଂ ବାତାବରଣ ଉପରେ ପଡ଼ିଥିଲା ଏହାର ଗଭୀର ପ୍ରଭାବ। ଏବେ ଅନ୍ତିମ ହିମଯୁଗ ସମ୍ପର୍କରେ ବୈଜ୍ଞାନିକମାନେ ଗବେଷଣା ଚଳାଇଛନ୍ତି। ଏହି ସମୟରେ ପୃଥିବୀ କେତେ ଥଣ୍ଡା ଥିଲା, ଆଜିକାର ଜଳବାୟୁରେ ଏଭଳି ପରିବର୍ତ୍ତନ ଆଉ ଏକ ହିମଯୁଗର ସଙ୍କେତ ଦେଉଛି କି, ଯଦି ପୁନର୍ବାର ହିମଯୁଗ ଆସେ ତେବେ ମାନବ ସଭ୍ୟତାର ସ୍ଥିତି କ'ଣ ହେବ ସେ ନେଇ ଅଧ୍ୟୟନ ଜାରି ରହିଛି। ଗବେଷଣାଲବ୍ଧ ତଥ୍ୟ ଜଳବାୟୁ ପରିବର୍ତ୍ତନ ସମସ୍ୟା ସମାଧାନରେ ସହାୟକ ହେବ ବୋଲି ବିଶେଷଜ୍ଞମାନେ ଆଶା କରିଛନ୍ତି।

ହିମଯୁଗ ଉପରେ ଗବେଷଣା ଚଳାଇଥିବା ଆମେରିକାର ଆରିଜୋନା ୟୁନିଭରସିଟିର ଏକ ବୈଜ୍ଞାନିକ ଦଳ କହିଛନ୍ତି, ବରଫ ଯୁଗର ହାରାହାରି ତାପମାତ୍ରାକୁ ଲାଷ୍ଟ ଗ୍ଲାସିଏଲ୍ ମ୍ୟାକ୍ସିମମ୍ (ଏଲ୍‌ଜିଏମ୍) କୁହାଯାଏ। ପାଖାପାଖି ୨୩ରୁ ୧୯ ହଜାର ବର୍ଷ ପୂର୍ବେ ପୃଥିବୀର ହାରାହାରି ତାପମାତ୍ରା ୭.୮ ଡିଗ୍ରୀ ଥିଲା। ୨୦୧୯ର ହାରାହାରି ତାପମାତ୍ରାକୁ ବିଚାରକୁ ନେଲେ ଏହା କେବଳ ୭ ଡିଗ୍ରୀ କମ୍। ବୈଜ୍ଞାନିକମାନେ ଏହାକୁ ଜାଣିବାକୁ ମହାସାଗରର ପ୍ଲାଙ୍କଟନ ଜାତୀୟ ଜୀବାଶ୍ମ ସହ ବିଭିନ୍ନ ତାପମାତ୍ରା ମଡେଲ ଆଧାରରେ ଗଣନା କରିଥିଲେ। ଏଥିରୁ ସେମାନେ ଜାଣିବାକୁ ପାଇଛନ୍ତି ଯେ, ହିମଯୁଗରେ ଉତ୍ତର ଆମେରିକା, ଦକ୍ଷିଣ ଆମେରିକା, ୟୁରୋପ, ଏସିଆ ସମେତ ପୃଥିବୀର ପ୍ରମୁଖ ସ୍ଥାନ ବରଫାଚ୍ଛନ୍ନ ହୋଇରହିଥିଲା। ଗ୍ରୀଷ୍ମଦିନେ ମଧ୍ୟ ତାପମାତ୍ରାରେ ସେଭଳି ବଡ଼ଧରଣର ପରିବର୍ତ୍ତନ ହେଉ ନ ଥିଲା। ଫଳରେ ଜମାଟ ବାନ୍ଧିଥିବା ବରଫ ତରଳୁ ନ ଥିଲା। କେତେକ ଅଞ୍ଚଳରେ ଆଜିର ମେରୁ ଅଞ୍ଚଳ ଭଳି ପ୍ରବଳ ଥଣ୍ଡା ଅନୁଭୂତ ହେଉଥିଲା। ବେଳେବେଳେ ମେରୁ ଅଞ୍ଚଳର ପାରଦ ସାଧାରଣ ତାପମାତ୍ରାଠାରୁ ୧୪ ଡିଗ୍ରୀ ପର୍ଯ୍ୟନ୍ତ ତଳକୁ ଖସି ଆସୁଥିଲା।

ଆରିଜୋନା ୟୁନିଭରସିଟିର ଜିଓସାଇନ୍ସ ବିଭାଗର ଆସୋସିଏଟ୍ ପ୍ରଫେସର ଜେସିକା ଟିର୍‌ନୀ କହିଛନ୍ତି, ଗବେଷଣାରୁ ଅଭୁତପୂର୍ବ ସଫଳତା ମିଳିଛି। ହିମଯୁଗ କେତେ ଥଣ୍ଡା ଥିଲା, ତାହାକୁ ଜାଣିବାକୁ ଦୀର୍ଘଦିନରୁ ଅଧ୍ୟୟନ ଜାରି ରହିଥିଲା। ଗଣନାରୁ ଅନେକ ତଥ୍ୟ ହସ୍ତଗତ ହୋଇଛି। ଅସହ୍ୟ ଗରମ, ପ୍ରବଳ ଥଣ୍ଡା ଭଳି ପ୍ରତିକୂଳ ପରିବେଶକୁ ମାତ୍ ଦେଇ ପୃଥିବୀ ଆଗକୁ ବଢ଼ିଛି। ଜୀବମଣ୍ଡଳର ବିକାଶ ହୋଇଛି। ଅନେକ ପ୍ରାଣୀ ବିଲୁପ୍ତ ବି ହୋଇଛନ୍ତି। ଏବେ ପୃଥିବୀ ଉପରେ ଜଳବାୟୁ ପରିବର୍ତ୍ତନ ସବୁଠାରୁ ବଡ଼ ସଙ୍କଟ ଭାବେ ଉଭା ହୋଇଛି। ଗବେଷଣାଲବ୍ଧ ତଥ୍ୟରୁ ସମସ୍ୟା ସମାଧାନ ଲାଗି ଆଶାର କିରଣ ମିଳିଛି ବୋଲି ସେ କହିଛନ୍ତି।

ପ୍ରାୟ ୨.୬ ମିଲିୟନ ବର୍ଷ ପୂର୍ବେ ପୃଥିବୀରେ ବରଫ ଯୁଗ ଆରମ୍ଭ ହୋଇଥିଲା। ୧୧, ୭୦୦ ବର୍ଷ ପୂର୍ବ ଯାଏ ଏହାର ପ୍ରଭାବ ଅନୁଭୂତ ହୋଇଥିଲା। ଏହି ଦୀର୍ଘ ସମୟ ମଧ୍ୟରେ ବଡ଼ ସ୍ତନ୍ୟପାୟୀ ପ୍ରାଣୀ ନିଜକୁ ବଦଳାଇବାରେ ସମର୍ଥ ହୋଇଥିଲେ, ଯେଉଁଥିରେ ମାମ୍ମଥ, ଗଣ୍ଡା, ମୁନିଆ ଦାନ୍ତଯୁକ୍ତ ବିରାଡ଼ି ପ୍ରଜାତିର ପ୍ରାଣୀ ସାମିଲ ଥିଲେ। ବରଫ ଯୁଗ ଚାଲିଥିବା ବେଳେ ମଣିଷ ସାଇବେରିଆରୁ ଆଲାସ୍କା ଦେଇ ଉତ୍ତର ଆମେରିକାରେ ପ୍ରବେଶ କରିଥିଲା। ଏବେ ଜେସିକାଙ୍କ ଟିମ୍ ପୃଥିବୀରେ ଅନୁଭୂତ ହୋଇଥିବା ସବୁଠାରୁ ଗରମ ଯୁଗ ବିଷୟରେ ଗବେଷଣା ଚଳାଇଛନ୍ତି। ଏଥିରୁ କାର୍ବନ ଡାଇଅକ୍ସାଇଡ୍ ମାତ୍ରା ବଢ଼ିଲେ ପୃଥିବୀ କିଭଳି ପ୍ରତିକ୍ରିୟା ଦେଖାଏ, ସେ ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିବ ବୋଲି ଜେସିକାଙ୍କ ଟିମ୍ ସଦସ୍ୟ ଆଶାବାଦୀ ଅଛନ୍ତି।

# ପ୍ରଶଂସକଙ୍କୁ ଝଟକା: ବିଗ୍‌ବସ୍-୧୪ ସ୍ଥଗିତ

ମୁମ୍ବାଇ: ଲୋକପ୍ରିୟ ରିୟଲିଟି ଶୋ' ବିଗ୍‌ବସ୍‌ର ପ୍ରଶଂସକଙ୍କୁ ବଡ଼ ଝଟ୍‌କା ଲାଗିଛି। ଚଳିତବର୍ଷ ଶେଷ ସୁଦ୍ଧା ବିଗ୍‌ବସ୍ ସିଜିନ ୧୪ ଦର୍ଶକଙ୍କୁ ମନୋରଞ୍ଜନ କରିବାକୁ ଆସିବ ବୋଲି ଅନୁମାନ କରାଯାଉଥିଲା। ନିକଟରେ ଲଗାତର ଭାବେ ଏହି ଶୋ'ର ଟିଜର ଓ ପ୍ରୋମୋ ମଧ୍ୟ ପ୍ରସାରିତ ହୋଇଥିଲା। କିନ୍ତୁ ବର୍ତ୍ତମାନ ଖବର ଆସିଛି ଯେ, ଏହି ଶୋ'ର ପ୍ରସାରଣକୁ ଏବେ ସ୍ଥଗିତ ରଖାଯାଇଛି। ପୂର୍ବରୁ ଚଳିତବର୍ଷ ସେପ୍ଟେମ୍ବର ଶେଷ ସୁଦ୍ଧା ବିଗ୍‌ବସ୍ ଆରମ୍ଭ ହେବ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ଏବେ ଏହାର ପ୍ରସାରଣକୁ ଅକ୍ଟୋବରକୁ ଘୁଞ୍ଚାଇ ଦିଆଯାଇଛି। କାରଣ ଗତ ସପ୍ତାହରୁ ମୁମ୍ବାଇରେ ଲଗାତର ଭାବେ ପ୍ରବଳ ବର୍ଷା ଜାରି ରହିଛି। ଏଥିଯୋଗୁ ଶୁଟିଂ ସେଟ୍‌ରେ ମରାମତି କାର୍ଯ୍ୟ ନଷ୍ଟ ହୋଇଥିବା ବେଳେ ବର୍ଷା ଯୋଗୁ ଏହାର ପୁନଃ ମରାମତି କାର୍ଯ୍ୟ ବିଳମ୍ବ ହେଉଛି। ଫଳରେ ଏହି ଶୋ'କୁ ବିଳମ୍ବରେ ପ୍ରସାରଣ କରିବାକୁ ଚ୍ୟାନେଲ ଓ ପ୍ରଯୋଜକ ନିଷ୍ପତ୍ତି ନେଇଥିବା ସୂଚନା ରହିଛି।

# ଭିକ୍ଷୁକଙ୍କୁ ମିଳିବ ନିଯୁକ୍ତି



ଜୟପୁର: ରାଜସ୍ଥାନର ଜୟପୁର ସହରକୁ ଭିକ୍ଷୁକମୁକ୍ତ କରିବା ପାଇଁ ଜୟପୁର ପୋଲିସ ପକ୍ଷରୁ ଚାଲିଛି ଭିକ୍ଷୁକ ଚିହ୍ନଟ ଅଭିଯାନ। ଏ ନେଇ ସର୍ଭେ ଚାଲିଥିବାବେଳେ ସହରର ବିଭିନ୍ନ ସ୍ଥାନରେ ଭିକ୍ଷାବୃତ୍ତି କରୁଥିବା ଭିକ୍ଷୁକଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ଏହି ସର୍ଭେରୁ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି। ଚିହ୍ନଟ ହୋଇଥିବା ୧୧୬୨ ଭିକ୍ଷୁକଙ୍କ ମଧ୍ୟରେ ୨ଜଣ ସ୍ନାତକୋତ୍ତର ଡିଗ୍ରୀଧାରୀ, ୩ଜଣ ସ୍ନାତକ, ୧୯୩ଜଣ ଦ୍ୱାଦଶ ପାସ୍ ଏବଂ ୩୯ଜଣ ଶିକ୍ଷିତ ବ୍ୟକ୍ତି ରହିଥିବା ଜଣାପଡ଼ିଛି। ସେହିପରି ୮୨୫ଜଣ ଅଶିକ୍ଷିତ ବ୍ୟକ୍ତି ରହିଛନ୍ତି। ୫ ଡିଗ୍ରୀଧାରୀଙ୍କ ମଧ୍ୟରୁ ୨ଜଣ ଏମ୍‌ଏ ଏବଂ ଏମ୍.କମ୍ ଡିଗ୍ରୀ ହାସଲ କରିଥିବାବେଳେ ଅନ୍ୟ ୩ଜଣ କଳାରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରୁ ୨ ଜଣଙ୍କ ବୟସ ୩୨ ଏବଂ ୩୩ ରହିଥିବାବେଳେ ଅନ୍ୟ ୨ଜଣଙ୍କ ବୟସ ୫୦ ଏବଂ ୫୫ ରହିଛି। ସେହିପରି ଜଣେ ୬୫ ବର୍ଷୀୟ ପୁରୁଷ ରହିଛନ୍ତି। ଏହି ୫ ଡିଗ୍ରୀଧାରୀଙ୍କ କହିବା ହେଲା ସେମାନେ ହୋଟେଲ, ନିର୍ମାଣ ସଂସ୍ଥା ଏବଂ ଅନ୍ୟ ସ୍ଥାନରେ କାମ କରିବାକୁ ଇଚ୍ଛୁକ ଥିଲେ। କିନ୍ତୁ ପରିସ୍ଥିତି ଭିକ୍ଷାବୃତ୍ତି ପାଇଁ ବାଧ୍ୟ କରିଛି। ୨୫ ସ୍ନାତକ ଡିଗ୍ରୀ ହାସଲ କରିଥିବା ଝୁନ୍‌ଝୁନ୍‌ର ଜଣେ ଭିକ୍ଷୁକ କହିଛନ୍ତି, ଜୟପୁରକୁ ଚାକିରି ସନ୍ଧାନରେ ଆସିଥିଲେ। ହେଲେ ମିଳି ନ ଥିଲା। ପରିବାରରେ ଆଉ କେହି ନ ଥିବାରୁ ଖାଇବା ଏବଂ ରହିବା ପାଇଁ ଛାତ ମଧ୍ୟ ନ ଥିଲା। ଫଳରେ ଭିକ୍ଷାବୃତ୍ତି ପାଇଁ ବାଧ୍ୟ ହୋଇଥିଲେ। ଯେକୌଣସି କାମ କରିବା ପାଇଁ ସେ ପ୍ରସ୍ତୁତ ଅଛନ୍ତି। ଯଦି ରୋଜଗାରର ସୁଯୋଗ ମିଳେ, ତେବେ ପ୍ରଶାସନ ନିକଟରେ କୃତଜ୍ଞ ରହିବେ। ଉଲ୍ଲେଖଯୋଗ୍ୟ, ୪୧୯ ଭିକ୍ଷୁକ ଭିକ୍ଷାବୃତ୍ତି କରିବାକୁ ଚାହୁଁ ନ ଥିବାବେଳେ କାମ ମିଳୁ ନ ଥିବାରୁ ଏଥିପାଇଁ ବାଧ୍ୟ ହେଉଥିବା ପ୍ରକାଶ କରିଛନ୍ତି। ସେହିପରି ଅନ୍ୟ ୨୭ଜଣ ପାଠ ପଢ଼ିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ସର୍ଭେ ଅନୁଯାୟୀ, ଏମାନଙ୍କ ମଧ୍ୟରୁ ୮୦୯ ଜଣ ରାଜସ୍ଥାନର ହୋଇଥିବାବେଳେ ଅନ୍ୟମାନେ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରୁ ୮୯୮ଜଣ ସୁସ୍ଥ ରହିଥିବାବେଳେ ୧୫୦ଜଣ ଦିବ୍ୟାଙ୍ଗ ଏବଂ ଅନ୍ୟମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ଥିବା ଜଣାପଡ଼ିଛି। ଏମାନଙ୍କୁ ଯୋଗ୍ୟତା ଏବଂ ଦକ୍ଷତା ଅନୁଯାୟୀ କାମ ଯୋଗାଇବାକୁ ପ୍ରଚେଷ୍ଟା କରାଯିବ ବୋଲି ଏହି ପ୍ରକଳ୍ପ ଦାୟିତ୍ୱରେ ଥିବା ଏସିପି ନରେନ୍ଦ୍ର ଡାହିମା ସୂଚନା ଦେଇଛନ୍ତି।

**୫ ଡିଗ୍ରୀଧାରୀ, ୧୯୩ ଦ୍ୱାଦଶ ପାସ୍**

ମନେ ପଡ଼ନ୍ତି
ଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ବୀଣାପାଣି ପତି
ସ୍ୱାମୀ- ନଗେନ୍ଦ୍ରନାଥ ପତି
ସମେଇଗଡିଆ
ଆବିର୍ଭାବ-୧୫.୦୬.୧୯୫୮
ତିରୋଧାନ-୧୯.୦୮.୨୦୨୦
ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ। ଏତିକି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ- ବନ୍ଧୁ ଓ ପରିବାର ବର୍ଗ।
ଧ-୬୯୭୩୨

# କନିଷ୍ଠରୁ ଶ୍ରେଷ୍ଠ


**ମା' ବାପାଙ୍କର ୫ ସନ୍ତାନ ମଧ୍ୟରୁ ସେ ହେଉଛନ୍ତି ସର୍ବକନିଷ୍ଠ। ଦିବ୍ୟାଙ୍ଗ ହୋଇଥିଲେ ହେଁ ଦୃଢ଼ ମନୋବଳ ଏବଂ କୋଚ୍ ବିଷ୍ଣୁ ପ୍ରସାଦ ମିଶ୍ରଙ୍କ ମହାମନ୍ତ୍ର ତାଙ୍କୁ ସଫଳତାର ଶିଡ଼ି ଚଢ଼ାଇଛି। ଉପରକୁ ଉଠିବାର ଆକାଂକ୍ଷା ଏବଂ ପ୍ରତିଶ୍ରୁତିବଦ୍ଧତା ଯୋଗୁ ରାଜ୍ୟର ଶ୍ରେଷ୍ଠ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇବାକୁ ଯାଉଥିବା ପ୍ରତିଭାସମ୍ପନ୍ନ ପାରା ଆଥଲେଟ୍ ହେଉଛନ୍ତି ଜୟନ୍ତୀ ବେହେରା...**

ସେ ହେଉଛନ୍ତି ଦିବ୍ୟାଙ୍ଗ ଆଥଲେଟ୍। ମାତ୍ର ତାହା ମନକୁ କେବେହେଲେ ଆଣି ନାହାନ୍ତି। କୋଚ୍ ବିଷ୍ଣୁ ପ୍ରସାଦ ମିଶ୍ରଙ୍କ ମହାମନ୍ତ୍ର ଏବଂ ଖେଳିବାର ନିଶା ତାଙ୍କୁ ଆଗକୁ ବଢ଼ିବାକୁ ବାଟ ଦେଖାଇଛି। ପରାଜୟକୁ ସେ କେବେହେଲେ ପସନ୍ଦ କରିନାହାନ୍ତି। ଦୃଢ଼ ମନୋବଳ, ଉପରକୁ ଉଠିବାର ଉଚ୍ଚାକାଂକ୍ଷା, ନିଷ୍ଠା ଏବଂ ପ୍ରତିଶ୍ରୁତିବଦ୍ଧତା ତାଙ୍କୁ ଜଣେ ପ୍ରତିଷ୍ଠିତ ଆଥ୍‌ଲେଟରେ ପରିଣତ କରିଛି। ୨୦୧୯ ବର୍ଷ ପାଇଁ ଶ୍ରେଷ୍ଠ କ୍ରୀଡ଼ାବିତ୍‌ଭାବେ ରାଜ୍ୟର ସର୍ବୋଚ୍ଚ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇବାକୁ ଯାଉଥିବା ଏହି ପାରା ଆଥଲେଟ୍ ଜଣକ ହେଲେ ଜୟନ୍ତୀ ବେହେରା।

ମା' ଆଶାମଣୀ ଓ ବାପା କୁଞ୍ଜ ବେହେରାଙ୍କ ୫ ସନ୍ତାନ ମଧ୍ୟରୁ ସର୍ବ କନିଷ୍ଠ କନ୍ୟା ହେଉଛନ୍ତି ଜୟନ୍ତି। ତାଙ୍କ ବାପା ଜଣେ ଦିନ ମଜୁରିଆ ଏବଂ ମା' ଗୃହିଣୀ। ଏକ ଦରିଦ୍ର ପରିବାରରୁ ଆସିଥିଲେ ହେଁ ସେ କେବେହେଲେ ଭାଙ୍ଗିପଡ଼ି ନାହାନ୍ତି। ସବୁଠାରୁ ବଡ଼ କଥା ହେଲା ସେ କେବେହେଲେ ନିଜକୁ ଭିନ୍ନକ୍ଷମ ମଣିନାହାନ୍ତି। 'ମୁଁ ନିଶ୍ଚିତ ପାରିବି' ଏହି ଶବ୍ଦ କେତୋଟି ତାଙ୍କୁ ଆଜି ରାଜ୍ୟର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାରର ହକ୍‌ଦାର କରିଛି। ଠିକ୍ ସମୟରେ ଗୁରୁ ବିଷ୍ଣୁ ପ୍ରସାଦଙ୍କ ନଜରକୁ ଆସିବା ତାଙ୍କ ପାଇଁ ଭଗବାନଙ୍କ ବରଦାନ ସଦୃଶ ହୋଇଛି। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସାଧାରଣ ବର୍ଗରେ ଆଥଲେଟ୍‌ଙ୍କୁ ଚକ୍‌ମା ଦେଖାଇ ପଦକ ପରେ ପଦକ ଜିତିଥିବା ଜୟନ୍ତୀ ଏବେ ୪୦୦ ମିଟର ରେସ୍‌ରେ ଜୁନିୟର ବିଶ୍ୱ ଚାମ୍ପିୟନ। କେବଳ ସେତିକି ନୁହେଁ ଟୋକିଓ ଅଲିମ୍ପିକ୍ସ/ପାରା ଅଲିମ୍ପିକ୍ସ ଯୋଗ୍ୟତା ହାସଲ ପାଇଁ ନାମୀଦାମୀ ଆଥଲେଟ୍‌ମାନେ ସଂଘର୍ଷ କରୁଥିବାବେଳେ ରାଜ୍ୟର ପ୍ରଥମ ଖେଳାଳିଭାବେ ସେ କ୍ୱାଲିଫାଏ କରି ନିଜ ଦକ୍ଷତାର ପ୍ରମାଣ ଦେଇଛନ୍ତି। ୨୦୨୧ ଟୋକିଓ ପାରା ଅଲିମ୍ପିକ୍ସର ଟି୪୭ କାଟେଗୋରି ୪୦୦ ମିଟର ଇଭେଣ୍ଟରେ ଭାଗନେବେ ଜୟନ୍ତୀ। ଏହା ଓଡ଼ିଶା କ୍ରୀଡ଼ାପ୍ରେମୀଙ୍କ ପାଇଁ ଏକ ଖୁସି ଖବର ନିଶ୍ଚିତ।

ମାତ୍ର ବର୍ଷକର ବୟସର ହୋଇଥିବା ବେଳେ ଏକ ଭୟଙ୍କର ଦୁର୍ଘଟଣାର ଶିକାର ହୋଇଥିଲେ ଜୟନ୍ତୀ। ସେ କାଠ ଜଳୁଥିବା ଏକ ଚୁଲିରେ ବାମପଟଦେଇ ପଡ଼ି ଯାଇଥିଲେ। ଫଳରେ ତାଙ୍କ ବାମହାତ ଏବଂ ଅଣ୍ଟା ପୋଡ଼ି ଯାଇଥିଲା। ଗୁରୁତର ଭାବେ ପୋଡ଼ି ଯାଇଥିବାରୁ ତାଙ୍କ ବାମ ହାତର କାଣି ଅଙ୍ଗୁଳିକୁ କାଟିବାକୁ ପଡ଼ିଥିଲା। ବାମ କଟଟି ସବୁଦିନ ପାଇଁ ବଙ୍କା ହୋଇ ଯାଇଥିଲା। ଅନ୍ୟ କୌଣସି ପିଲା ହୋଇ ଥିଲେ ହୁଏତ ଆଜି ସ୍ଥିତି ଭିନ୍ନ ଥାଆନ୍ତା, ମାତ୍ର ଜୟନ୍ତୀଙ୍କ କ୍ଷେତ୍ରରେ ସମ୍ଭବତଃ ବିଧି ନିର୍ଦ୍ଦେଶ ଅଲଗା ଥିଲା। ସେ ଗାଁ ସ୍କୁଲରେ ପାଠ ପଢ଼ିବାବେଳେ ଅନ୍ୟ ପିଲାମାନଙ୍କ ଦୌଡ଼ ଦେଖି ନିଜେ ଦୌଡ଼ିବାକୁ ଇଚ୍ଛା କଲେ। ଏଥିରେ ଭଲ ମଧ୍ୟ କଲେ। ୬ଷ୍ଠ ଶ୍ରେଣୀରେ ପଢୁଥିବାବେଳେ ଏକ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଉଥିବାବେଳେ କୋଚ୍ ବିଷ୍ଣୁ ମିଶ୍ରଙ୍କ ନଜରକୁ ଆସିଲେ। ଦୂରଦ୍ରଷ୍ଟା ବିଷ୍ଣୁ ଦିବ୍ୟାଙ୍ଗ ଜୟନ୍ତୀଙ୍କ ମଧ୍ୟରେ ଜଣେ ଟାଣୁଆ ଆଥଲେଟ୍‌କୁ ଦେଖିପାରିଥିଲେ। ସେହି ଦିନଠାରୁ ସେ ଜୟନ୍ତୀଙ୍କୁ ସାକ୍ଷୀଗୋପାଳସ୍ଥିତ ଗୁରୁକୁଳ ଆଥ୍‌ଲେଟିକ୍ ଟ୍ରେନିଂ ସେଣ୍ଟରରେ କୋଚିଂ ଦେଲେ। ଏହାପରେ ଆଉ ପଛକୁ ଫେରି ଚାହିଁ ନାହାନ୍ତି ଜୟନ୍ତୀ। ରାଜ୍ୟ ପରେ ଜାତୀୟ ଏବଂ ପରେ ଅନ୍ତର୍ଜାତୀୟ ସ୍ତରରେ ପଦକମାନ ହାସଲ କରି ସେ ଏବେ ପାରା ଅଲିମ୍ପିକ୍ସ ପାଇଁ ଯୋଗ୍ୟ ବିବେଚିତ ହୋଇପାରିଛନ୍ତି।

**ପ୍ରସ୍ତୁତି: ତପନ ସ୍ୱାଇଁ**


କୋଚ ବିଷ୍ଣୁପ୍ରସାଦ ମିଶ୍ରଙ୍କ ସହ ଜୟନ୍ତୀ



## ସଂକ୍ଷେପରେ...

**ନାମ:** ଜୟନ୍ତୀ ବେହେରା
**ଜନ୍ମ:** ୧୯୯୯ ଜୁନ ୧୧
**ମା':** ଆଶାମଣୀ ବେହେରା
**ବାପା:** କୁଞ୍ଜ ବେହେରା
**ବାସସ୍ଥାନ:** ମାଣିତ୍ରି ସାହି ସାକ୍ଷୀଗୋପାଳ, ପୁରୀ
**କାଟେଗୋରି:** ଟି୪୭(ପାରା ଆଥଲେଟ୍)
**ଶିକ୍ଷାଗତ ଯୋଗ୍ୟତା:** +୨ କଳା
**କୋଚ୍:** ବିଷ୍ଣୁ ପ୍ରସାଦ ମିଶ୍ର
**ପଦକ:** ଜାତୀୟ-୧୨ ସ୍ୱର୍ଣ୍ଣ
**ଅନ୍ତର୍ଜାତୀୟ:** ୪ ସ୍ୱର୍ଣ୍ଣ, ୪ ରୌପ୍ୟ, ୧ ବ୍ରୋଞ୍ଜ

## ସଫଳତା

### ଅନ୍ତର୍ଜାତୀୟ

* ୨୦୧୮ ଏସିଆନ ପାରା ଗେମ୍ସ, ଜାକର୍ତ୍ତା: ୪୦୦ ମିଟର ରେସ୍‌ରେ ରୌପ୍ୟ, ୨୦୦ ମିଟରରେ ବ୍ରୋଞ୍ଜ
* ୨୦୧୭ ଚାଇନା ଓପନ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍, ବେଜିଂ: ୪୦୦ ମିଟରରେ ସ୍ୱର୍ଣ୍ଣ, ୨୦୦ ମିଟରରେ ରୌପ୍ୟ
* ୨୦୧୯ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍, ଦୁବାଇ: ୬ଷ୍ଠ ସ୍ଥାନ
* ୨୦୧୭ ଜୁନିୟର ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍, ନର୍ଟୱିଲ, ସୁଇଜରଲାଣ୍ଡ: ୪୦୦ ମିଟରରେ ସ୍ୱର୍ଣ୍ଣ, ୨୦୦ ମିଟରରେ ରୌପ୍ୟ
* ୨୦୧୭ ୟୁଥ୍ ଏସିଆନ ପାରା ଗେମ୍ସ, ଦୁବାଇ: ୨୦୦ ମିଟରରେ ସ୍ୱର୍ଣ୍ଣ, ୪୦୦ ମିଟରରେ ସ୍ୱର୍ଣ୍ଣ, ୧୦୦ ମିଟରରେ ରୌପ୍ୟ

### ଜାତୀୟ

* ୨୦୧୮ ଜାତୀୟ ସିନିୟର ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍, ପଞ୍ଚକୁଲା, ହରିୟାଣା: ୧୦୦, ୨୦୦ ଓ ୪୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ
* ୨୦୧୭ ଜାତୀୟ ସିନିୟର ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍, ଜୟପୁର, ରାଜସ୍ଥାନ: ୧୦୦, ୨୦୦ ଓ ୪୦୦ ମିଟରରେ ସ୍ୱର୍ଣ୍ଣ
* ୨୦୧୮ ଜାତୀୟ ସିନିୟର ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍, ପଞ୍ଚକୁଲା, ହରିୟାଣା: ୧୦୦, ୨୦୦ ଓ ୪୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ
* ୨୦୧୬ ଜାତୀୟ ସ୍କୁଲ ଆଥଲେଟିକ୍ସ ଚାମ୍ପିୟନଶିପ୍ (ଜେନେରାଲ କାଟେଗୋରି) ରେ ଅଂଶଗ୍ରହଣ, ପୁଣେ, ମହାରାଷ୍ଟ୍ର
* ୨୦୧୮ ଜୁନିୟର ଫେଡେରେଶନ ଆଥଲେଟିକ୍ସ ଚାମ୍ପିୟନଶିପ୍ (ଜେନେରାଲ କାଟେଗୋରି)ରେ ଅଂଶଗ୍ରହଣ।

### ରାଜ୍ୟ ଓ ଅନ୍ୟାନ୍ୟ

* ଇଷ୍ଟଜୋନ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍, ଗୁଆହାଟୀ (ଜେନେରାଲ କାଟେଗୋରି): ୮୦୦ ମିଟରରେ ରୌପ୍ୟ, ୧୫୦୦ ମିଟରରେ ବ୍ରୋଞ୍ଜ
* ୨୦୧୩ ରାଜ୍ୟ ଆଥଲେଟିକ୍ ମିଟ୍(ଜେନେରାଲ କାଟେଗୋରି): ୮୦୦ ମିଟରରେ ସ୍ୱର୍ଣ୍ଣ
* ୨୦୧୪ ରାଜ୍ୟ ଆଥଲେଟିକ୍ ମିଟ୍(ଜେନେରାଲ କାଟେଗୋରି): ୧୫୦୦ ମିଟରରେ ସ୍ୱର୍ଣ୍ଣ
* ୨୦୧୫ ରାଜ୍ୟ ଆଥଲେଟିକ୍ ମିଟ୍(ଜେନେରାଲ କାଟେଗୋରି): ୮୦୦ ଓ ୧୫୦୦ ମିଟରରେ ସ୍ୱର୍ଣ୍ଣ
* ୨୦୧୭ ରାଜ୍ୟ ଆଥଲେଟିକ୍ ମିଟ୍(ଜେନେରାଲ କାଟେଗୋରି): ୮୦୦ ମିଟରରେ ସ୍ୱର୍ଣ୍ଣ

## ପାରା ଅଲିମ୍ପିକ୍ସ ପଦକ ପରବର୍ତ୍ତୀ ଲକ୍ଷ୍ୟ

ରାଜ୍ୟ ପରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସଫଳତା ସାଉଁଟିବାପରେ ଜୟନ୍ତୀଙ୍କ ପରବର୍ତ୍ତୀ ଲକ୍ଷ୍ୟ ଟୋକିଓ ପାରା ଅଲିମ୍ପିକ୍ସରେ ପଦକ ହାସଲ। ଏଥିପାଇଁ କଠିନ ପରିଶ୍ରମ ଜାରି ରଖିଛନ୍ତି ଏବଂ ରାଜ୍ୟବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି। ରାଜ୍ୟର ଶ୍ରେଷ୍ଠ ଆଥଲେଟ୍‌ଭାବେ ବିଜୁ ପଟ୍ଟନାୟକ ପୁରସ୍କାର ପାଇବାକୁ ଯାଉଥିବାରୁ ଏହି ଦୃଢ଼ମନା ଆଥଲେଟ୍ ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି। "ମୁଁ ବହୁତ ଖୁସି। କୋଚ୍‌ଙ୍କ ନିକଟରୁ ମୁଁ ପ୍ରଥମେ ଏହି ଖବର ଶୁଣିଲି। ମୁଁ ଆଜି ଯେଉଁଠି ପହଞ୍ଚିଛି ତାହାର ଶ୍ରେୟ ମା' ବାପା ଏବଂ କୋଚ୍‌ଙ୍କୁ ଦେବାକୁ ଚାହିଁବି" ବୋଲି ଜୟନ୍ତୀ ପ୍ରକାଶ କରିଛନ୍ତି। କୋଚ୍ ବିଷ୍ଣୁପ୍ରସାଦ ମଧ୍ୟ ଜୟନ୍ତୀଙ୍କୁ ନେଇ ଅନେକ ସ୍ୱପ୍ନ ଦେଖୁଛନ୍ତି। ଏବେ କରୋନା ସଂକ୍ରମଣର ଭୟ ଯୋଗୁ ବାହାରକୁ ନ ଯାଇ ସାକ୍ଷୀଗୋପାଳରେ ଥିବା ତାଙ୍କ ଟ୍ରେନିଂ ଅନୁଷ୍ଠାନ ପରିସରରେ ଜୟନ୍ତୀଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଟି୪୭ ଗ୍ରୁପର ୪୦୦ ମିଟର ପାଇଁ ନିଜ ପ୍ରିୟ ଛାତ୍ରୀଙ୍କୁ ପ୍ରସ୍ତୁତ କରୁଛନ୍ତି। ପାରା ଅଲିମ୍ପିକ୍ସ ଯୋଗ୍ୟତା ପାଇଁ ବିଭିନ୍ନ କ୍ରାଇଟେରିଆ ଅଛି। ୨୦୧୮ରୁ ୨୦୨୦ ପର୍ଯ୍ୟନ୍ତ ଶ୍ରେଷ୍ଠ ପ୍ରଦର୍ଶନ, ହାଇପରଫର୍ମାନ୍ସ ଭିତ୍ତିରେ ଏବଂ ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରଥମ ୪ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ପାରା ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବା ନିୟମ ରହିଛି। ହାଇପରଫର୍ମାନ୍ସ ଭିତ୍ତିରେ ଜୟନ୍ତୀ ପାରା ଅଲିମ୍ପିକ୍ସ ଟିକେଟ ପାଇଛନ୍ତି। ବିଶ୍ୱରେ ହାଇପରଫର୍ମାନ୍ସ ଦେଉଥିବା ୧୧ ଆଥ୍‌ଲେଟଙ୍କ ମଧ୍ୟରେ ସେ ସ୍ଥାନ ପାଇଛନ୍ତି ବୋଲି ବିଷ୍ଣୁ ସ୍ପଷ୍ଟ କରିଛନ୍ତି। ଜୟନ୍ତୀଙ୍କ ପାଇଁ ବାହାରକୁ ଯାଇ ଟ୍ରେନିଂ କରିବାକୁ ଭାରତ ସରକାରଙ୍କ ପକ୍ଷରୁ ଅନୁମତି ମିଳିଥିଲା। ବର୍ଷେ ପୂର୍ବରୁ ଜାପାନର ଟୋକିଓ ଯାଇ ଅଭ୍ୟାସର ସୁଯୋଗ ଥିଲା। ମାତ୍ର ଭିନ୍ନ ପରିବେଶ, ଖାଦ୍ୟପେୟ ଏବଂ ଜଳବାୟୁକୁ ଦୃଷ୍ଟିରେ ରଖି ଆମେ ଘରୋଇ ପରିବେଶରେ ଟ୍ରେନିଂ କରିବାକୁ ନିଷ୍ପତ୍ତି ନେଲୁ। ଆମେ ଏବେ ୩ ପ୍ରକାର ଟ୍ରେନିଂ କରୁଛୁ। କଳିଙ୍ଗ ଷ୍ଟାଡିୟମର ସିନ୍ଥେଟିକ୍ ଟ୍ରାକ୍, ପୁରୀ ସମୁଦ୍ରକୂଳ ବାଲି ଓ ପାଣିରେ ସ୍ୟାଣ୍ଡ ଓ ୱାଟର ରନିଂ ଏବଂ ୩-୪ଟି ସ୍ଥାନରେ ହିଲ୍ ରନିଂ କରୁଛୁ। ଏଥିପାଇଁ ଆମେ କପିଳାସ (ସମୁଦ୍ର ପତ୍ତନଠାରୁ ୧୬୦୦ ଫୁଟ ଉଚ୍ଚତାରେ ଅବସ୍ଥିତ), ବିଶାଖାପାଟଣାରୁ ୧୫୦ କିଲୋମିଟର ଦୂର ଅର୍କୋଭାଲି (ସମୁଦ୍ର ପତ୍ତନଠାରୁ ୫୦୦୦ ଫୁଟ ଉଚ୍ଚ), ରଣପୁରର ମଣିନାଗେଶ୍ୱର (ସମୁଦ୍ର ପତ୍ତନଠାରୁ ୧୨୦୦ ଫୁଟ ଉଚ୍ଚ) ପର୍ବତକୁ ବ୍ୟବହାର କରୁଛୁ। ଘରୋଇ ପରିବେଶରେ ଟ୍ରେନିଂ ନେଇ ମଧ୍ୟ ସେ ସଫଳ ହୋଇପାରିବ ବୋଲି ଆମର ଆଶା ଓ ବିଶ୍ୱାସ ରହିଛି ବୋଲି ବିଷ୍ଣୁ ପ୍ରକାଶ କରିଛନ୍ତି।

## ଓସିଏ ପକ୍ଷରୁ କୋଚିଂ ବିକାଶ କର୍ମଶାଳା

**କଟକ ଅଫିସ, ୨୭।୮:** ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ଭର୍ଚୁଆଲ ପ୍ଲାଟ୍‌ଫର୍ମରେ କ୍ରିକେଟ କୋଚିଂର ବିକାଶ ନେଇ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ବିଭିନ୍ନ ଅନୁବନ୍ଧିତ ୟୁନିଟ୍‌ରୁ ୯୫ଜଣ ପ୍ରାର୍ଥୀ ଏଥିରେ ଅଂଶଗ୍ରହଣ କରିଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଲେଭଲ-୩ କୋଚ୍ ଆର୍. ଶ୍ରୀକାନ୍ତ, ଲେଭଲ-୨ କୋଚ୍ ପ୍ରଶାନ୍ତ ମହାପାତ୍ର, ପର୍ଫମାନ୍ସ ଆନାଲିଷ୍ଟ ଗଣେଶ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ଦେବାଶିଷ ମହାନ୍ତି, ସଞ୍ଜୟ ରାଉଳ, ଶିବସୁନ୍ଦର ଦାସ, ପ୍ରଜ୍ଞାନ ଓଝାଙ୍କ ସମେତ ରାଜ୍ୟ ସିନିୟର ଦଳର କୋଚ୍ ରଶ୍ମିରଞ୍ଜନ ପରିଡ଼ା ଅତିଥି ଭାବେ ଯୋଗ ଦେଇଥିଲେ। ଓସିଏ ସମ୍ପାଦକ ସଞ୍ଜୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଫୁଟ୍‌ବଲ ଶିକ୍ଷା ପାଇଁ ଇ-ପାଠଶାଳା

**କଟକ ଅଫିସ, ୨୭।୮:** ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ଓ ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ ପକ୍ଷରୁ ଏକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। କରୋନା ମହାମାରୀ ସମୟରେ ଫୁଟ୍‌ବଲ ପ୍ରଶିକ୍ଷଣ ନିମନ୍ତେ ଏକ ଅନ୍‌ଲାଇନ ପୋର୍ଟାଲ ଶୁଭାରମ୍ଭ ହୋଇଛି। ଏହାର ନାମ ରହିଛି ଇ-ପାଠଶାଳା। ଏଥିରେ କେବଳ ୧୮ ବର୍ଷରୁ କମ୍ ବୟସର ଖେଳାଳି ପଞ୍ଜୀକରଣ କରି ପ୍ରଶିକ୍ଷଣ ନେଇ ପାରିବେ ବୋଲି ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ)ର ସମ୍ପାଦକ ଆଶୀର୍ବାଦ ବେହେରା ପ୍ରେସ୍ ବିବୃତ୍ତିରେ କହିଛନ୍ତି।

## ଇଂଲଣ୍ଡ-ପାକିସ୍ତାନ ପ୍ରଥମ ଟି୨୦ ଆଜି

**ମାଞ୍ଚେଷ୍ଟର, ୨୭।୮**

ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଶୁକ୍ରବାର ଇଂଲଣ୍ଡ ଓ ଭ୍ରମଣକାରୀ ପାକିସ୍ତାନ ପ୍ରଥମ ଟି୨୦ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ୧-୦ରେ ବିଜୟୀ ହୋଇ ଇଂଲଣ୍ଡ ଦୀର୍ଘ ଏକ ଦଶନ୍ଧି ପରେ ପାକିସ୍ତାନ ବିପକ୍ଷରେ ଟେଷ୍ଟ ସିରଜରେ ବାଜି ମାରିଛି। ଏହି ସଫଳତାକୁ ଇଂଲଣ୍ଡ ୩ ମ୍ୟାଚ୍ ବିଶିଷ୍ଟ ଏହି ଟି୨୦ ସିରିଜରେ ଦୋହରାଇବାକୁ ପ୍ରୟାସ କରିବ। ଘରୋଇ ପରିବେଶରୁ ମଧ୍ୟ ଫାଇଦା ଉଠାଇବା ଲକ୍ଷ୍ୟରେ ଇଂଲଣ୍ଡ ରହିଛି। ଅନ୍ୟପଟେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ପାକିସ୍ତାନ ଟେଷ୍ଟ ସିରିଜରେ ପରାଜୟ ବରଣ କରିଛି। ଏହାକୁ ପାକିସ୍ତାନ ସହଜରେ ଗ୍ରହଣ କରି ନାହିଁ। ତେଣୁ ଟେଷ୍ଟ ସିରିଜ ପରାଜୟର ପ୍ରତିଶୋଧ ଟି୨୦ରେ ନେବାକୁ ଚାହିଁବ ପାକିସ୍ତାନ।

କୋଭିଡ୍-୧୯ ମହାମାରୀର ପ୍ରକୋପ ଜାରି ରହିଥିବା ବେଳେ ଜୈବ ସୁରକ୍ଷିତ ପରିବେଶରେ ଏହି ଟି୨୦ ସିରିଜ ଆୟୋଜନ ହେବ। ଆଗାମୀ ଟି୨୦ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଏହି ସିରିଜ୍‌ରେ ଉଭୟ ଦଳ ପରୀକ୍ଷା ନିରୀକ୍ଷା କରିବେ ବୋଲି ଆଶା କରାଯାଉଛି। ମ୍ୟାଚ୍‌ରେ ବର୍ଷା ହେବାର ସମ୍ଭାବନା ରହିଛି। ବ୍ୟାଟିଂ ପାଇଁ ମାଞ୍ଚେଷ୍ଟରର ଏହି ପିଚ୍ ବେଶ୍ ଅନୁକୂଳ। ଉଇକେଟ ଫ୍ଲାଟ ଥିବାରୁ ଛକା ଓ ଚୌକାର ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଉଛି। ପ୍ରଥମେ ବ୍ୟାଟିଂ କରି ୧୬୦ ରନ ସଂଗ୍ରହ କରିପାରିଲେ ଏହା ପ୍ରତିପକ୍ଷ ଦଳ ପାଇଁ ଚ୍ୟାଲେଞ୍ଜ୍ ସୃଷ୍ଟି କରିବ। ଉଭୟ ଦଳର ବ୍ୟାଟିଂ ଲାଇନ୍‌ଅପ୍ ଦୃଢ ରହିଛି। ତେବେ ଏହା ସତ୍ତ୍ୱେ ଦୁଇ ଦଳ ବ୍ୟାଟିଂ କୋଲାପ୍ସ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ମହମ୍ମଦ ଆମୀରଙ୍କ ନେତୃତ୍ୱରେ ପାକିସ୍ତାନ ବୋଲିଂ ବିଭାଗ ବେଶ୍ ଶକ୍ତିଶାଳୀ ରହିଛି। ତେବେ ଘରୋଇ ପରିବେଶରେ ଇଂଲଣ୍ଡ ବ୍ୟାଟ୍ସମ୍ୟାନମାନେ ଭ୍ରମଣକାରୀ ଦଳ ପାଇଁ ବିପଦ ସୃଷ୍ଟି କରିବେ।


ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନ ଓ ପାକିସ୍ତାନ ଅଧିନାୟକ ବାବର ଆଜମ।

**ସ୍ଥାନ:** ଓଲ୍ଡ ଟ୍ରାଫୋର୍ଡ, ମାଞ୍ଚେଷ୍ଟର
**ସମୟ:** ରାତି ୧୦.୩୦
**ପ୍ରସାରଣ:** ସୋନୀ ସିକ୍ସ

## ପଜିଟିଭ୍ ପରେ ବାଦ୍ ପଡ଼ିଲେ ପୋଗ୍‌ବା


**ପ୍ୟାରିସ, ୨୭।୮ (ଏପି)**

ଫ୍ରାନ୍ସ ମିଡ୍‌ଫିଲ୍ଡର ପଲ୍ ପୋଗ୍‌ବା କୋଭିଡ୍-୧୯ ପଜିଟିଭ୍ ହୋଇଛନ୍ତି। ଫଳରେ ତାଙ୍କୁ ଜାତୀୟ ଫୁଟ୍‌ବଲ ଦଳରୁ ବାଦ୍ ଦିଆଯାଇଥିବା କୋଚ୍ ଡିଡିଏର୍ ଡେସ୍‌ଚାମ୍ପ ପ୍ରକାଶ କରିଛନ୍ତି। ପୋଗ୍‌ବା ଦଳରେ ସ୍ଥାନ ପାଇବା ପକ୍କା ଥିଲା। ମାତ୍ର ସକାଳେ ପଜିଟିଭ୍ ରିପୋର୍ଟ ଆସିବାକୁ ତାଙ୍କୁ ଶେଷ ମୁହୂର୍ତ୍ତରେ ବାଦ୍ ଦେବାକୁ ହୋଇଥିଲା ବୋଲି ଡେସ୍‌ଚାମ୍ପ ପ୍ରକାଶ କରିଥିଲେ। ସ୍ୱିଡେନ ଓ କ୍ରୋଏସିଆ ବିପକ୍ଷ ଆସନ୍ତା ନ୍ୟାଶନାଲ ଲିଗ୍ କ୍ୱାଲିଫାୟର୍ସ ପାଇଁ ଏହି ମାଞ୍ଚେଷ୍ଟର ୟୁନାଇଟେଡ୍ ମିଡ୍‌ଫିଲ୍ଡରଙ୍କ ସ୍ଥାନରେ ୧୭ ବର୍ଷୀୟ ରେନିଜ ମିଡ୍‌ଫିଲ୍ଡର ଏଡୁଆର୍ଡୋ କାମାଭିଙ୍ଗାଙ୍କୁ ନିଆଯାଇଛି।

## କୋଲକାତାରେ ପୁରସ୍କାର ପାଇବେ ଦୂତୀ

**ଭୁବନେଶ୍ୱର, ୨୭।୮(କ୍ରୀଡ଼ା ପ୍ରତିନିଧି)**

କରୋନା ମହାମାରୀକୁ ଦୃଷ୍ଟିରେ ରଖି ଚଳିତ ବର୍ଷର ଜାତୀୟ କ୍ରୀଡ଼ା ପୁରସ୍କାର ସମାରୋହ ରାଷ୍ଟ୍ରପତି ଭବନରେ ହେବନାହିଁ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ରାଷ୍ଟ୍ରପତି ଭବନରେ ରହି ଭର୍ଚୁଆଲ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରିବେ। ଓଡ଼ିଶାର ଏକମାତ୍ର ଆଥଲେଟ୍‌ଭାବେ ଦୂତୀ ଅର୍ଜୁନ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। କୋଲକାତାରେ ଏକାଧିକ ଆଥଲେଟ୍ ପୁରସ୍କୃତ ହେବାର ଥିବାରୁ ଦୂତୀଙ୍କୁ ସେଠାକୁ ଯାଇ ପୁରସ୍କାର ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ତେଣୁ ଦୂତୀ ଗୁରୁବାର କୋଲକାତାରେ ପହଞ୍ଚିଛନ୍ତି। ଅଗଷ୍ଟ ୨୯ ପୂର୍ବରୁ ପୁରସ୍କାର ଗ୍ରହଣ ସମ୍ପର୍କିତ ରିହର୍ସାଲ କୋଲକାତାରେ ଅନୁଷ୍ଠିତ ହେବ। ଏଥିରେ ଭର୍ଚୁଆଲ କାର୍ଯ୍ୟକ୍ରମରେ କିପରି ପୁରସ୍କାର ପ୍ରଦାନ କରାଯିବ ସେ ସମ୍ପର୍କରେ ଅବଗତ କରାଯିବ। କୋଲକାତା ଯାତ୍ରା ସମୟର ଏକ ଫଟୋ ଦୂତୀ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ତେବେ ବ୍ୟକ୍ତିଗତଭାବେ ସେ କାହାଠାରୁ ପୁରସ୍କାର ଗ୍ରହଣ କରିବେ ସେ ସମ୍ପର୍କରେ ଜାଣିନାହାନ୍ତି ବୋଲି ପ୍ରକାଶ କରିଛନ୍ତି।


ଦୂତୀ ଚାନ୍ଦ

## ୩ ଜାତୀୟ କ୍ରୀଡ଼ା ପୁରସ୍କାର ବିଜେତା କରୋନା ପଜିଟିଭ୍

**ନୂଆଦିଲ୍ଲୀ,୨୭।୮(ପି.ଟି.)**

**ଭର୍ଚୁଆଲ ସେରିମନିରେ ଯୋଗ ଦେବେନି**

ବ୍ୟାଡ୍‌ମିଣ୍ଟନ ତାରକା ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀଙ୍କ ସମେତ ଜାତୀୟ କ୍ରୀଡ଼ା ପୁରସ୍କାର ପାଇବାକୁ ଥିବା ୩ଜଣ କ୍ରୀଡ଼ାବିତ୍ କୋଭିଡ୍-୧୯ ପଜିଟିଭ୍ ବୋଲି ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ତରଫରୁ କୁହାଯାଇଛି। ଶନିବାର ଅଗଷ୍ଟ ୨୯ରେ ଆୟୋଜନ ହେବାକୁଥିବା ଭର୍ଚୁଆଲ ସେରିମନିରେ ଯୋଗ ଦେବେନାହିଁ ବୋଲି ସାଇ ସୂଚନା ଦେଇଛି। କୋଭିଡ୍-୧୯ ମହାମାରୀ କାରଣରୁ ପ୍ରଥମଥର ପାଇଁ ଭର୍ଚୁଆଲ ଜାତୀୟ କ୍ରୀଡ଼ା ପୁରସ୍କାର ଉତ୍ସବ ଆୟୋଜନ ହେବ। ୭୪ଜଣ ବିଜେତାଙ୍କ ମଧ୍ୟରୁ ୬୫ ଜଣ ଏଥିରେ ଯୋଗଦେବେ। ୯ଜଣ ଖେଳାଳି ବିଭିନ୍ନ କାରଣରୁ ଏଥିରେ ଯୋଗ ଦେଇପାରିବେନି। ଏମାନଙ୍କ ମଧ୍ୟରୁ କେତେଜଣ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ଆଉ କେତେଜଣ ସ୍ୱାସ୍ଥ୍ୟଗତ ସମସ୍ୟା ଓ ବିଦେଶରେ ରହିଥିବା କାରଣରୁ ଯୋଗ ଦେଇପାରିବେନି।

ସାତ୍ୱିକ କୋଭିଡ୍-୧୯ ପଜିଟିଭ୍ ବୋଲି ପୂର୍ବରୁ ସୂଚନା ଦେଇସାରିଛନ୍ତି। ଏହି ଉତ୍ସବରେ ୫ ଜଣ ଖେଳରତ୍ନ ଓ ୨୭ଜଣ ଅର୍ଜୁନ ପୁରସ୍କାର ବିଜେତାଙ୍କୁ ପୁରସ୍କୃତ କରାଯିବ। ଉତ୍ସବ ଆୟୋଜିତ ହେବାକୁ ଥିବା ଭେନ୍ୟୁରେ ସବୁ ହେଲ୍‌ଥ ପ୍ରୋଟୋକଲକୁ ଅନୁସରଣ କରାଯିବ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହି ପୁରସ୍କାର ପ୍ରଦାନ କରିବେ।

## ଗାରେଥ୍ ବ୍ୟାରିଙ୍କ ଅବସର

**ୱେଷ୍ଟ ବ୍ରୋମ୍‌ୱିଚ୍, ୨୭।୮ (ଏପି)**

ପ୍ରିମିୟର ଲିଗ୍‌ରେ ସର୍ବାଧିକ ମ୍ୟାଚ ଖେଳି ରେକର୍ଡ କରିଥିବା ଗାରେଥ୍ ବ୍ୟାରି ୩୯ବର୍ଷ ବୟସରେ ଫୁଟ୍‌ବଲରୁ ଅବସର ନେଇଛନ୍ତି। ପ୍ରିମିୟର ଲିଗ୍‌ରେ ସେ ୬୫୩ ମ୍ୟାଚ୍ ଖେଳିଛନ୍ତି। ଗତ ୩ ବର୍ଷ ଧରି ସେ ୱେଷ୍ଟ ବ୍ରୋମ୍‌ୱିଚ୍ ଅଲବିଅନ ପକ୍ଷରୁ ଖେଳି ଆସୁଥିଲେ। ଏହି ଦଳ ଗତ ବର୍ଷ ଟପ୍ ଡିଭିଜନକୁ ଉନ୍ନୀତ ହୋଇପାରିଛି। ବ୍ୟାରି ୧୯୯୭ରେ ଆଷ୍ଟନ ଭିଲାରେ ଯୋଗଦାନ ପୂର୍ବରୁ ବ୍ରିଟନ୍‌ର ୟୁଥ୍ ଟିମ୍‌ରେ ଖେଳୁଥିଲେ। ପରବର୍ତ୍ତୀ ବର୍ଷ ସେ ଭିଲାର ଦଳରେ ପ୍ରଥମ ଥର ସିନିୟର ଦଳରେ ଖେଳିଥିଲେ। ସେତେବେଳେ ତାଙ୍କୁ ୧୭ ବର୍ଷ ବୟସ ହୋଇଥିଲା। ୨୦୦୯ରେ ସେ ମାଞ୍ଚେଷ୍ଟର ସିଟିରେ ଯୋଗ ଦେଇଥିଲେ। ଏହି କ୍ଲବ ତରଫରୁ ସେ ୪୪୧ ମ୍ୟାଚ ଖେଳିଥିଲେ। ବ୍ୟାରିଙ୍କ ସହାୟତାରେ ସିଟି ୨୦୧୨ରେ ପ୍ରିମିୟର ଲିଗ୍ ଟାଇଟଲ ହାସଲ କରିଥିଲା। କ୍ୟାରିୟର ଶେଷରେ ୨୦୧୭ରେ ସେ ୱେଷ୍ଟ ବ୍ରୋମ୍‌ରେ ଯୋଗଦାନ ପୂର୍ବରୁ ୪ ବର୍ଷ ପାଇଁ ଗୁଡିସନ ପାର୍କ ପକ୍ଷରୁ ଖେଳିଥିଲେ। ବ୍ୟାରି ଇଂଲଣ୍ଡ ତରଫରୁ ୫୩ଥର ପ୍ରତିନିଧିତ୍ୱ କରିଛନ୍ତି।


ଗାରେଥ୍ ବ୍ୟାରି

## ଟେନିସ କ୍ରିକେଟ ଆସୋସିଏଶନକୁ ସ୍ୱୀକୃତି

**ପୁରୁଣା ଭୁବନେଶ୍ୱର, ୨୭।୮(ଡି.ଏନ.ଏ.)**


କିଛିବର୍ଷର ବ୍ୟବଧାନ ପରେ ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଓଡ଼ିଶାକୁ ସ୍ୱୀକୃତି ମିଳିଛି। ନୂଆଦିଲ୍ଲୀସ୍ଥିତ ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ ଦ୍ୱାରା ଅନୁବନ୍ଧିତ ହେବାପରେ ରାଜ୍ୟ କର୍ମକର୍ତ୍ତାଙ୍କ ମହଲରେ ସ୍ୱାଭାବିକଭାବେ ଉତ୍ସାହ ପରିଲକ୍ଷିତ ହୋଇଛି। ୨୦୧୬ରେ ଗଠିତ ଏହି ଆସୋସିଏଶନ ୨୦୧୮ରେ ସ୍ୱୀକୃତି ହରାଇଥିଲା। ମାତ୍ର ଜାତୀୟ ଆସୋସିଏଶନ ପୁନର୍ବିଚାର କରିବା ପରେ ଆମକୁ ପୁଣି ରାଜ୍ୟରେ ଟେନିସ କ୍ରିକେଟ ପାଇଁ କାମ କରିବାକୁ ସ୍ୱୀକୃତି ଦେଇଛନ୍ତି ବୋଲି ଏହାର ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି।

# ମନ୍ କି ବାତ୍‌ରେ ଯୁଯୁମୁରାର ଝରଣାପାଣି

**ସମ୍ବଲପୁର,୨୭।୮(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ୍ କୟାକୁଦ ଗ୍ରାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଏକ ପ୍ରକଳ୍ପ ଆରମ୍ଭ ହୋଇଛି। ପାହାଡ଼ରୁ ବହି ଯାଉଥିବା ଝରଣା ପାଣିକୁ ଏକ ବିରାଟ କୁଣ୍ଡରେ ସଂରକ୍ଷିତ କରାଯାଇ ଚାଷ କାମରେ ବ୍ୟବହାର କରାଯାଉଛି। ଏ ସଂକ୍ରାନ୍ତରେ ଏକ ସ୍ୱତନ୍ତ୍ର ଖବର ଧରିତ୍ରୀରେ 'ଚାଷରେ ବ୍ୟବହାର ହେଲା ଝରଣା ପାଣି' ଶୀର୍ଷକରେ ପ୍ରକାଶ ପାଇଥିଲା। ଓଡ଼ିଶା ପୋଷ୍ଟ ବି ଏହି ରିପୋର୍ଟ 'ଦିସ୍ ବ୍ଲକ୍ ହାରବେଷ୍ଟ ଷ୍ଟ୍ରିମ୍ ୱାଟର ଫର ଇରିଗେଶନ'ଶୀର୍ଷକରେ ପ୍ରକାଶ କରିଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ତାଙ୍କ ମନକି ବାତ୍ ଟୁଇଟର ଆକାଉଣ୍ଟରେ ଏହି ପ୍ରକଳ୍ପ ସଂକ୍ରାନ୍ତରେ ଟୁଇଟ୍ କରିଛନ୍ତି। ଏହା ଆତ୍ମନିର୍ଭର ଭାରତ ଯୋଜନାର ଏକ ସଫଳ ଉଦାହରଣ। ବାସ୍ତବରେ ଏହା ଏକ ସକାରାତ୍ମକ ଚିନ୍ତାଧାରା ବୋଲି ଉଲ୍ଲେଖ କରିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଟୁଇଟ୍ ପରେ ସମ୍ବଲପୁର ଜିଲାପାଳ ଶୁଭମ ସକସେନା, ସମ୍ବଲପୁର ଜିଲାପ୍ରଶାସନ ଟୁଇଟର ଆକାଉଣ୍ଟରେ ପ୍ରକାଶିତ ଖବର ଓ ପ୍ରଧାନମନ୍ତ୍ରୀଙ୍କ ଉଲ୍ଲେଖ କରିଥିବା ବାର୍ତ୍ତା ସହ ଗୁରୁବାର ଟୁଇଟ୍ କରିଛନ୍ତି । ଏଥିପାଇଁ ସେ ଯୁଯୁମୁରା ବିଡିଓ ଓ ସମସ୍ତ ଟିମକୁ ଏହି ସଫଳତା ପାଇଁ ପ୍ରଶଂସା କରିଛନ୍ତି । ସେହିପରି ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ମଧ୍ୟ ଏ ନେଇ ଖୁସିବ୍ୟକ୍ତ କରିଛନ୍ତି । ଏ ସଂକ୍ରାନ୍ତରେ ସେ ସୋସିଆଲ ମିଡିଆରେ ଉଲ୍ଲେଖ କରିବା ସହ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି, ଏହା ଅତ୍ୟନ୍ତ ଖୁସିର ବିଷୟ । ମୋ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଯୁଯୁମୁରା ବ୍ଲକରେ ଝରଣା ପାଣିକୁ ସଂରକ୍ଷିତ ରଖାଯାଇ ଜଳସେଚନ ପାଇଁ ବ୍ୟବହାର କରାଯାଉଛି । ପ୍ରଧାନମନ୍ତ୍ରୀ ତାଙ୍କ



ପ୍ରଧାନମନ୍ତ୍ରୀଙ୍କ ଟୁଇଟ ।

ଟୁଇଟ୍‌ରେ ସକାରାତ୍ମକ ଚିନ୍ତାଧାରା ବୋଲି ଏପରି ପଦକ୍ଷେପକୁ ଉଲ୍ଲେଖ କରିଛନ୍ତି। ପୂର୍ବରୁ ମଧ୍ୟ ନାର୍ବାଡ ଓ ଏକ ଏନଜିଓ ସହାୟତାରେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ୫ଟି ପ୍ରକଳ୍ପ କାମ ସରିଛି ।

- ପ୍ରକଳ୍ପ ଟିମ୍‌କୁ ପ୍ରଶଂସା କଲେ ଜିଲାପାଳ
- ଖୁସିବ୍ୟକ୍ତ କଲେ ବିଧାୟକ

ପାନିପୋଷି, ତାଳଝରଣ, ରେଢ଼ାଖୋଲର ଖ୍ରୀଷ୍ଟିଆନପଡା, ବନ୍ତଲୋଇ ଓ ବରହ୍ମପୁରାଠାରେ ଝରଣା ପାଣିକୁ ସଂରକ୍ଷିତ କରି ବ୍ୟବହାର କରାଯାଉଛି। ଏହାସହ ୪ଟି ପ୍ରକଳ୍ପ ନିର୍ମାଣ କାମ ଜାରି ରହିଛି । ଆଦିବାସୀ ବହୁଳ ଏହି ଅଞ୍ଚଳରେ ଏଭଳି ପ୍ରକଳ୍ପ ଅଧିକ ସଂଖ୍ୟାରେ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି। ଆଗାମୀ ଦିନରେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ଏଭଳି ଅନେକ ପ୍ରକଳ୍ପ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, କୟାକୁଦ ଗ୍ରାମ ନିକଟ ସଦର ରେଞ୍ଜ କୁଟୁରଲଟିଆଠାରେ ଏକ ଝରଣା ବହି ଯାଉଛି। ଏହି ଝରଣା ପାଣିକୁ ସଂରକ୍ଷଣ କରି ଚାଷରେ ବ୍ୟବହାର କରିବାକୁ ଯୁଯୁମୁରା ବ୍ଲକ୍ ପ୍ରଶାସନ ଚିନ୍ତା କରିଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପ୍ରଥମେ ଝରଣା ପାଣିକୁ ଅଟକାଇବା ପାଇଁ ଡାଇଭର୍ସନ ୱାଲ ନିର୍ମାଣ କରାଗଲା। ଏଥିରେ ପ୍ରାୟ ୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଡାଏଭର୍ସନ ୱାଲଠାରୁ ୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପ୍ରାୟ ୩୫୦ମିଟରର କଂକ୍ରିଟ ଡ୍ରେନ୍ ନିର୍ମାଣ କରାଯାଇଛି । ୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପ୍ରାୟ ୨ କି.ମି. ଦୂର ପର୍ଯ୍ୟନ୍ତ ମାଟି କେନାଲ ତିଆରି କରାଯାଇଛି । କୟାକୁଦ ଗ୍ରାମରେ ଥିବା କଟାକୁ ଝରଣା ପାଣି ଯାଇ ଗଚ୍ଛିତ ରହୁଛି। ଏହି ପାଣିକୁ ଗ୍ରାମରେ ଚାଷୀମାନେ ଚାଷ କାର୍ଯ୍ୟରେ ବ୍ୟବହାର କରୁଛନ୍ତି । ଏହି ପାଣିରେ ପ୍ରାୟ ୫୦ ହେକ୍ଟର ଜମିରେ ଚାଷ ହେଉଥିବା ଆକଳନ କରାଯାଇଛି।

# କରୋନା ଯୋଦ୍ଧାଙ୍କ ପିଲାଙ୍କ ସ୍କୁଲ ଫି ଛାଡ଼ ହେଉ

**ଭୁବନେଶ୍ୱର,୨୭।୮(ବ୍ୟୁରୋ)**

**ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଚିଠି**

କରୋନା ସ୍ଥିତିରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଫି ଛାଡ଼ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗୁରୁବାର କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଚିଠି ଲେଖିଛନ୍ତି। କରୋନା ଯୋଦ୍ଧା ପିଲାମାନଙ୍କ ପାଇଁ ସମ୍ପୂର୍ଣ୍ଣ ସ୍କୁଲ ଫି ଛାଡ କରିବା ଲାଗି କେନ୍ଦ୍ରମନ୍ତ୍ରୀ ଅନୁରୋଧ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି, ଆର୍ଥିକ ସମସ୍ୟା ଦେଇ ଗତି କରୁଥିବା ଲୋକମାନଙ୍କ ଠାରୁ ବହୁତ ଚିଠି ମିଳୁଛି। ଛାତ୍ରୀଛାତ୍ରମାନେ ପାଠପଢା ସମ୍ପର୍କିତ ଯେଉଁ ସମସ୍ୟା ଭୋଗୁଛନ୍ତି ତାହା ମଧ୍ୟ ଚିଠିରେ ଉଲ୍ଲେଖ ରହିଛି। ତେବେ ଗରିବ ପରିବାରରୁ ଆସୁଥିବା ଛାତ୍ରୀଛାତ୍ରମାନେ ବହୁ ସମସ୍ୟା ଦେଇ ଗତି କରୁଛନ୍ତି। ଲୋକମାନଙ୍କ ଜୀବନ ଜୀବିକା ମଧ୍ୟ ବାଧାପ୍ରାପ୍ତ ହୋଇଛି। ତେଣୁ ଏଭଳି ଖରାପ ସମୟରେ ସରକାର ସେମାନଙ୍କ ପାଖରେ ଠିଆ ହେବାର ଆବଶ୍ୟକତା ରହିଛି। ଏହାସହ କରୋନା ଯୋଦ୍ଧାମାନେ ଏଭଳି ସମୟରେ ଯେଉଁ ପରିଶ୍ରମ କରୁଛନ୍ତି ସେକଥା ଭାବିବା ଦରକାର। ତେଣୁ କରୋନା ଯୋଦ୍ଧା ପିଲାମାନଙ୍କ ପାଠପଢା ଖର୍ଚ୍ଚ ସମ୍ପୂର୍ଣ୍ଣ ଛାଡ କରାଯାଉ। ଏହାସହ ଅନ୍ୟ ଛାତ୍ରୀଛାତ୍ରମାନଙ୍କ ପାଇଁ ୫୦ ପ୍ରତିଶତ ଫି ଛାଡ କରାଯାଉ। ଶିକ୍ଷାନୁଷ୍ଠାନ ବନ୍ଦ ଥିବାବେଳେ ହଷ୍ଟେଲ ଫି ପୁରା ଛାଡ କରାଯାଉ। ମହାମାରୀ କରୋନା ଦିନକୁ ଦିନ ଭୟଙ୍କର ରୂପ ଧାରଣ କରିବାରେ ଲାଗିଛି। ପ୍ରତ୍ୟେକ ଦିନ ଜଣଙ୍କ ପରେ ଜଣଙ୍କ ମୃତ୍ୟୁ ହେଉଛି। ଏଭଳି ପରିସ୍ଥିତିରେ ଯୋଦ୍ଧାମାନେ କରୋନା ବିରୋଧରେ ଲଢେଇ ଜାରି ରଖିଛନ୍ତି। ଏପରି ସମୟରେ କରୋନା ଯୋଦ୍ଧାଙ୍କ ପିଲାମାନଙ୍କ ପାଇଁ ସ୍କୁଲ ଫି ଛାଡ କରିବା ଦରକାର ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି।

# ବୈଷୟିକ ଜ୍ଞାନକୌଶଳ ପାଇଁ ଓଡ଼ିଶାକୁ ୨ ପୁରସ୍କାର

**ଭୁବନେଶ୍ୱର,୨୭।୮(ବ୍ୟୁରୋ)**

ଓଡ଼ିଶା ୫-ଟି (ଟିମ୍‌ୱାର୍କ, ଟେକ୍ନୋଲୋଜି, ଟ୍ରାନ୍ସପରେନ୍ସି, ଟାଇମ)କୁ ଠିକ୍ ମାର୍ଗରେ କାର୍ଯ୍ୟକାରୀ କରି ବୈଷୟିକ କ୍ଷେତ୍ରରେ ଓଡ଼ିଶା ଦୁଇଟି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। ନିକଟରେ ଶେଷ ହୋଇଥିବା ଟେକ୍ ସଭା ଆୱାର୍ଡ କାର୍ଯ୍ୟକ୍ରମରେ ବୈଷୟିକ ଜ୍ଞାନ କୌଶଳ ଆଇଏଲ୍‌ଏମ୍‌ଏସ୍ ଏବଂ ରାଜ୍ୟ କୋଭିଡ୍ ଡାସ୍‌ବୋର୍ଡ ପାଇଁ ଉକ୍ତ ଦୁଇଟି ପୁରସ୍କାର ରାଜ୍ୟକୁ ମିଳିଛି। ଓଡ଼ିଶା ସରକାର ଇଣ୍ଟିଗ୍ରେଟେଡ୍ ଲିଗାଲ ମନିଟରିଂ ସିଷ୍ଟମ(ଆଇଏଲ୍‌ଏମ୍‌ଏସ୍)କୁ ୧୨ଟି ବିଭାଗରେ କାର୍ଯ୍ୟକାରୀ କରି ଜଟିଳ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟରେ ସମାଧାନ କରିବାରେ ସଫଳ ହୋଇଛନ୍ତି। ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ଦୈନିକ ହାରାହାରି ୧୦ଟି ମାମଲା ଆସୁଥିଲା। ବର୍ଷକୁ ପ୍ରାୟ ୩ ହଜାର କେସ୍ ହିସାବରେ ୨୦୧୭ ସୁଦ୍ଧା ବିଭାଗରେ ପ୍ରାୟ ୮୦ ହଜାର ମାମଲା ବିଭାଗ ବିରୋଧରେ ରହିଥିଲା। ଆଇଏଲ୍‌ଏମ୍‌ଏସ୍ କାର୍ଯ୍ୟକାରୀ ହେବା ଦ୍ୱାରା ୨୦୨୦ ସୁଦ୍ଧା ଏହି ମାମଲା ୨୪ ହଜାରକୁ ଖସି ଆସିଛି। ଆଇଏଲ୍‌ଏମ୍‌ଏସ୍ ଦ୍ୱାରା ରାଜ୍ୟ ସରକାରଙ୍କ ବିରୋଧରେ କରାଯାଉଥିବା ମାମଲାଗୁଡ଼ିକୁ ଠାବ କରାଯାଇ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା ସହ ନିର୍ଦ୍ଧାରିତ ସମୟରେ ମାମଲାକୁ ପରିଚାଳନା ଓ ଫଇସଲା କରିବା କ୍ଷେତ୍ରରେ ବିଶେଷ ଉପଯୋଗୀ ହୋଇପାରିଛି। ଯାହାକି ଅଦାଲତ ଅବମାନନା ଭଳି ପରିସ୍ଥିତି ରୋକିବା ପାଇଁ ବିଭାଗଗୁଡିକ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇପାରୁଛି। ଏହାଦ୍ୱାରା ବିଭାଗଗୁଡିକର କୋର୍ଟ କଚେରିରେ ସମୟ ନଷ୍ଟ ନ ହେବା ସହ ବିବାଦୀୟ ବିଷୟଗୁଡ଼ିକୁ ଶୀଘ୍ର ସମାଧାନ କରାଯାଇ ପାରୁଛି। ସେହିପରି କରୋନା ବିଶ୍ଳେଷଣ ଓ ତଥ୍ୟ ପ୍ରଦାନ ପର୍ଯ୍ୟାୟରେ ଓଡ଼ିଶା କୋଭିଡ୍ ଡ୍ୟାସ୍‌ବୋର୍ଡକୁ ପୁରସ୍କୃତ କରାଯାଇଛି। ରାଜ୍ୟ ସରକାର ସନ୍ଦିଗ୍ଧ କୋଭିଡ୍ ଭୂତାଣୁ ବାହନକାରୀଙ୍କୁ ଚିହ୍ନଟ କରିବା ସହ କୋଭିଡ୍ ଭୂତାଣୁ ସଂକ୍ରମିତ ଅତି ସମ୍ବେଦନଶୀଳ ଜନସଂଖ୍ୟାକୁ ଚିହ୍ନଟ କରିବା, ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାକୁ ତଦାରଖ କରିବା ଏବଂ ସାମାଜିକ ଦୂରତ୍ୱକୁ କଡ଼ାକଡ଼ି ପାଳନ କରିବା କ୍ଷେତ୍ରରେ ଡ୍ୟାସ୍‌ବୋର୍ଡକୁ ବ୍ୟବହାର କରାଯାଇଛି। ଏସବୁ ଯୋଗୁ ରୋଗ ନିୟନ୍ତ୍ରଣ କରାଯିବା ସହ ମୃତ୍ୟୁହାରକୁ ମଧ୍ୟ ହ୍ରାସ କରାଯାଇ ପାରିଛି। କୋଭିଡ୍ ନିୟନ୍ତ୍ରଣ କରିବା ପାଇଁ ଯୋଜନା ଓ ଭିତ୍ତିଭୂମି ପ୍ରସ୍ତୁତ କରିବା କ୍ଷେତ୍ରରେ ମଧ୍ୟ ଡ୍ୟାସ୍‌ବୋର୍ଡର ଉଲ୍ଲେଖନୀୟ ଭୂମିକା ରହିଛି। ଏଥିସହିତ ବିଶ୍ୱର କୋଣ ଅନୁକୋଣରୁ ଗବେଷକଙ୍କ ପାଇଁ ଏହା ଉପାଦେୟ ହୋଇ ପାରିଛି । ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ ଏବଂ ସୂଚନା ପ୍ରଯୁକ୍ତି ବିଭାଗ ବୈଷୟିକ ଜ୍ଞାନକୌଶଳ ଜରିଆରେ କୋଭିଡ୍ ପରିଚାଳନା ଓ ଜନସାଧାରଣଙ୍କୁ ସରକାରୀ ସେବା ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି।


ବଲାଙ୍ଗୀର ଜିଲା ଲୋଇସିଂହାରେ ବୁଧବାର ଲଗାଣ ବର୍ଷା ଯୋଗୁ ନାରାୟଣ ସାଗରର ଫେର ଘାଇରେ ଉଛୁଳା ପାଣି ତଳମୁଣ୍ଡକୁ ବହି ଯାଉଥିବାବେଳେ ମାଛ ଧରିବା ପାଇଁ ଲୋକମାନେ ଏକତ୍ରିତ ହୋଇଛନ୍ତି। ପଞ୍ଚାୟତ କର୍ତ୍ତୃପକ୍ଷ ଅଗଷ୍ଟ ୩୦ ତାରିଖ ଯାଏ ଲୋଇସିଂହାକୁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ହେଲେ ଲୋକେ ଏଥିପ୍ରତି ସଚେତନ ନ ଥିବା ଏଥିରୁ ସ୍ପଷ୍ଟ ହୋଇଛି। ଫଟୋ:ସୁଶାନ୍ତ

# ଅକ୍ସଫୋର୍ଡ ୟୁନିଭରସିଟିରେ ପିଏଚ୍‌ଡି କରିବେ ବଲାଙ୍ଗୀରର ଶୀତଲ



**ବଲାଙ୍ଗୀର ଅଫିସ, ୨୭।୮-** ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡାର ଝିଅ ଶୀତଲ ଜୈନ୍ ଏକ ବିରଳ ଗୌରବର ଅଧିକାରୀ ହୋଇଛନ୍ତି । ଇଂଲଣ୍ଡର ଅକ୍ସଫୋର୍ଡ ୟୁନିଭରସିଟିରେ ଇତିହାସ ବିଷୟରେ ପିଏଚ୍‌ଡି କରିବା ପାଇଁ ସେ ମନୋନୀତ ହୋଇଛନ୍ତି। ଅକ୍ସଫୋର୍ଡ ୟୁନିଭରସିଟିରେ ଇତିହାସ ବିଭାଗରେ ପିଏଚ୍‌ଡି ପାଠ୍ୟକ୍ରମ ପାଇଁ ୫୪ଟି ସିଟ୍ ରହିଛି। ଏଥିରୁ କେବଳ ଭାରତୀୟଙ୍କ ପାଇଁ ଉର୍ଦ୍ଧ୍ୱଷ୍ଟ ଗୋଟିଏ ମାତ୍ର ସିଟ୍ ପାଇଁ ଶୀତଲ ଯୋଗ୍ୟ ବିବେଚିତ ହୋଇଥିବାରୁ ଏହା ରାଜ୍ୟ ପାଇଁ ଗୌରବ ଆଣି ଦେଇଛି ।

# ୮ ବର୍ଷର ରେକର୍ଡ ୮ ମାସରେ ଭାଙ୍ଗିଲା

**କଟକ ଅଫିସ,୨୭।୮**

**ଜମାଲପୁରରୁ ୪ କେଜି ବ୍ରାଉନସୁଗାର ଜବତ; ୨ଗିରଫ**

ଗତ ୮ମାସ ଭିତରେ ଓଡ଼ିଶା ପୋଲିସର ସ୍ୱତନ୍ତ୍ର ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ମୋଟ୍ ୨୦ କେଜି ୭୩୬ ଗ୍ରାମ ବ୍ରାଉନସୁଗାର ଜବତ କରି ସାରିଲାଣି। ଗତ ୮ବର୍ଷ ଭିତରେ ଜବତ ହୋଇଥିବା ବ୍ରାଉନସୁଗାର ପରିମାଣ ତୁଳନାରେ ଏହା ସର୍ବାଧିକ। ସେହିପରି ଗଞ୍ଜେଇ ଜବତ ମଧ୍ୟ ଗତ ଦୁଇ ବର୍ଷର ରେକର୍ଡକୁ ଟପିଛି ବୋଲି ଡିଜିପି ଅଭୟ ଗୁରୁବାର ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ରାଜ୍ୟରେ ନିଶାଦ୍ରବ୍ୟର ଚୋରା କାରବାର ବଢ଼ିବାରେ ଲାଗିଛି। ମାର୍ଚ୍ଚ ୨୨ରୁ ଲକ୍‌ଡାଉନ ଓ କରୋନା କଟକଣାଜନିତ ଯାଞ୍ଚ ଜାରି ରହିଥିଲେ ସୁଦ୍ଧା ଚଳିତବର୍ଷ ନିଶାଦ୍ରବ୍ୟ କାରବାର ବିଗତବର୍ଷଗୁଡ଼ିକୁ ପଛରେ ପକାଇଛି। ବୁଧବାର ରାତିରେ ଏସ୍‌ଟିଏଫ୍ ଟିମ୍ ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ଜମାଲପୁର ନିକଟ ଏନଏଚ୍-୧୬ରୁ ୪ କେଜି ୨୫ ଗ୍ରାମର ବ୍ରାଉନସୁଗାର ଜବତ କରିଥିଲା। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି ତଦନ୍ତ ଆଗେଇଛି। ବ୍ରାଉନସୁଗାର ଘଟଣାରେ ଚଳିତବର୍ଷ ପୋଲିସ ୨୨ଟି ମାମଲା ରୁଜୁ କରି ସାରିଲାଣି। ଏଥିରେ ୪୩ଜଣ ଡ୍ରଗ ମାଫିଆ ଗିରଫ ହୋଇଛନ୍ତି। ଗତ ଜୁନ ୧୯ରେ ମଧ୍ୟ ଓଡ଼ିଶା ପୋଲିସ ୪କେଜି ୪୫୮ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା। ଏହାବ୍ୟତୀତ ଜୁଲାଇ ୧୯ରେ ୩ କେଜି ୨୮୫ ଗ୍ରାମ, ମାର୍ଚ୍ଚ ୧୯ରେ ୨କେଜି ୭୨୯ ଗ୍ରାମ, ମାର୍ଚ୍ଚ ୧୧ରେ ୧କେଜି ୭୪୯ ଗ୍ରାମ, ଜୁନ ୨ରେ ୧କେଜି ୦୮ ଗ୍ରାମ, ଚଳିତମାସ ୧୮ ତାରିଖରେ ୧କେଜି ୩୨୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏସ୍‌ଟିଏଫ୍‌ର ଚଢ଼ାଉକୁ ମିଶାଇ ଓଡ଼ିଶାରୁ ଚଳିତବର୍ଷ ମୋଟ୍ ୨୭.୦୫ ଗ୍ରାମର ବ୍ରାଉନସୁଗାର ଜବତ ହୋଇଛି ବୋଲି ଡିଜିପି ଅଭୟ ଏହି ଅବସରରେ ସୂଚନା ଦେଇଛନ୍ତି। ସେହିପରି ଗତ ଜାନୁୟାରୀ ପହିଲାରୁ ଇତିମଧ୍ୟରେ ଓଡ଼ିଶା ପୋଲିସ ୬୩୦ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ୨୦୧୮ରେ ଜବତ ଗଞ୍ଜେଇର ପରିମାଣ ଥିଲା ୫୨୩.୮୯ କୁଇଣ୍ଟାଲ। ୨୦୧୯ରେ ଓଡ଼ିଶା ପୋଲିସ ୬୧୬.୫୦ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିଲା।

କେନ୍ଦ୍ରାଞ୍ଚଳ ଗୋଇନ୍ଦା ବିଭାଗଠାରୁ ମିଳିଥିବା ସୂଚନା ମୁତାବକ, ଗତ ଜାନୁୟାରୀ ପହିଲାରୁ ଜୁନ ପର୍ଯ୍ୟନ୍ତ ମୋଟ୍ ୭ଟି ସ୍ଥାନରୁ ବ୍ରାଉନସୁଗାର ଜବତ ହୋଇଥିଲା। ଓଡ଼ିଶାରେ ବ୍ରାଉନସୁଗାର ବେପାରର ହବ୍ ପାଲଟିଛି ବାଲେଶ୍ୱର ଜିଲା। ବାଲେଶ୍ୱରର ଜଳେଶ୍ୱରରୁ ବିଭିନ୍ନ ସ୍ଥାନକୁ ବ୍ରାଉନସୁଗାର ଚାଲାଣ ହେଉଛି। ବ୍ରାଉନସୁଗାର ମୁଖ୍ୟତଃ ଆଫଗାନିସ୍ତାନରୁ ଆସୁଛି। ବେପାରୀମାନେ ଆଫଗାନିସ୍ତାନରୁ ପଶ୍ଚିମବଙ୍ଗର ମେଦିନାପୁର ଯାଏ ଏହାକୁ ପହଞ୍ଚାଉଛନ୍ତି। ସେଠାରୁ ଏହାକୁ ଉଭୟ ଜଳପଥ ଓ ସ୍ଥଳପଥ ଦେଇ ଜଳେଶ୍ୱରକୁ ଅଣାଯାଉଛି। ପରେ କିଛି ଯୁବଗୋଷ୍ଠୀଙ୍କ ଦ୍ୱାରା ଏହାକୁ ବିକ୍ରି କରାଯାଉଛି। କଟକ, ଖୋର୍ଦ୍ଧା, ବାଲେଶ୍ୱର, ଭଦ୍ରକରେ ବ୍ରାଉନସୁଗାର ବେପାରୀ ବେଶ୍ ସକ୍ରିୟ ଥିବା ବେଳେ ଏହି ଚେର ଜଗତସିଂପୁର, କେନ୍ଦ୍ରାପଡ଼ାକୁ ମାଡ଼ିଲାଣି ବୋଲି କେନ୍ଦ୍ରାଞ୍ଚଳ ଗୋଇନ୍ଦା ବିଭାଗ ପକ୍ଷରୁ କୁହାଯାଇଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ